R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୪୮
ତିଥି : ତ୍ରୟୋଦଶୀ
୧୩ ଜୁନ୍ ୨୦୨୬, ଶନିବାର
ସମ୍ବଲପୁର
ପୃଷ୍ଠା- ୧୬, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 248
13 June 2026, Saturday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

**ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି**

# ୨ ବର୍ଷରେ ଦୁଇ ଗୁଣା ବିକାଶ




- ଲାଗୁ ହୋଇଛି ୧୨୧ ନୂଆ ଯୋଜନା
- ଚଳିତବର୍ଷ ୪ ବିଶ୍ୱବିଦ୍ୟାଳୟ
- ତିନି ନୂଆ ମେଡିକାଲ କଲେଜ ହେବ
- ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଲକ୍ଷ୍ୟ
- କେଜିରୁ ପିଜି ଯାଏ ଦେୟମୁକ୍ତ ଶିକ୍ଷା
- ମିଶନ ମୋଡରେ ମୌଳିକ ସୁବିଧା ପୂରଣ
- ୨୦ ଲକ୍ଷ କୋଟିର ବଡ ନିବେଶ ଆସିଛି

ଭୁବନେଶ୍ୱର, ୧୨।୬ (ସବ୍ୟୁ) : ବିଜେପି ନେତୃତ୍ୱ ସରକାରକୁ ୨ ବର୍ଷ ପୂରଣ ହେଉଛି । ଠିକ୍ ୨ ବର୍ଷ ପୂର୍ବରୁ ଆଜିର ଦିନରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଆମ ସରକାର ଓଡିଶାର ଦାୟିତ୍ୱ ଗ୍ରହଣ କରିଥିଲା । ତାପର ଠାରୁ ଓଡିଶାରେ ଆରମ୍ଭ ହୋଇଥିଲା ଲୋକଙ୍କ ସରକାର । ଏହି ୨ ବର୍ଷ ଆମ ସରକାରଙ୍କ ପ୍ରତ୍ୟେକ ମନ୍ତ୍ରୀ ଜନସାଧାରଣଙ୍କ ସହିତ ସିଧାସଳଖ ମିଶିଛୁ । ସେମାନଙ୍କ ସୁଖ-ଦୁଃଖ ବୁଝିଛୁ ଏବଂ ସେମାନଙ୍କ ଆଶା ଆକାଂକ୍ଷା ଅନୁରୂପ ଯୋଜନା ପ୍ରସ୍ତୁତ କରି ଓଡିଶା ପାଇଁ ଏକ ସୁନ୍ଦର ଭବିଷ୍ୟତର ରୂପରେଖ ପ୍ରସ୍ତୁତ କରିଛୁ ଏବଂ ସେହି ଆଧାରରେ କାର୍ଯ୍ୟକ୍ରମ ଆଗେଇ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି ।

ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ସାମ୍ବାଦିକଙ୍କୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ଓଡିଶା ପାଇଁ ସ୍ୱଷ୍ଟ ଲକ୍ଷ୍ୟ ହାସଲ କରିବା ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ ହୋଇସାରିଛି । ସେହି ରୋଡମ୍ୟାପରେ ଆମେ ଓଡିଶାବାସୀଙ୍କ ଅଗ୍ରଗତି ଦିଗରେ ଆଗକୁ ବଢିବା ଆରମ୍ଭ କରିଛୁ । ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶାର ଏହି ଲକ୍ଷ୍ୟ ହାସଲ ଦିଗରେ, ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେଉଛନ୍ତି । ଡବଲ ଇଞ୍ଜିନ୍ ସରକାରର ଡବଲ ଇମ୍ପାକଫ ଓଡିଶାର ପ୍ରତ୍ୟେକ ଗାଁ ଓ ପ୍ରତ୍ୟେକ ସହରରେ ପ୍ରତିଫଳିତ ହେଉଛି । ଏହି ୨ ବର୍ଷରେ ସରକାରଙ୍କ ପଦକ୍ଷେପ ଯୋଗୁ ବିକାଶ ଓ ସଶକ୍ତିକରଣ କ୍ଷେତ୍ରରେ ଦୃଶ୍ୟମାନ ପରିବର୍ତ୍ତନ ଆସିଛି । ଓଡିଶାବାସୀ ଏବେ ପୂର୍ବ ଅପେକ୍ଷା ନିଜର ଭବିଷ୍ୟତକୁ ନେଇ ଅଧିକ ଆଶାବାଦୀ ଓ ଆତ୍ମବିଶ୍ୱାସୀ ହୋଇପାରିଛନ୍ତି । ଆମର ନୀତି ହେଉଛି, ବିକାଶର ସୁଫଳରେ ସମସ୍ତେ ଭାଗୀଦାର । ବିଶେଷକରି, ଗରିବ ଲୋକର ପ୍ରଥମ ଅଧିକାର ରହିଛି । ବିଗତ ୨ ବର୍ଷରେ ୧୨୧ ଟି ନୂଆ ଯୋଜନା, କାର୍ଯ୍ୟକ୍ରମ କିମ୍ବା ପଦକ୍ଷେପ ଘୋଷଣା କରିଛୁ । ଯାହା ଓଡିଶାକୁ ସମୃଦ୍ଧ ଓଡିଶାର ନିକଟତର କରୁଛି ।

ଆମ ସରକାରଙ୍କ ପ୍ରଥମ କ୍ୟାବିନେଟରେ ମହିଳାଙ୍କ ପାଇଁ ପ୍ରଥମ ଯୋଜନା ସୁଭଦ୍ରା ଥିଲା । ଏହି ଦୁଇ ବର୍ଷରେ ୨୦ହଜାର ୬୦୦ଶହ କୋଟି ଟଙ୍କା ଯୋଗାଇ ଦିଆଯାଇଛି । ୧୩ଶହ କନ୍ୟାଙ୍କୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସାମୂହିକ ବିବାହ କରାଯାଇଛି । ୨୩ଲକ୍ଷ ୫୦ହଜାର ଲକ୍ଷପତି ଦିଦି ସୃଷ୍ଟି କରି ଦେଶରେ ରେକଡ କରିଛୁ । ଗତ ୭ତାରିଖ ସୁଦ୍ଧା ୧୮ ଲକ୍ଷ ୮୩ହଜାର ଚାଷୀଙ୍କ ଠାରୁ ୭୭ଲକ୍ଷ ମେଟ୍ରିକ ଟନ୍ ଧାନ କିଣା ଯାଇଛି । କୃଷକ ସମୃଦ୍ଧି ଯୋଜନା ଆସିଛି । ଦୁଇ ବର୍ଷରେ ୨୬ହଜାରରୁ ଅଧିକ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ଗତ ସରକାର ସରକାରୀ ନିଯୁକ୍ତିରେ ପ୍ରତିବନ୍ଧକ ସାଜିଥିଲା । ୧୮ଟି ନୂଆ ସରକାରୀ ମହାବିଦ୍ୟାଳୟ ଖୋଲିଛନ୍ତି । କେଜିରୁ ପିଜି ଯାଏଁ ସମ୍ପୂର୍ଣ୍ଣ ଦେୟମୁକ୍ତ ପାଠ ପଢ଼ିବେ ପିଲା ମୁଁ ଘୋଷଣା କରୁଛି । ପରିବାର ଲୋକ ଅର୍ଥକରେ ଆଉ ସମସ୍ୟାରେ ପଡ଼ିବେ ନାହିଁ । ଚଳିତ ବର୍ଷ ୪ଟି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବ । ଏଥିସହ ଜଗତସିଂହପୁର, ଢେଙ୍କାନାଳ, ଭଦ୍ରକରେ ନୂଆ ମେଡିକାଲ କଲେଜ ସ୍ଥାପନ ହେବ ବୋଲି ଶ୍ରୀ ମାଝୀ ଘୋଷଣା କରିଛନ୍ତି ।

ପୂର୍ବ ସରକାରକୁ ଟାର୍ଗେଟକରି କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଗତ ଥର ପରି ଏଥର ବି ଆପଣମାନେ ଖୋଲା ମଞ୍ଚରେ ପ୍ରଶ୍ନ କରି ପାରୁଛନ୍ତି । ତଥା କଥିତ ୨୪ ବର୍ଷିଆ ଶାସନ ସମୟରେ ଆପଣମାନେ କେତେଦୂର ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଏପରି ଖୋଲାଖୋଲି ଭାବେ ପ୍ରଶ୍ନ ପଚାରିବାକୁ ସୁଯୋଗ ପାଇଥିଲେ ଆପଣମାନେ ତାହା ଜାଣିଛନ୍ତି । ପୂର୍ବ ସରକାର କେବଳ ରଙ୍ଗମରା ଛଡ଼ା ଶିକ୍ଷା କ୍ଷେତ୍ରରେ ଆଉ କିଛି କରିନାହାନ୍ତି । ତିନିଦିନ ତଳେ ମୁଁ ସରକାରଙ୍କ ଅନେକ ସଫଳତା ବିଷୟରେ ସୂଚନା ଦେଇଥିଲି । ତେଣୁ, ଆଜି ସେ ସବୁର ପୁନରାବୃତ୍ତି କରୁନାହିଁ ।

ଆଉ ପ୍ରାୟ ଦୁଇ ମାସ ପରେ ଆମେ ସ୍ୱାଧୀନତା ଦିବସ ପାଳିବା, କିନ୍ତୁ ୭୯ ବର୍ଷ ବିତିଯିବା ପରେ ବି ରାଜ୍ୟର ସମସ୍ତ ଗ୍ରାମକୁ ନାଗରିକଙ୍କ ମୌଳିକ ସୁବିଧା ଯେପରିକି ବିଜୁଳି, ପିଇବା ପାଣି ଏବଂ ସବୁଦିନିଆ ସଡକ ଯୋଗାଇ ଦିଆଯାଇ ପାରିନଥିଲା । ଏଥିପାଇଁ ୨୪ ବର୍ଷ ସରକାର ପଦକ୍ଷେପ କାହିଁକି ଗ୍ରହଣ କରିନଥିଲା ? ଏ ସବୁ ମୌଳିକ ସୁବିଧା ଯୋଗାଇବାକୁ ତାଙ୍କ ହାତ କିଏ ବାନ୍ଧିଥିଲା? ଏହି ଐତିହାସିକ ଭୁଲକୁ ସୁଧାରିବା ପାଇଁ ଆମ ସରକାର ଅଣ୍ଟା ଭିଡିଛି ଏବଂ ଆଗାମୀ ୨୦୨୭ ଶେଷ ସୁଦ୍ଧା ସବୁ ଗ୍ରାମକୁ ମୌଳିକ ସୁବିଧା ପହଞ୍ଚାଇବା ପାଇଁ ମିଶନ ପାଓ୍ୱାର ଗଠନ କରିଛି । ଏହି ଦିଗରେ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ଏବଂ ଆମେ ନିଶ୍ଚିତ ଭାବେ ସଫଳ ହେବୁ ।

## ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଆରମ୍ଭ

ଭୁବନେଶ୍ୱର, ୧୨।୬ (ସବ୍ୟୁ) : ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଆଜିଠାରୁ ଆରମ୍ଭ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସମ୍ପର୍କରେ ସୂଚନା ଦେଇଛନ୍ତି । ପ୍ରଦର୍ଶନୀ ପଡ଼ିଆରେ ଏକ ଉତ୍ସବରେ ମୁଖ୍ୟମପନ୍ତ୍ରୀ ଏଡି ଯୋଜନାର ଶୁଭାରମ୍ଭ କରି କହିଛନ୍ତି ଯେ ଏହା କେବଳ ଏକ ଯୋଜନା ନୁହେଁ । ଆମ ସରକାରଙ୍କ ଜନକଲ୍ୟାଣ ପ୍ରତି ଅଙ୍ଗୀକାରବଦ୍ଧତା, ଗରିବ ଜନସାଧାରଣଙ୍କ ପ୍ରତି ସମ୍ବେଦନଶୀଳତା ।

ଉଭୟ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ୍‌ରେ ସବୁ ହିତାଧିକାରୀଙ୍କୁ ମାସକୁ ୫ କିଲୋ ଅତିରିକ୍ତ ଚାଉଳ ବିନା ମୂଲ୍ୟରେ ମିଳିବ । ଜଣେ ହିତାଧିକାରୀଙ୍କୁ ମାଗଣାରେ ୧୦ କିଲୋ ଚାଉଳ ମିଳିବ । ଏହାଦ୍ୱାରା ରାଜ୍ୟର ୩ କୋଟି ୨୮ ଲକ୍ଷ ୫୨ ହଜାର ହିତାଧିକାରୀ ଉପକୃତ ହେବେ । ମୋଟ୍ ଜନସଂଖ୍ୟାର ୮୦% ଯେଜାନାରୁ ସୁଫଳ ପାଇବେ । ଏଥିଲାଗି ସରକାର ବାର୍ଷିକ ୮୮୧୩ କୋଟି ଟଙ୍କା ଖର୍ଚ୍ଚ କରିବେ । ଅନ୍ନପୂର୍ଣ୍ଣା ଯୋଜନାରେ ଭାତ ଥାଳିକୁ ସୁରକ୍ଷିତ ରଖିବା ପାଇଁ ଏହା ଏକ ଐତିହାସିକ ସଙ୍କଳ୍ପ । (୯ ପୃଷ୍ଠାରେ)

**ଭାରତୀୟ ନାବିକ ଥିବା ଜାହାଜକୁ ଆକ୍ରମଣ**

## ଆମେରିକା ରାଷ୍ଟ୍ରଦୂତଙ୍କୁ ଦ୍ୱିତୀୟ ଥର ସମନ

ନୂଆଦିଲ୍ଲୀ,୧୨।୬: ଓମାନ ଉପକୂଳରେ ବାଣିଜ୍ୟକ ଜାହାଜ ଉପରେ ଭାରତ ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଛି । ନୂଆଦିଲ୍ଲୀରେ ଥିବା ଆମେରିକାର ରାଷ୍ଟ୍ରଦୂତଙ୍କୁ ସରକାର ସମନ କରିବା ସହ ଏହି ଆକ୍ରମଣର ପ୍ରତିବାଦ କରିଛନ୍ତି । ୪୮ ଘଣ୍ଟା ମଧ୍ୟରେ ଦ୍ୱିତୀୟଥର ଲାଗି ଆମେରିକୀୟ କୂଟନୀତିଜ୍ଞଙ୍କୁ ସମାନ କରାଯାଇଛି ।

ଗତକାଲି ଏକ ବାଣିଜ୍ୟକ ଜାହାଜ ଉପରେ ଆକ୍ରମଣ ହୋଇଥିଲା । ଯେଉଁଥିରେ ୨୦ ଜଣ ଭାରତୀୟ କ୍ରୁ ମେମ୍ବର ରହିଥିଲେ । ଏହାକୁ ନେଇ ଭାରତ ପକ୍ଷରୁ ପ୍ରତିବାଦ କରାଯିବା ସହ ଆମେରିକା ରାଷ୍ଟ୍ରଦୂତଙ୍କୁ ସମନ କରାଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଆମେରିକା ନୌସେନା ପକ୍ଷରୁ ବାରମ୍ବାର ଆକ୍ରମଣ ଚାଲିଛି । ଓମାନ ଉପକୂଳ ଦେଇ ଗଲ୍ଫ ରାଷ୍ଟ୍ରରୁ ଆସୁଥିବା ଭାରତୀୟ ଜାହାଜ ଉପରେ ଆକ୍ରମଣ କରାଯାଇଛି । ଯେଉଁଥିରେ କି ୩ ଭାରତୀୟଙ୍କ ମୃତ୍ୟୁ ହୋଇଛି । ମନ୍ତ୍ରଣାଳୟ ପକ୍ଷରୁ ପୁନର୍ବାର ଏନେଇ ଚିନ୍ତା ପ୍ରକଟ କରାଯିବା ସହ ଜାହାଜ ଉପରେ ଲିଥାଲ ଭଳି ସମଗ୍ରୀକୁ ଆକ୍ରମଣ କରାଯାଉଛି । ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣୀୟ ନୁହେଁ, ଯାହା ଆନ୍ତର୍ଜାତୀୟ ବାଣିଜ୍ୟକ ସାମୁଦ୍ରିକ ପଥରେ ସୁରକ୍ଷା ଓ ଦାୟିତ୍ୱକୁ ନେଇ ପ୍ରଶ୍ନ ଉଠିଛି । ଭାରତର ଏହି ଦୃଢ଼ ପ୍ରତିବାଦକୁ ଆମେରିକାକୁ ଜଣାଇବା ପାଇଁ କୁହାଯାଇଛି । ଆମେରିକା ସେନା ସିଧାସଳଖ ଭାବେ ଭାରତକୁ ଆସୁଥିବା ଜାହାଜକୁ ଟାର୍ଗେଟ କରୁଛନ୍ତି । ଯେଉଁ ଜାହାଜରେ ବିଦେଶୀ ପତକା ଲାଗିଛି ଓ ସେମାନେ ଭାରତୀୟ (୯ ପୃଷ୍ଠାରେ)

## ଅଚଳ ସୂତାକଳ, କଳତନ୍ତର ବକେୟା ପରିଶୋଧ ହେବ



- କ୍ୟାବିନେଟ୍‌ରେ ୬ ବିଭାଗର ୮ ପ୍ରସ୍ତାବକୁ ଅନୁମୋଦନ
- ବକେୟା ଦେୟ ପରିଶୋଧ ଲାଗି ୨୦୦ କୋଟି ବଜେଟ୍
- ଓଡ଼ିଶା ହସ୍ତଶିଳ୍ପ ଅମଲା ସେବା ନିୟମାବଳୀ ପ୍ରଣୟନ
- ବିକୃତ ଇଂରାଜୀ ସହର ଥିବା ନାମରେ ସଂଶୋଧନ
- ଭିବିଜିଆର୍ ଓ ଆଜିବୀକା ମିଶନ ଅନୁମୋଦିତ

ଭୁବନେଶ୍ୱର, ୧୨।୬ (ସବ୍ୟୁ) : ରାଜ୍ୟରେ ବନ୍ଦ ହୋଇଥିବା ସମବାୟ ସୂତାକଳ ଓ କଳତନ୍ତ ୟୁନିଟ୍‌ଗୁଡ଼ିକର ବକେୟା ଦେୟ ପରିଶୋଧ ପାଇଁ ବଜେଟ୍ ବ୍ୟବସ୍ଥା ସମ୍ବନ୍ଧୀୟ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ଏହି ନିଷ୍ପତ୍ତି ଦ୍ୱାରା ଅଚଳ ୟୁନିଟ୍‌ଗୁଡ଼ିକର ପ୍ରଥମ ପର୍ଯ୍ୟାୟରେ ୨୦୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା ଅନୁମୋଦନ ହୋଇଛି । ଏହାଦ୍ୱାରା ଓଡ଼ିଶା ବୟନଶିଳ୍ପ ପରିବେଶକୁ ପୁନର୍ଜିବିତ କରିବ, ଶିଳ୍ପ ଭିତ୍ତିଭୂମିକୁ ବୃଦ୍ଧି କରିବା ସହ ନିବେଶ ଓ ଚାକିରି ସୃଷ୍ଟି ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ । ଉପରୋକ୍ତ ପ୍ରସ୍ତାବ ସମେତ ରାଜ୍ୟ କ୍ୟାବିନେଟ୍ ୬ ବିଭାଗର ୮ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ହସ୍ତତନ୍ତ ଓ ବୟନ ବିଭାଗର ଦୁଇଟି ଗୃହ ନିର୍ମାଣ, ନଗର ଉନ୍ନୟନ ବିଭାଗର ଗୋଟିଏ, ପଞ୍ଚାୟତ ଓ ପାନୀୟ ଜଳ ବିଭାଗର ଗୋଟିଏ, ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗର ଦୁଇଟି, ସ ାଧାରଣ ପ୍ରଶାସନ ଓ ଆଇନ୍ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବକୁ ଅନୁମୋଦନ (୯ ପୃଷ୍ଠାରେ)

## ଓଡ଼ିଶା ଛୁଇଁଲା ମୌସୁମୀ

ଭୁବନେଶ୍ୱର, ୧୨।୬ (ସବ୍ୟୁ) : ଓଡ଼ିଶାକୁ ଛୁଇଁଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ । ପ୍ରଥମ ଦିନରେ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲାକୁ ପ୍ରବେଶ କରିଛି । ଫଳରେ ଅଧିକାଂଶ ଜିଲ୍ଲାରେ ଝିପିଝିପି ବର୍ଷା ଲାଗିରହିଛି । ସ୍ଥାନେସ୍ଥାନେ ପ୍ରବଳ ବର୍ଷା ହୋଇଥିବା ଜଣାଯାଇଛି । ମୌସୁମୀ ପ୍ରବେଶ କରିବା ଦ୍ୱାରା ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି । ଆସନ୍ତା ଦୁଇରୁ ତିନି ଦିନ ମଧ୍ୟରେ ମୌସୁମୀ ଆଗକୁ ବଢ଼ିବାକୁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଥିବା ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ଭାରତୀୟ ପାଣିପାଗ ବିଭାଗର କହିବା ଅନୁସାରେ, ରାଜ୍ୟର ଉତ୍ତର ଭାଗକୁ ଅଗ୍ରସର ହେଉଛି ମୌସୁମୀ । ମୌସୁମୀ ଅଗ୍ରସର ରେଖା ପାରାଦୀପଠାରୁ ବାରିପଦା ମଧ୍ୟ ଦେଇ ଗତି କରୁଛି । ଫଳରେ ଦକ୍ଷିଣ ଓଡ଼ିଶା ପରିବର୍ତ୍ତେ ଉତ୍ତର (୯ ପୃଷ୍ଠାରେ)

**ପୋଡ଼ି ଦିଆଯାଉଥିବା କନ୍‌ଷ୍ଟେବଲଙ୍କ ମୃତ୍ୟୁ**

## ପତ୍ନୀ, ଶଳା ପୋଡ଼ି ଦେଇଥିବା ଅଭିଯୋଗ

**ଉଭୟଙ୍କ ପଲିଗ୍ରାଫ୍ ଟେଷ୍ଟ ହେବ : ଏସ୍‌ପି**

ବ୍ରହ୍ମପୁର, ୧୨।୬ (ସବ୍ୟୁ): କନେଷ୍ଟେବଲ ଆଶୁତୋଷ ମୃଦଙ୍ଗୟା ଗତ ୫ତାରିଖ ରାତ୍ର ବିଜିପୁର ପୋଲିସ କ୍ୱାର୍ଟରରେ ରହୁଥିବା ତାଙ୍କ ସ୍ତ୍ରୀ ସନ୍ଧ୍ୟା ନାୟକ ଘର ସମ୍ମୁଖରେ ପୋଡି ହୋଇ ଗୁରୁତର ହୋଇଥିଲେ । ତାଙ୍କୁ ପୋଲିସ କର୍ମଚାରୀ ମାନେ ଉଦ୍ଧାର କରି ଆମ୍ବୁଲାନ୍ସରେ ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ । ତାଙ୍କ ଶରୀରର ଶତକଡା ୮୦ ଭାଗ ପୋଡି ଯାଇଥିଲା ବୋଲି ଡାକ୍ତର କହିଥିଲେ । ସେଠାରେ ମାଜିଷ୍ଟ୍ରେଟ, ଡାକ୍ତର ଓ ପୋଲିସ ଉପସ୍ଥିତିରେ ଗୁରୁତର କନେଷ୍ଟେବଲଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ (ଡାୟିଙ୍ଗ ଡିକଲେରସାନ) ନିଆଯାଇଥିଲା । ତାଙ୍କ ସ୍ତ୍ରୀ ଓ ଶଳା ମୋ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଲେ ବୋଲି ସେ ଡାୟିଙ୍ଗ ଡିକଲେରସାନ ବେଳେ କହିଥିଲେ । ଯାହାକି ରେକର୍ଡ କରାଯାଇଥିଲା । ସେ ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ସେ ମୃତ୍ୟୁ (୯ ପୃଷ୍ଠାରେ)

**ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାକୁ ବର୍ଷେ**

## ତଦନ୍ତରେ ଅଗ୍ରଗତି ହୋଇଛି : ସରକାର

ନୂଆଦିଲ୍ଲୀ, ୧୨।୬ : ଅହମ୍ମଦାବାଦରେ ବର୍ଷକ ତଳେ ଏୟାର ଇଣ୍ଡିଆର ଏଆଇ-୧୭୧ ଦୁର୍ଘଟଣାଗସ୍ତ ହୋଇଥିଲା । ବର୍ଷକ ମଧ୍ୟରେ ବି ଚୂଡାନ୍ତ ତଦନ୍ତ ରିପୋର୍ଟ ଆସିପାରିନାହିଁ । ଏହି ରିପୋର୍ଟ ଆସିବାକୁ ଆଉ ଦୁଇ ମାସ ସମୟ ଲାଗିପାରେ । ସରକାରୀ ସୂତ୍ରରୁ ସୂଚନା ଅନୁଯାୟୀ ତଦନ୍ତ ସଠିକ ଦିଗରେ ଚାଲିଛି । ସମସ୍ତ ତଥ୍ୟକୁ ସମ୍ପୂର୍ଣ୍ଣ ସ୍ୱଷ୍ଟତାର ସହ ସାର୍ବଜନୀନ କରାଯିବ ।

ଅହମ୍ମଦବାସରେ ହୋଇଥିବା ଦୁର୍ଘଟଣାରେ ୨୪୨ ଜଣ ଯାତ୍ରୀଙ୍କ ମଧ୍ୟରୁ ୨୪୧ ଜଣ ମୃତ୍ୟୁବରଣ କରିଥିଲେ । ବର୍ଷକ ପରେ ହିଁ ତଦନ୍ତକାରୀ ଟିମ ରିପୋର୍ଟ ଦେଇନାହାନ୍ତି । ତଦନ୍ତକାରୀ ଦଳ ସମସ୍ତ ବୈଷୟିକ (୯ ପୃଷ୍ଠାରେ)

## ପ.ବଙ୍ଗରେ ଜଳିଗଲା ୪ ହଜାର ଇଭିଏମ୍



ନୂଆଦିଲ୍ଲୀ,୧୨।୬(ଏଜେନ୍ସି): ପଶ୍ଚିମବଙ୍ଗର କୋଲକାତାରେ ଥିବା ଏକ ସରକାରୀ କୋଠାରେ ନିଆଁ ଲାଗି ଯାଇ ଏହି କୋଠାର ଅଷ୍ଟମ ଓ ନବମ ମାହାଲା ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛି । ଏହି କୋଠାରେ ରହିଥିବା ୪୦୦୦ ଇଭିଏମ ପୋଡି ପାଉଁଶ ହୋଇଛି ।

ଏହି ଇଭିଏମ୍ ଗୁଡିକ ପଶ୍ଚିମବଙ୍ଗରେ ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନର ୧୦ ନିର୍ବାଚନ ମଣ୍ଡଳୀରେ ବ୍ୟବହୃତ ହୋଇଥିଲା । ଏହି ଇଭିଏମକୁ ଏହି କୋଠାରେ ରଖାଯାଇଥିଲା । ଅଗ୍ନିକାଣ୍ଡ ଯୋଗୁଁ ଏଗୁଡିକ ନଷ୍ଟ ହୋଇଥିବା ଜଣାପଡିଛି । ପଶ୍ଚିମବଙ୍ଗର ମନ୍ତ୍ରୀ କୌଶିକ ଚୌଧୁରୀ କହିଛନ୍ତି ଯେ, ତୃତୀୟ ଓ ଚତୁର୍ଥ ମାହାଲାରେ ନିଆଁ ଲାଗିଥିଲା । ହଠାତ ୮ ଓ ୯ ମହଲାରେ ପହଞ୍ଚିଥିଲା । କୋଠାର ସପ୍ତମ ଓ ଅଷ୍ଟମ ମାହାଲ ସୁରକ୍ଷିତ ରହିଛି । ତେବେ ୩ ମହଲାକୁ ଡ଼େଇଁ ଏହି ନିଆଁ ୮ ଓ ୯ ମହଲାରେ ପହଞ୍ଚିଲା ତାହା ଆମେ ଭାବୁଛୁ । ଅଲିପୁର ଅଞ୍ଚଳର ଦକ୍ଷିଣ-୨୪ ପ୍ରଗଣାରେ ୧୦ ମହଲା ବିଶିଷ୍ଟ ଜିଲ୍ଲା ପରିଷଦ କୋଠା ରହିଛି । ସକାଳ ୯.୫୦ରେ ନିଆଁ ଲାଗିଥିଲା । ପୋଲିସ ଟିମ୍ ସହ ୧୦ ଅଗ୍ନିଶମ ଗାଡି ପହଞ୍ଚି ଅକ୍ଳାନ୍ତ ପରିଶ୍ରମରେ ନିଆଁକୁ ଆୟତ କରିଥିଲେ । ଏହି କୋଠାରେ ବହୁ ସରକାରୀ ନୋଟିସ ରହିଛି । ଅଗ୍ନିକାଣ୍ଡ ଯୋଗୁଁ ଅଧିକାଂଶ ସରକାର କାଗଜପତ୍ର ମଧ୍ୟ ପୋଡି ଯାଇଛି ।

## ମିନାକ୍ଷୀ ନଟରାଜନଙ୍କ ଆବେଦନ ଖାରଜ

ନୂଆଦିଲ୍ଲୀ,୧୨।୬(ଏଜେନ୍ସି): ରାଜ୍ୟସଭା ନିର୍ବାଚନ ଲାଗି କଂଗ୍ରେସ ପ୍ରାର୍ଥୀ ମୀନାକ୍ଷୀ ନଟରାଜନ ନାମାଙ୍କନ ନାକଜ ହୋଇଥିବା ବିରୋଧରେ କରାଯାଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି ଯେ, ନିର୍ବାଚନ ପ୍ରକ୍ରିୟାରେ ସେମାନେ ହସ୍ତକ୍ଷେପ କରିପାରିବେ ନାହିଁ । ସୁପ୍ରିମକୋର୍ଟ ଶୁକ୍ରବାର ଏହି ମାମଲାକୁ ଖରାଜ କରିଛନ୍ତି । ମଧ୍ୟପ୍ରଦେଶରୁ ରାଜ୍ୟସଭା ପ୍ରାର୍ଥୀ ଭାବେ କଂଗ୍ରେସ ପକ୍ଷରୁ ମୀନାକ୍ଷୀ ନଟରାଜନ ନାମାଙ୍କନ କରିଥିଲେ । ମାତ୍ର ସତ୍ୟପାଠ ଅସମ୍ପୂର୍ଣ୍ଣ ଥିବା ଓ କିଛି ତଥ୍ୟ ଦର୍ଶାଇ ତାଙ୍କ ନାମାଙ୍କନକୁ ଖରାଜ କରାଯାଇଥିଲା ।

ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ର ଓ ଜଷ୍ଟିସ ଅତୁଲ ଏସ ଚନ୍ଦ୍ରୁକରକୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ନିର୍ବାଚନ ପ୍ରକ୍ରିୟାରେ ଆଇନଗତ ସ୍ଥିତି ନେଇ ପ୍ରତିବନ୍ଧ ଅସ୍ତକ୍ଷେପ କରିବୁ ନାହିଁ । ନଟରାଜନଙ୍କ ମାମଲାକୁ ଖରାଜ କରାଯାଉଛି । ରିଟର୍ଣ୍ଣିଂ ଅଫିସର ତାଙ୍କ ନାମାଙ୍କନକୁ ଖାରଜ କରିଛନ୍ତି । ଫର୍ମ-୨୪ରେ ସତ୍ୟପାଠ ନେଇ ତଥ୍ୟ ଅସମ୍ପୂର୍ଣ୍ଣ ଥିଲା । ରିଟର୍ଣ୍ଣିଂ ଅଫିସରଙ୍କ ତଥ୍ୟକୁ ରେକର୍ଡ କରାଯାଇଛି । ସୁପ୍ରିମକୋର୍ଟ କହିଥିଲେ ଯେ, ସମସ୍ତ ଯୁକ୍ତିକୁ ବିଚାର କରାଯାଇଛି । ରିଟର୍ଣ୍ଣିଂ ଅଫିସର ଦର୍ଶାଇଛନ୍ତି ଯେ, ଅସମ୍ପୂର୍ଣ୍ଣ ଫର୍ମ ଦାଖଲ କରାଯାଇଥିଲା । ତାଙ୍କ ବିରୋଧରେ ଅଭିଯୋଗ ମାମଲାରେ କୌଣସି ସୂଚନା କରାଯାଇନଥିଲା । ଆବେଦନକାରୀ ରିଟର୍ଣ୍ଣିଂ ଅଫିସରଙ୍କ ବିରୋଧରେ ଇସିଆଇଙ୍କ ନିକଟକୁ ଯାଇଥିଲେ । ବ୍ୟକ୍ତିଗତ ଭାବେ ଯୁକ୍ତ ଉପସ୍ଥାପନ କରିବା ସତ୍ତ୍ୱେ ଇସିଆଇ କୌଣସି ନିର୍ଦ୍ଦେଶ ଦେଇନଥିଲେ । ନିର୍ବାଚନ କମିଶନରଙ୍କ ପକ୍ଷରୁ (୯ ପୃଷ୍ଠାରେ)

**ନିର୍ବାଚନ ପ୍ରକ୍ରିୟାରେ ହସ୍ତକ୍ଷେପକୁ ମନାକଲେ ସୁପ୍ରିମ୍‌କୋର୍ଟ**

## ଇତିହାସ

୧୧୨୫- ବ୍ରିଟେନ୍‌ର ରାଜା ହେନରୀ ପ୍ରଥମ ଫ୍ରାନ୍ସର ରାଜକୁମାରୀ ହିନରିଟିଙ୍କୁ ବିବାହ କରିଥିଲେ ।

୧୭୭୪- ବ୍ରିଟିଶ୍ ଆମେରିକାର ଉପନିବେଶ ରୋଡ୍ ଆଇଲ୍ୟାଣ୍ଡ ଦାସପ୍ରଥା ଉପରେ ପ୍ରତିବନ୍ଧକ ଲାଗୁ କରିଥିଲେ । ଏପରି କରିବାରେ ସେ ପ୍ରଥମ ଉପନିବେଶ ।

୧୮୮୮- ଆମେରିକା କଂଗ୍ରେସ ତରଫରୁ ଶ୍ରମ ବିଭାଗ ଗଠନ କରାଗଲା ।

୧୯୨୭- ଆମେରିକାରେ ପ୍ରଥମ ଥର ପାଇଁ ଷ୍ଟାଚ୍ୟୁ ଅଫ୍ ଲିବର୍ଟିର ଡାହାଣ ହାତରେ ଆମେରିକାର ପତାକା ପ୍ରଦର୍ଶିତ କରାଗଲା ।

୧୯୪୦- ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ସମୟରେ ପଞ୍ଜାବର ଗଭର୍ଣ୍ଣର ଥିବା ମାଇକେଲ୍ ଓଡାୟରଙ୍କ ହତ୍ୟା କରି ଏହି ହତ୍ୟାକାଣ୍ଡର ପ୍ରତିଶୋଧ ନେଉଥିବା ଭାରତୀୟ ଉଦ୍ଧମ ସିଂହଙ୍କ ଲଣ୍ଡନରେ ଫାଶୀ ଦିଆଯାଇଥିଲା ।

୧୯୪୩- ସ୍ୱତନ୍ତ୍ରତା ସେନାନି ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜର୍ମାନୀରୁ ଟୋକିଓ ଯାତ୍ରା ଆରମ୍ଭ କରିଥିଲେ ।

୧୯୫୬- ୭୨ ବର୍ଷ ପର୍ଯ୍ୟନ୍ତ ନିଜ ନିୟନ୍ତ୍ରଣରେ ରଖିବା ପରେ ବ୍ରିଟେନ୍ ସ୍ୱେଜ୍ ନହରର ନିୟନ୍ତ୍ରଣ **ମିଶ୍ରକୁ** ହସ୍ତାନ୍ତର କଲା ।

୧୯୭୦- ରାଜକୁମାର ନରୋତ୍ତମ ସିଂହ ଆଲୋକ କମ୍ବୋଡିଆର ରାଷ୍ଟ୍ରପତି ହେଲେ ।

୧୯୯୩- କିମ୍ କ୍ୟାମ୍ପବେଲ୍ କାନାଡାର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେଲେ ।

୧୯୯୭- ଦିଲ୍ଲୀର ଉପହାର ହଲ୍‌ରେ ଅଗ୍ନିକାଣ୍ଡ ଘଟି ୫୯ ଲୋକଙ୍କର ମୃତ୍ୟୁ ଘଟିବା ସହ ଶତାଧିକ ଲୋକେ ଆହତ ହୋଇଥିଲେ ।

୨୦୦୫- ୨୦୦୯ ମସିହା ଶେଷଠାରୁ ୨୫ ବର୍ଷ ପର୍ଯ୍ୟନ୍ତ ଭାରତକୁ ପ୍ରାକୃତିକ ତରଳ ଗ୍ୟାସ୍‌ର ରପ୍ତାନି କରିବା ପ୍ରସଙ୍ଗରେ ଇରାନର ସହମତି ।



# ରଜ ସଜବାଜ

ଓଡ଼ିଆ ଗଣଜୀବନ, ସଂସ୍କୃତି ଏବଂ ପରମ୍ପରାର ଅନନ୍ୟ ପ୍ରତୀକ ସାଜିଥିବା 'ରଜ ପର୍ବ' କେବଳ ଋତୁ ପରିବର୍ତ୍ତନର ବାର୍ତ୍ତା ବହନ କରେନାହିଁ, ବରଂ ଏହା ମାତୃତ୍ୱକୁ ସମ୍ମାନ ଜଣାଇବା ସହ ଓଡ଼ିଶାର କୁଆଁରୀ ଝିଅମାନଙ୍କ ପାଇଁ ଆନନ୍ଦ ଓ ଉଲ୍ଲାସର ବାର୍ତ୍ତା ନେଇ ଆସିଥାଏ । ଏହି ତିନିଦିନିଆ ଗଣପର୍ବର ମୁଖ୍ୟ ଆକର୍ଷଣ ହେଉଛି 'ସଜବାଜ', ଯାହାର ପ୍ରସ୍ତୁତି ପ୍ରକୃତ ପର୍ବ ଆରମ୍ଭ ହେବାର ପୂର୍ବ ଦିନ ଅର୍ଥାତ୍ 'ପହିଲି ରଜ'ର ଠିକ୍ ପୂର୍ବରୁ ଆସୁଥିବା 'ସଜବାଜ ଦିବସ'ଠାରୁ ହିଁ ବେଶ୍ ଧୂମଧାମରେ ଆରମ୍ଭ ହୋଇଯାଇଥାଏ । ଏହି ପ୍ରସ୍ତୁତି ଦିନ ଘରଦ୍ୱାର ସଫାସୁତୁରା କରିବା ସହ ଆଗାମୀ ତିନିଦିନ ପାଇଁ ଆବଶ୍ୟକ ହେଉଥିବା ପିଠାପଣାର ସମସ୍ତ ସାମଗ୍ରୀ ଯଥା- ଚାଉଳ ଗୁଣ୍ଡ, ନଡ଼ିଆ କୋରା, ଗୁଡ଼ ଓ ଘିଅ ଆଦି ସଂଗ୍ରହ କରି ରଖାଯାଏ । କାରଣ ରଜର ତିନିଦିନ ଧରିତ୍ରୀ ମାତାଙ୍କୁ ସମ୍ମାନ ଜଣାଇ କୌଣସି ପ୍ରକାର ଖନନ, କାଟିବା, ବାଟିବା, ଶସ୍ୟ ପେଷଣ ଭଳି କାମ ସମ୍ପୂର୍ଣ୍ଣ ନିଷେଧ ଥାଏ । ସଜବାଜ ଦିବସର ରାତିରେ ହିଁ ଝିଅମାନେ ନିଜ ନିଜ ହାତରେ ସୁନ୍ଦର ଅଳତା ଓ ମେହେନ୍ଦୀ ଲଗାଇ ସଜ ହୋଇଥାଆନ୍ତି । ଏହି ଦିନ ଘରେଘରେ କୁଣିଆ ଆସିବା ସହିତ ଗାଁ ତୋଟାରେ ଦୋଳି ବନ୍ଧାଯାଇଥାଏ । ସମସ୍ତେ ଦୋଳିଖେଳ ଓ ପିଠା ପଣାର ଆନନ୍ଦ ନେବା ସହ ରଜ ପର୍ବ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ କରିଥାଆନ୍ତି । ବାସ୍ତବରେ, ରଜ ପର୍ବର ଏହି ପାରମ୍ପରିକ ସଜବାଜ କେବଳ ବାହ୍ୟ ସୌନ୍ଦର୍ଯ୍ୟର ପ୍ରଦର୍ଶନ ନୁହେଁ, ବରଂ ଏହା ଓଡ଼ିଆ ସଂସ୍କୃତିର ସେହି ମହାନ ପରମ୍ପରାର ପ୍ରତୀକ ଯାହା ନାରୀତ୍ୱ, କୃଷି, ପ୍ରକୃତି ଏବଂ ମାନବୀୟ ସମ୍ପର୍କର ସେତୁକୁ ଅତି ନିପୁଣ ଭାବେ ଯୋଡ଼ି ରଖିଥାଏ ।

# ଅବସାଦଗ୍ରସ୍ତ ଗରିଲା

ଜାପାନର ଏକ ଚିଡ଼ିଆଖାନାରେ ରହୁଥିବା ୧୩ ବର୍ଷର ଏକ ଅଣ୍ଡିରା ଗରିଲା 'କିୟୋମାସା' ଏବେ ନିଜର ଏକ ଅପୂର୍ବ ଅନ୍ଦାଜ ପାଇଁ ଇଣ୍ଟରନେଟ୍‌ରେ ସେନସେସନ ପାଲଟିଛି । ରିପୋର୍ଟ ଅନୁଯାୟୀ, ନିଜ ମହିଳା ସାଥୀ ସହିତ କୌଣସି କଥାକୁ ନେଇ କଳିତକରାଳ ହେବା ପରେ କିୟୋମାସା ଅଭିମାନ କରି ପିଞ୍ଜରା ଭିତରେ ଥିବା କଂକ୍ରିଟ୍ ସିଢ଼ି ଉପରେ ଚୁପଚାପ୍ ଏକାକୀ ଯାଇ ବସିପଡ଼ିଥିଲା । ଭାଇରାଲ ହେଉଥିବା ଏହି ୬୨ ସେକେଣ୍ଡର ଭିଡିଓରେ ଦେଖିବାକୁ ମିଳୁଛି ଯେ, ସେ ବିଲକୁଲ ଜଣେ ମଣିଷ ଭଳି ନିଜ ଜିଭ ଓ ଥୋଡ଼ିରେ ହାତ ଦେଇ ଗଭୀର ଚିନ୍ତାରେ ବୁଡ଼ି ରହିଛି । ଯାହାକୁ ଦେଖି ସୋସିଆଲ ମିଡିଆ ୟୁଜର୍ସମାନେ କହୁଛନ୍ତି କି ଏହା କୌଣସି ଅସନ୍ତୁଷ୍ଟ କିମ୍ବା ମନଦୁଃଖ କରିଥିବା ମଣିଷର ପ୍ରତିରୂପ ଭଳି ମନେହେଉଛି । ଅନ୍ୟପଟେ ଚିଡ଼ିଆଖାନାର ଅଧିକାରୀମାନଙ୍କ କହିବା କଥା ଯେ, ଦୁଇ ଗରିଲାଙ୍କ ମଧ୍ୟରେ କେବଳ ଏକ ଛୋଟ ମତଭେଦ ହୋଇଥିଲା, କିନ୍ତୁ କିୟୋମାସା ସେହି କଥାକୁ ଗୁରୁତର ସହ ନେଇଛି ଏବଂ କିଛି ସମୟ ପାଇଁ ଏକା ବସି ଶାନ୍ତ ରହିବାକୁ ନିଷ୍ପତ୍ତି ନେଇଛି । ତେବେ ସୋସିଆଲ ମିଡିଆରେ ଭିଡିଓଟି ଖୁବ ଭାଇରାଲ ହେବାରେ ଲାଗିଛି । କିଛିଲୋକ ଗରିଲାଟି ଡିପ୍ରେସନକୁ ଚାଲି ଯାଇଛିବୋଲି ମତ ଦେବାରେ ଲାଗିଛନ୍ତି ।





# ମିମିକ୍ରି କିଙ୍ଗ

ବିହାର ମୁଜାଫରପୁରର ୧୧ ବର୍ଷର ବାଳକ ଅଂଶ ନିଜର ଅସାଧାରଣ ପ୍ରତିଭା ବଳରେ ପ୍ରାୟ ୯୦ ପ୍ରକାରର ଭିନ୍ନ ଭିନ୍ନ ସ୍ୱର ବାହାର କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଇଛନ୍ତି । ଗାଈ, ଛେଳି, କୁକୁର, ବିଲେଇ ଓ ଅନେକ ପକ୍ଷୀଙ୍କ ସମେତ ପଶୁପକ୍ଷୀଙ୍କ ଛୁଆମାନଙ୍କର ସ୍ୱରକୁ ସେ ଏଭଳି ନକଲ କରନ୍ତି ଯେ ଅସଲି ଓ ନକଲି ମଧ୍ୟରେ ଫରକ ଜାଣିବା ମୁସ୍କିଲ ହୋଇପଡ଼େ । ପଶୁପକ୍ଷୀଙ୍କ ବ୍ୟତୀତ ସେ ଲାଲୁ ପ୍ରସାଦ ଯାଦବ, ଚିରାଗ ପାସୱାନ ଏବଂ ଅଖିଳେଶ ଯାଦବଙ୍କ ଭଳି ବଡ଼ ବଡ଼ ରାଜନେତାଙ୍କ ସ୍ୱରର ମଧ୍ୟ ଚମତ୍କାର ମିମିକ୍ରି କରିପାରନ୍ତି । ଏପରିକି ସେ ସ୍ୱୟଂ ଲାଲୁ ଯାଦବଙ୍କ ସାମ୍ନାରେ ତାଙ୍କର ନକଲ କରି ପ୍ରଶଂସା ସାଉଁଟିଛନ୍ତି । ପିଲାଦିନେ ଗାଁରେ ପଶୁପକ୍ଷୀଙ୍କ ସ୍ୱର ଶୁଣି ଶୁଣି ଏହାକୁ ଅଭ୍ୟାସ କରିବା ଆରମ୍ଭ କରିଥିବା ଅଂଶ ମିମିକ୍ରି ସହିତ ସୁନ୍ଦର ଭୋଜପୁରୀ ଲୋକଗୀତ ମଧ୍ୟ ଗାଇପାରନ୍ତି । ତାଙ୍କର ଏହି ନିଆରା ଅଭ୍ୟାସ ଏବେ ତାଙ୍କର ସ୍ୱତନ୍ତ୍ର ପରିଚୟ ପାଲଟିଯାଇଛି । ସୋସିଆଲ ମିଡିଆରେ ତାଙ୍କର ଅନେକ ଭିଡିଓ ବର୍ତ୍ତମାନ ଭାଇରାଲ ହେବାସହ ଲୋକଙ୍କ ପ୍ରଶଂସା ସାଉଁଟିବାରେ ଲାଗିଛି ।

## ସୋସିଆଲ କୋଟ୍ସ



ରବିନାଙ୍କ ସହ କାମ କରିବା ସବୁବେଳେ ଏକ ଭିନ୍ନ ଅନୁଭୂତି ଦେଇଥାଏ । ସେ ସବୁବେଳେ କାମକୁ ନେଇ ପ୍ରଫେସନାଲ ଥାଆନ୍ତି । ତାଙ୍କ ସହିତ ସୁଟିଂ ସେଟର ଅନେକ ଭଲ ଅନଭୂତି ରହିଛି ।

ଅକ୍ଷୟ କୁମାର, ଅଭିନେତା



ମୋ ସହିତ ଏଭଳି କରନ୍ତୁ ନାହିଁ । ଖୁବ କଷ୍ଟ କରିବା ପରେ ମୋତେ ଏହି ସ୍ୱାଧୀନତା ମିଳିଛି । ଆପଣଙ୍କ ଏଭଳି ପଦକ୍ଷେପ କାରଣରୁ ଅନେକ ଥର ମୋର ସାହସ କମିଛି ।

ସୁନନ୍ଦା ଶର୍ମା, ସିଙ୍ଗର



ବିଗତ କିଛି ଦିନ ଆମ ପରିବାର ପାଇଁ ଖୁବ ସଂଘର୍ଷପୂର୍ଣ୍ଣ ଥିଲା । ପରିବାରର ସମସ୍ତେ ଏଥିପାଇଁ ଖୁବ କଷ୍ଟ ସହିଛନ୍ତି । ହେଲେ ଧୀରେଧୀରେ ସବୁଠିକ ହେଉଛି । ଆପଣଙ୍କୁ ସମସ୍ତଙ୍କୁ ଧନ୍ୟବାଦ ଆମ ପାଇଁ ଏତେ ଭଲପାଇବା ଦେଖେଇଥିବାରୁ ।

ଦୀପିକା କକର, ଅଭିନେତ୍ରୀ

# ସଂଘର୍ଷ ଦେଇଛି ସଫଳତା

ମାୟାନଗରୀ ମୁମ୍ବାଇର ଚକାଚୌନ୍ଧ ଓ ଷ୍ଟାରଡମ ପଛରେ ଥିବା ସଂଘର୍ଷକୁ ସମସ୍ତଙ୍କ ଆଗରେ ପ୍ରକାଶ କରିଛନ୍ତି ଅଭିନେତ୍ରୀ ନୋରା ଫତେହି । କାନାଡାରେ ଜନ୍ମିତ ନୋରାଙ୍କ ପାଇଁ ନୃତ୍ୟ କରିବା ଏକ ଅପରାଧ ସଦୃଶ ଥିଲା, ଯେଉଁଥିପାଇଁ କୌଣସି ପ୍ରଫେସନାଲ୍ ଟ୍ରେନିଂ ନନେଇ ସେ ବନ୍ଦ କୋଠରୀରେ ଲୁଚି ଲୁଚି ଭିଡିଓ ଦେଖି ନାଚୁଥିଲେ । ଏଥିପାଇଁ ତାଙ୍କୁ ମାଆଙ୍କଠାରୁ ପ୍ରବଳ ମାଡ଼ ଓ ଗାଳି ମଧ୍ୟ ଖାଇବାକୁ ପଡ଼ିଥିଲାବୋଲି ସେ ପ୍ରକାଶ କରିଛନ୍ତି । ତେବେ ବଲିଉଡରେ ନିଜ ଭାଗ୍ୟ ପରୀକ୍ଷା କରିବାକୁ ସେ ମାତ୍ର ୫,୦୦୦ ଟଙ୍କା ଧରି ମୁମ୍ବାଇ ଆସିଥିଲେ । ହେଲେ ଏଠାରେ ତାଙ୍କୁ ଅନେକ ସଂଘର୍ଷ କରିବାକୁ ପଡିଥିବା ନୋରା ପ୍ରକାଶ କରିଛନ୍ତି । ଗୋଟିଏ ଆପାର୍ଟମେଣ୍ଟରେ ୯ ଜଣ ଝିଅଙ୍କ ସହ ରହିବା, ହିନ୍ଦୀ ଭାଷା ନଜାଣିବା ଯୋଗୁଁ ଅଡିସନରେ ବାରମ୍ବାର ରିଜେକ୍ଟ ହେବା ଏବଂ ଲୋକଙ୍କ କଟୁ ପରିହାସ ସହିବା ତାଙ୍କ ଦୈନନ୍ଦିନ ଜୀବନର ଅଂଶ ସାଜିଥିଲା । ଏପରିକି ଗୁଜୁରାଣ ମେଣ୍ଟାଇବା ପାଇଁ ସେ କଫି ସପ୍‌ରେ ୱେଟର କାମ କରିବା ସହ ଲଟେରୀ ଟିକେଟ୍ ବିକ୍ରି କରିଥିଲେ ଏବଂ ମାତ୍ର ୩,୦୦୦ ଟଙ୍କାର ସାପ୍ତାହିକ ଖର୍ଚ୍ଚରେ ଚଳି ଅନେକ ଦିନ କେବଳ ବ୍ରେଡ୍ ଓ ଅଣ୍ଡା ଖାଇ ଭୋକିଲା ପେଟରେ କାଟିଥିବା ନୋରା କହିଛନ୍ତି । ସବୁଠାରୁ ବଡ଼ ଧକ୍କା ସେତେବେଳେ ଲାଗିଥିଲା, ଯେତେବେଳେ କାମ ଦେବାର ପ୍ରତିଶ୍ରୁତି ଦେଇ ଏକ ଏଜେନ୍ସି ତାଙ୍କର କଷ୍ଟଅର୍ଜିତ ୨୦ ଲକ୍ଷ ଟଙ୍କା ଠକି ନେଇଥିଲା । ନିଜକୁ ପ୍ରତିଷ୍ଠିତ କରିବା ପାଇଁ ତାଙ୍କୁ 'ଦିଲ୍‌ବର' ଭଳି ଅନେକ ସୁପରହିଟ୍ ଗୀତ ବିନା କୌଣସି ପାରିଶ୍ରମିକ ବା ମାଗଣାରେ କରିବାକୁ ପଡ଼ିଥିବା ନୋରା କହିଛନ୍ତି । ତେବେ ଏହି ସମସ୍ତ ପ୍ରତିକୂଳ ପରିସ୍ଥିତିରେ ବି ନିଜ ଚେଷ୍ଟା ସେ ଜାରି ରଖିଥିଲେ, ଯାହାଫଳରେ ୨୦୧୪ରେ 'ରୋର୍: ଟାଇଗର୍ସ ଅଫ୍ ଦି ସୁନ୍ଦରବନ୍ସ' ଚଳଚ୍ଚିତ୍ରରୁ ବଲିଉଡ୍ ଡେବ୍ୟୁ କରିଥିଲେ । ଏହାପରେ ସୁପରହିଟ୍ ଫିଲ୍ମ 'ବାହୁବଳୀ'ର 'ମନୋହରୀ' ଗୀତ ଏବଂ ୨୦୧୫ର ବିଗ୍ ବସ୍- ୯ ରିଆଲିଟି ଶୋ' ତାଙ୍କୁ ଘରେ ଘରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲା । ଆଜି ସେ ବଲିଉଡର ଦଣେ ଆଗଧାଡିର ଡ୍ୟାନ୍ସର ପାଲଟିଛନ୍ତି ।



# ଗୁଗୁଲ ବତେଇଲା ଭୁଲ୍ ରାସ୍ତା

ଆଧୁନିକ ବେଳର ପ୍ରଯୁକ୍ତିବିଦ୍ୟା କେତେବେଳେ ଯେ କାହା ପାଇଁ କାଳ ସାଜିବ, ତାହା କହିବା ମୁସ୍କିଲ । ଯାହାର ଏକ ଦୁର୍ଭାଗ୍ୟଜନକ ଉଦାହରଣ ଉତ୍ତର ପ୍ରଦେଶର ମୁଜାଫରନଗର ଅଞ୍ଚଳରେ ଦେଖିବାକୁ ମିଳିଛି, ଯେଉଁଠି ଗୁଗଲ୍ ମ୍ୟାପ୍‌ର ଭୁଲ୍ ଲୋକେସନ ଯୋଗୁଁ ୪ ଜଣ ପରୀକ୍ଷାର୍ଥୀଙ୍କ ୟୁପି ପୋଲିସ ନିଯୁକ୍ତି ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି । ଗାଜିଆବାଦ ୪ ଜଣ ଆଶାୟୀ ପ୍ରାର୍ଥୀ ମୋଟରସାଇକେଲ ଯୋଗେ ନୂଆ ମଣ୍ଡି ସ୍ଥିତ ଏକ ସ୍କୁଲରେ ଥିବା ପରୀକ୍ଷା କେନ୍ଦ୍ରକୁ ବାହାରିଥିଲେ, କିନ୍ତୁ ଉପଯୁକ୍ତ ରାସ୍ତା ଜାଣିବା ପାଇଁ ସେମାନେ ଗୁଗଲ୍ ମ୍ୟାପ୍‌ର ସାହାଯ୍ୟ ନେବା ସେମାନଙ୍କୁ ମହଙ୍ଗା ପଡ଼ିଥିଲା । ମ୍ୟାପ୍ ସେମାନଙ୍କୁ ସଠିକ୍ କେନ୍ଦ୍ରକୁ ନେବା ବଦଳରେ ସାମଲିର ଏକ ନିଘଞ୍ଚ ଜଙ୍ଗଲକୁ ନେଇଯାଇଥିଲା । ଯେଉଁଥିପାଇଁ ସେମାନଙ୍କର ଅନେକ ମୂଲ୍ୟବାନ ସମୟ ନଷ୍ଟ ହୋଇଥିଲା ଏବଂ ସେମାନେ ପରୀକ୍ଷା ମଧ୍ୟ ଦେଇ ପାରିନଥିଲେ । ତେବେ ଘଟଣା ନେଇ ସେମାନେ ଅଭିଯୋଗ କରିବାପରେ ପୋଲିସ ପ୍ରଶାସନ ପକ୍ଷରୁ ଗୁଗଲ୍ କମ୍ପାନୀକୁ ଚିଠି ଲେଖି ସ୍ପଷ୍ଟୀକରଣ ମଗାଯିବ ବୋଲି ଜଣାପଡ଼ିଛି ।





**ମେଷ:** ନୂତନ ଆୟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶୁଭସମାଚାର, ଦେବକାର୍ଯ୍ୟରେ ଆଗ୍ରହ, ମାନସିକ ଅବସାଦ, ସନ୍ତାନ ସମସ୍ୟା, ଶରୀର ସୁସ୍ଥ, ବିଶିଷ୍ଟ କାର୍ଯ୍ୟରେ ଲାଭ, ଦାମ୍ପତ୍ୟସୁଖ, ଅନୁଷ୍ଠାନରୁ ଲାଭ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**ବୃଷ:** ବ୍ୟୟବୃଦ୍ଧି, ଲୋକସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁଲାଭ, ଶରୀର ସୁସ୍ଥ, କିଛିକାର୍ଯ୍ୟରେ ଅସନ୍ତୁଷ୍ଟ, ସନ୍ତାନସମସ୍ୟା, ସମ୍ପତ୍ତିଲାଭ, ବ୍ୟକ୍ତିସହାୟତା, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ମା' ମହାଲକ୍ଷ୍ମୀ ।

**ମିଥୁନ:** ସମ୍ମାନଲାଭ, ତୀର୍ଥାଟନ, ଲୋକସମ୍ପର୍କ ବୃଦ୍ଧି, ଦ୍ରବ୍ୟଲାଭ, ପାରିବାରିକ ଖୁସି, ଶୁଭଖବର, ବନ୍ଧୁଲାଭ, କର୍ମକ୍ଷେତ୍ରେ ସମ୍ମାନିତ, ଉଚ୍ଚବ୍ୟକ୍ତିଙ୍କ ସହାୟତା, ମାନସିକ ଶାନ୍ତି, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୨, ଆରାଧନା-ଶ୍ରୀଗଣେଶ ।

**କର୍କଟ:** କର୍ମେ ଖୁସି, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ମାନସିକ ଶାନ୍ତି, ଅର୍ଥସମସ୍ୟା, ପାରିବାରିକ ସହଯୋଗ, ନୂତନ କର୍ମାରମ୍ଭ, ସମ୍ପତ୍ତିବିବାଦ, ବ୍ୟବସାୟିକ ଖୁସି, ପରିଭ୍ରମଣ ସୁଖ, ଶରୀର ସୁସ୍ଥ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ସିଂହ:** ଶରୀର ସୁସ୍ଥ, ମାନସିକ ଶାନ୍ତି, ସନ୍ତାନସୁଖ, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ଲାଭ, ଅର୍ଥପ୍ରାପ୍ତି, ଭ୍ରାତୃଭଗ୍ନିଙ୍କ ସ୍ନେହ, ଦ୍ରବ୍ୟଲାଭ, ସମ୍ପତ୍ତିଲାଭ, ହଠାତ୍ ଦୂରଯାତ୍ରା, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ଲକ୍ଷ୍ମୀନାରାୟଣ ।

**କନ୍ୟା:** ଅର୍ଥଲାଭ, ବନ୍ଧୁଗୃହେ ଯାତ୍ରା, ବିବାଦ ସମାଧାନ, ଉଚ୍ଚବ୍ୟକ୍ତିଙ୍କ ସହାୟତା, ସନ୍ତାନସମସ୍ୟା, ନୂତନକାର୍ଯ୍ୟାରମ୍ଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶତ୍ରୁ ପରାଜିତ, ପରିବହନରେ ସମସ୍ୟା, ଆୟ ଭଲ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୬, ଆରାଧନା-ମା' କୋଚିଲାଇ ।

**ତୁଳା:** ଆର୍ଥିକସୁଖ, ଶୁଭଖବର, ପାରିବାରିକ ଖୁସି, ସନ୍ତାସମସ୍ୟା, ଉଚ୍ଚଆଶାରେ ଲାଭ, ମାନସିକ ଅବସାଦ, ସ୍ୱାସ୍ଥ୍ୟସମସ୍ୟା, ବ୍ୟବସାୟିକ ଖୁସି, ବ୍ୟକ୍ତିସହାୟତା, ଦୂରଯାତ୍ରା, ଗୃହେ ଉତ୍ସବ, ପିତାମାତାଙ୍କ ଚିନ୍ତା, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ଶଙ୍କର ଭଗବାନ ।

**ବିଛା:** ଦ୍ରବ୍ୟଲାଭ, ଆତ୍ମସନ୍ତୋଷ, ଶତ୍ରୁସମସ୍ୟା, ଗାଡ଼ିଚାଳନାରେ ସତର୍କ, ସ୍ୱାସ୍ଥ୍ୟସମସ୍ୟା, ମାନସିକ ଅବସାଦ, ଈଶ୍ୱରବିଶ୍ୱାସ, ଦାମ୍ପତ୍ୟସୁଖ, ଅର୍ଥପ୍ରାପ୍ତି, ସମ୍ପତ୍ତିକନ୍ଦଳ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୪, ଆରାଧନା-ମା' ବଗଳାମୁଖୀ ।

**ଧନୁ:** ପିଲାଙ୍କକଷ୍ଟ, ପାରିବାରିକ ଖୁସି, ଅର୍ଥସମସ୍ୟା, ଜମିଜମା ଗଣ୍ଡଗୋଳ, ଦୂରଯାତ୍ରା, ଭ୍ରାତୃସ୍ନେହ, ବ୍ୟବସାୟରେ କଷ୍ଟ, ଲୋକସମ୍ପର୍କ ହାନି, ଶରୀର ସୁସ୍ଥ, ମାନସିକ ଅବସାଦ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ପିତାମାତାଙ୍କ ସେବା ।

**ମକର:** କଳହଯୋଗ, ସନ୍ତାନଖୁସି, ପାରିବାରିକ ବିବାଦ, ବ୍ୟବସାୟରେ ଲାଭ କମ୍, ଶୁଭକାର୍ଯ୍ୟରେ ଧନଖର୍ଚ୍ଚ,. ଦ୍ରବ୍ୟନଷ୍ଟ, ବ୍ୟକ୍ତିସହାୟତା, ବିଦେଶ ଭ୍ରମଣ ଶରୀର ସୁସ୍ଥ, କଚେରୀ ମାମଲା, ଆୟକମ୍ , ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୫, ଆରାଧନା-ଗ୍ରାମଦେବତୀ ।

**କୁମ୍ଭ:** କର୍ମେ ଖୁସି, ମାନସିକ ଅବସାଦ, ଦୂରଯାତ୍ରା, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁସାହାଯ୍ୟ, ଶରୀର ଅସୁସ୍ଥ, ଅର୍ଥସମସ୍ୟା, ସନ୍ତାନସମସ୍ୟା, ବିଦ୍ୟାରେ ସଫଳତା, ନୂତନ କାର୍ଯ୍ୟ ଆରମ୍ଭ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୬, ଆରାଧନା-ଗାଈମାନଙ୍କୁ ଖାଦ୍ୟ ଦିଅନ୍ତୁ ।

**ମୀନ:** ଅଯଥା କଷ୍ଟ, ନୂତନ ଆଶା ପୂର୍ଣ୍ଣ, ସମ୍ପତ୍ତିଲାଭ, ଭ୍ରାତୃକଳହ, ବିଶିଷ୍ଟ ବ୍ୟକ୍ତି ସହାୟତା, ଶରୀର ସୁସ୍ଥ, ବ୍ୟବସାୟ ଆରମ୍ଭ, ପରିବହନ କ୍ଷେତ୍ରେ ସମସ୍ୟା, ଅର୍ଥ ସମସ୍ୟା, ଶତ୍ରୁସମସ୍ୟା, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ଦକ୍ଷିଣକାଳୀ ।

**ଜ୍ୟେଷ୍ଠ କୃଷ୍ଣପକ୍ଷ ତ୍ରୟୋଦଶୀ**
**୧୩.୬.୨୦୨୬, ଶନିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ବିକାଶ ଧାରା, ଓଡ଼ିଶା ସାରା



## ଡବଲ ଇଞ୍ଜିନ ସରକାରର ସଫଳତା

ବିରୋଧୀଦଳ ଗତ ଦୁଇ ବର୍ଷ ହେଲା ଆମକୁ ପଚାରୁଛନ୍ତି "ଡବଲ ଇଞ୍ଜିନ ସରକାରରେ ଓଡିଶା ପାଇଲା କ'ଣ । ଏହାର ସଦ୍ୟତମ ଉଦାହରଣ ହେଉଛି ଦିଘା ଜଗନ୍ନାଥ ମନ୍ଦିରରୁ ଅମର୍ଯ୍ୟାଦିତ "ଧାମ' ଶବ୍ଦକୁ ହଟାଇବା । ଏହା ବ୍ୟତୀତ, ଗତ ଦୁଇ ବର୍ଷ ମଧ୍ୟରେ ପ୍ରାୟ ୯୦ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ, ୩୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସଡକ ପ୍ରକଳ୍ପ ଏବଂ ଅନେକ କେନ୍ଦ୍ରୀୟ ସଂସ୍ଥାର ନିର୍ମାଣ ଚାଲିଛି । ରାମେଶ୍ୱର-ଟାଙ୍ଗୀ ଏବଂ ଅଳ୍ପ କିଛିଦିନ ତଳେ ରାମେଶ୍ୱର-ପାରାଦୀପ ତଟୀୟ ରାସ୍ତା ଡବଲ ଇଞ୍ଜିନ ସରକାରର ସଫଳତାର ପ୍ରତୀକ । ବିକାଶକୁ ଗତି ଦେବା ପାଇଁ ମାନନୀୟ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ କରିଡରକୁ ବହୁତ କମ ଦିନ ମଧ୍ୟରେ ଅନୁମୋଦନ କରିଥିଲେ ଯାହା ଯାହା ଏହି ଅଞ୍ଚଳର ଆର୍ଥିକ ଓ ସାମାଜିକ ଚିତ୍ର ପରିବର୍ତ୍ତନ କରିବ । ଭୁବନେଶ୍ୱରକୁ ମଧ୍ୟ ଗ୍ରେଟର ଭୁବନେଶ୍ୱର ଭାବେ ବିକଶିତ କରାଯିବ ।

## ଖୁବ୍‌ଶୀଘ୍ର ଜଗତସିଂହପୁର, ଢେଙ୍କାନାଳ ଓ ଭଦ୍ରକରେ ନୂଆ ମେଡିକାଲ କଲେଜ

ସ୍ୱାସ୍ଥ୍ୟ ହିଁ ସମ୍ପଦ । ଆମ ସରକାର ଏହି କଥନଟିକୁ ଗମ୍ଭୀରତାର ସହ ନେଇଛନ୍ତି । ତେଣୁ, ଆମ ସରକାର ଆସିବା ମାତ୍ରେ, ରାଜନୈତିକ କାରଣରୁ ସ୍ଥଗିତ ରଖାଯାଇଥିବା ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ କାର୍ଯ୍ୟକାରୀ କରିଛନ୍ତି । ଯାହା ଫଳରେ ରାଜ୍ୟର ୩ କୋଟି ୪୬ ଲକ୍ଷ ହିତାଧିକାରୀ ଦେଶର ୩୨ ହଜାର ପ୍ରତିଷ୍ଠିତ ହସ୍ପିଟାଲରେ କ୍ୟାସଲେସ ଚିକିତ୍ସା ସୁବିଧା ପାଉଛନ୍ତି । ଇତି ମଧ୍ୟରେ ନୂତନ ମହାରାଜା ଯଯାତୀ କେଶରୀ ମେଡିକାଲ କଲେଜ, ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ, ଏବଂ କନ୍ଧମାଳ ସରକାରୀ ମେଡିକାଲ କଲେଜରେ ଏମବିବିଏସ ପାଠ୍ୟକ୍ରମ ଆରମ୍ଭ ହୋଇଛି ।

ସେହିପରି ନବରଙ୍ଗପୁର ସରକାରୀ ମେଡିକାଲ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ସହିତ ଖୁବ୍‌ଶୀଘ୍ର ଜଗତସିଂହପୁର, ଢେଙ୍କାନାଳ ଓ ଭଦ୍ରକରେ ନୂଆ ମେଡିକାଲ କଲେଜ ସ୍ଥାପନ କରାଯିବ । ଆୟୁଷ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯାଇ ରାଇରଙ୍ଗପୁରରେ ନୂତନ ଆୟୁର୍ବେଦ ମେଡିକାଲ କଲେଜ ଏବଂ ହସ୍ପିଟାଲ ଭିତ୍ତିପ୍ରସ୍ତର ସ୍ଥାପନ ମାନ୍ୟବର ରାଷ୍ଟ୍ରପତିଙ୍କ କରକମଳରେ ହୋଇଛି । ରାଜ୍ୟରେ ୩ଟି ନୂତନ ସରକାରୀ ଆୟୁର୍ବେଦିକ ମେଡିକାଲ କଲେଜ ଖୋଲାଯିବ ଓ ୨ଟି ହୋମିଓପାଥିକ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ । ସ୍ୱାସ୍ଥ୍ୟ ସେବାକୁ ଅବାଧ କରିବା ପାଇଁ ସରକାର ବିଭିନ୍ନ ସମୟରେ ଏବଂ ବର୍ଗରେ ନୂତନ ନିଯୁକ୍ତି ଦେଇଛନ୍ତି । ଗତ ଦୁଇ ବର୍ଷରେ ୫ ହଜାର ୧୯୭ ମେଡିକାଲ ଅଫିସର ଏବଂ ପାରାମେଡିକ୍ସ ନିଯୁକ୍ତ ଦିଆଯାଇଛି ।



'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ଭୁବନେଶ୍ୱରରେ ଭିଡ ହ୍ରାସ ଲାଗି ୩୬ ରାସ୍ତାର ମାଷ୍ଟର ପ୍ଲାନ ଅନୁମୋଦିତ

ରାଜ୍ୟ ସରକାର ମଧ୍ୟ ଏହି ୨ ବର୍ଷରେ ଅନେକ ଭିତ୍ତିଭୂମି ପ୍ରକଳ୍ପ ହାତକୁ ନେଇଛନ୍ତି । ଏହି ସମୟ ମଧ୍ୟରେ ରାଜ୍ୟରେ ପ୍ରାୟ ୯ ହଜାର କିଲୋମିଟର ରାସ୍ତା, ୫୭ଟି ସେତୁ ଓ ୪ଟି ରେଳ ଓଭର ବ୍ରିଜ ପାଇଁ ପ୍ରାୟ ୧୭ ହଜାର କୋଟି ଟଙ୍କା ବିନିଯୋଗ କରାଯାଇଛି । ଭୁବନେଶ୍ୱରରେ ଯାତାୟତ ଭିଡ ହ୍‌ରାସ କରିବା ପାଇଁ ୩୬ଟି ରାସ୍ତାର ମାଷ୍ଟର ପ୍ଲାନ ଅନୁମୋଦିତ ହୋଇଛି । ଏଥି ମଧ୍ୟରୁ ପ୍ରାୟ ୨୭ କିଲୋମିଟର ଦୀର୍ଘ ୮ଟି ସଡକ ପ୍ରକଳ୍ପ ପାଇଁ ପ୍ରାୟ ୧ ହଜାର ୨୦୦ କୋଟି ଟଙ୍କା ମଞ୍ଜୁର ହୋଇଛ । ଆଜି ଏଥି ମଧ୍ୟରୁ ଗୋଟିଏ ରାସ୍ତା ଉଦଘାଟନ ହୋଇଛି । ଏହା ସହିତ ଯାତାୟତ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ କେତୋଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଧ୍ୟ ଯୋଜନା କରାଯାଇଛି । ମାଲକାନଗିରିର ମୋଟୁ ଠାରୁ ମୟୂରଭଞ୍ଜର ତିରିଙ୍ଗ ପର୍ଯ୍ୟନ୍ତ ଅଟଳ ଏକ୍ସପ୍ରେସ-ୱେ, ପାରଳାଖେମୁଣ୍ଡିରୁ ଅମ୍ବାଭୋନା ପର୍ଯ୍ୟନ୍ତ ନମୋ ଏକ୍ସପ୍ରେସ-ୱେ, ବ୍ରହ୍ମପୁର-ଜୟପୁର ଏକ୍ସପ୍ରେସ୍-ୱେ, ଭୁବନେଶ୍ୱର ରାଇଟ୍ ଆକ୍ସେସ୍ ରୋଡ୍ ନେଟୱାର୍କ, ଭୁବନେଶ୍ୱର ଜୟଦେବ ବିହାର-ନନ୍ଦନ କାନନ ରୋଡ୍ ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ କାମ ଆରମ୍ଭ ହୋଇଛି କିମ୍ବା ଖୁବଶୀଘ୍ର ହେବ ।

### ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

## ଶସ୍ତା, ନକରାତ୍ମକ କଣ୍ଟେଣ୍ଟରୁ ଦୂରେଇ ରହିବାକୁ ପରାମର୍ଶ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଏବଂ ଡିଜିଟାଲ୍ କ୍ରିଏଟରମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଡିଜିଟାଲ୍ କ୍ରିଏଟରମାନଙ୍କୁ ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶାର ସବୁଠାରୁ ଶକ୍ତିଶାଳୀ ଡିଜିଟାଲ୍ ଆମ୍ବାସଡରସ୍ ଏବଂ ଭବିଷ୍ୟତର ଓପିନିଅନ ଲିଡରସ୍ ବୋଲି କହିଛନ୍ତି ।

ଡିଜିଟାଲ କ୍ରିଏଟରମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯିଏ ଯେଉଁ ଚିନ୍ତାଧାରାର ସମର୍ଥକ ହୁଅନ୍ତୁ ନା କାହିଁକି, ସମସ୍ତଙ୍କ ପାଇଁ "ରାଷ୍ଟ୍ର ସର୍ବୋପରି' ହେବା ଉଚିତ । ଦେଶ ଏବଂ ସରକାର ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ସେ କହିଥିଲେ, ଆପଣ ସରକାରଙ୍କୁ ସମାଲୋଚନା କରି ପାରିବେ, କିନ୍ତୁ ସରକାରଙ୍କୁ ସମାଲୋଚନା କରିବା ଆଳରେ ଦେଶକୁ ଅସମ୍ମାନ କରିବା କେବେ ବି ଗ୍ରହଣୀୟ ନୁହେଁ । ସୋସିଆଲ ମିଡିଆରେ ଆପତ୍ତିଜନକ ପୋଷ୍ଟିଂ ଯୋଗୁଁ ଯୁବପିଢ଼ି ଯେଭଳି ବିବାଦରେ ଛନ୍ଦି ହୋଇ ନିଜ ଭବିଷ୍ୟତ ନଷ୍ଟ ନକରନ୍ତି, ସେଥିପ୍ରତି ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସତର୍କ କରାଇ ଦେଇଥିଲେ । ଏଥି ସହିତ ମୁଖ୍ୟମନ୍ତ୍ରୀ ସରକାରଙ୍କ ବିଭିନ୍ନ ଲୋକକଲ୍ୟାଣ କାର୍ଯ୍ୟକ୍ରମଗୁଡିକୁ କଣ୍ଟେଣ୍ଟ ମାଧ୍ୟମରେ ଲୋକମାନଙ୍କ ନିକଟରେ ପହଞ୍ଚାଇବା ଆବଶ୍ୟକ ବୋଲି ସେ କହିଥିଲେ ।



ଆପଣମାନଙ୍କ କଣ୍ଟେଣ୍ଟର ଉଦ୍ଦେଶ୍ୟ କେବଳ "ଭିଉଜ୍'ବଢ଼ାଇବା କିମ୍ବା କିଛି ସେକେଣ୍ଡର ମନୋରଞ୍ଜନ ମଧ୍ୟରେ ସୀମିତ ନରହି, ସମାଜ ପାଇଁ ଏକ ସୁସ୍ଥ ବାର୍ତ୍ତା ବହନ କରିବା ଆବଶ୍ୟକ । କ୍ଲିକ୍‌ବେଟ୍ ଏବଂ ଶସ୍ତା ପ୍ରସିଦ୍ଧିର ମୋହରୁ ଦୂରେଇ ରଖି ବା ମହତ ଉଦ୍ଦେଶ୍ୟ ଭିତ୍ତିକ ସୃଜନଶୀଳତା ଆଡ଼କୁ ଆକର୍ଷିତ କରିବାକୁ ସେ କଣ୍ଟେଣ୍ଟ କ୍ରିଏଟର ମାନଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଆଜିର ଜେନ୍-ଜି ବା ନୂତନ ପିଢ଼ିର ମାନସିକ ସ୍ଥିତି ଉପରେ ଚିନ୍ତା ପ୍ରକଟ କରି କହିଥିଲେ ଯେ, ଏହି ପିଢ଼ି ଖୁବ୍ ସ୍ମାର୍ଟ ଓ ସୃଜନଶୀଳ ହୋଇଥିଲେ ମଧ୍ୟ ସୂଚନାର ଅତିରିକ୍ତ ବୋଝ, ଆତ୍ମପରିଚୟର ସଂଘର୍ଷ, ମାନସିକ ଚାପ ଏବଂ ସାଇବର ଜଗତର ନକାରାତ୍ମକତା ଯୋଗୁଁ ବେଳେବେଳେ ବିଭ୍ରାନ୍ତ ହେଉଛନ୍ତି । ଏଭଳି ସ୍ଥିତିରେ ଇନଫ୍ଲୁଏନ୍ସରମାନଙ୍କର ଗୋଟିଏ 'ରିଲ୍' କିମ୍ବା 'ଭିଡିଓ' ହଜାର ହଜାର ଯୁବପିଢ଼ିଙ୍କ ମନୋଭାବକୁ ବଦଳାଇ ଦେଇପାରେ । କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକଙ୍କ ସହିତ ବରିଷ୍ଠ ବିଭାଗୀୟ ଅଧିକାରୀ ଓ ବିଭିନ୍ନ ବିଭାଗର ଲୋକସମ୍ପର୍କ ଅଧିକାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ସୂଚାରୁରୂପେ ପରିଚାଳନା କରିଥିଲେ ।

## କେଜିରୁ ପିଜି ପର୍ଯ୍ୟନ୍ତ ଶିକ୍ଷାକୁ ସଂପୂର୍ଣ୍ଣ ଦେୟମୁକ୍ତ

ଆଜି ଆମେ ଯେଉଁଠାରେ ଉପନୀତ ହୋଇଛୁ, ସାକ୍ଷରତା ଏକ ବଡ ସମସ୍ୟା ନୁହେଁ । ସମସ୍ୟା ହେଉଛି ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା । ମୋତେ ଆଶ୍ଚର୍ଯ୍ୟ ଲାଗେ ଯେ ଏହି ସାଧାରଣ କଥା କେମିତି ୨୪ ବର୍ଷୀୟା ସରକାରଙ୍କ ମନରେ ଉଦୟ ହେଲା ନାହିଁ । ୨୨ ବର୍ଷ ପରେ ଯେତେବେଳେ ମନେ ପଡିଲା, କିଛି ସାର୍ଥକ କାର୍ଯ୍ୟ କରିବା ବଦଳରେ କେବଳ ସ୍କୁଲରେ ରଙ୍ଗମାରି ଚାଲିଲେ । ଏହି ଅସଙ୍ଗତିକୁ ଦୂର କରିବା ପାଇଁ ଆମ ସରକାର ଦୁଇଟି ଐତିହସିକ ପଦକ୍ଷେପ ଗ୍ରହଣ କରିଥିଲେ । ପ୍ରଥମଟି ହେଉଛି ରାଜନୈତିକ କାରଣରୁ ସ୍ଥଗିତ ରଖାଯାଇଥିବା ଜାତୀୟ ଶିକ୍ଷା ନୀତି ୨୦୨୦କୁ କାର୍ଯ୍ୟକାରୀ କରିବା । ଅନ୍ୟଟି ହେଉଛି ପ୍ରତି ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବା । ପ୍ରଥମ ପର୍ଯ୍ୟାୟରେ ସ୍ଥାପିତ ହେବାକୁ ଥିବା ୨୨ ଶହ ବିଦ୍ୟାଳୟରୁ ବର୍ତ୍ତମାନ ସୁଦ୍ଧା ୩୨୨ ବିଦ୍ୟାଳୟ ପାଇଁ ଶିଳାନ୍ୟାସ କରାଯାଇଛି । ଏଥି ସହିତ ଗତ ଦୁଇ ବର୍ଷ ମଧ୍ୟରେ ୨୬ ହଜାର ୬୧୫ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି । ଆଗାମୀ ୩ ବର୍ଷରେ ଆମେ ୪୫ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ । ଚଳିତ ବଜେଟରେ ଓଡ଼ିଶାରେ ୪ ଟି ନୂତନ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ଏବଂ ଉପାନ୍ତ ଅଞ୍ଚଳ ଗୁଡ଼ିକରେ ୧୮ଟି ନୂଆ ସରକାରୀ ମହାବିଦ୍ୟାଳୟ ଖୋଲାଯାଇଛ । ଆଗାମୀ ଦିନରେ ଓଡିଶାକୁ ପୂର୍ବ ଭାରତର ଉଚ୍ଚ ଶିକ୍ଷା ରାଜଧାନୀ ଭାବେ ନିର୍ମାଣ କରାଯିବ । ଆମ ସରକାର ଶିକ୍ଷାକୁ ପ୍ରକୃତ ଅର୍ଥରେ ଦେୟମୁକ୍ତ ଓ ସାର୍ବଜନୀନ କରିବା ପାଇଁ କେଜିରୁ ପିଜି ପର୍ଯ୍ୟନ୍ତ ଶିକ୍ଷାକୁ ସଂପୂର୍ଣ୍ଣ ଦେୟମୁକ୍ତ କରିବାକୁ ମୁଁ ଘୋଷଣା କରୁଛି । ଏହାଦ୍ୱାରା ରାଜ୍ୟର ସମସ୍ତ ବିଦ୍ୟାର୍ଥୀ, ବିଶେଷ ଭାବେ ଆର୍ଥିକ ସ୍ତରରେ ପଛୁଆ ବର୍ଗ ଓ ଛାତ୍ରୀମାନେ ଉପକୃତ ହେବେ । ବୋଧହୁଏ, ଶିକ୍ଷା କ୍ଷେତ୍ରରେ ଏପରି ଏକ ପଦକ୍ଷେପ ସାରା ଦେଶରେ ଓଡିଶା ପ୍ରଥମଥର ପାଇଁ କାର୍ଯ୍ୟକାରୀ ହେବ ।

## ଓଡିଶା ନକ୍ସଲ ଓ ମାଓ ହିଂସା ମୁକ୍ତ

ରାଜ୍ୟର ଆଇନ ଶୃଙ୍ଖଳାକୁ ନେଇ ଅନେକ ପ୍ରଶ୍ନ ଅଛି । ତେଣୁ, ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ମୁଁ ଦୃଢତାର ସହିତ ତାର ଉତ୍ତର ରଖିବି । ଆଜିର ଆଇନ ଶୃଙ୍ଖଳା ପରିସ୍ଥିତି ଏକ ରାଜନୈତିକ ରୂପ ଧାରଣ କରିଛି । ତେଣୁ, ମୁଁ ରାଜନୈତିକ ଭାବେ ବିଧାନସଭା ଭିତରେ ଏବଂ ବାହାରେ ଅନେକ ଥର ଏକ ସିଧା ଓ ସ୍ପଷ୍ଟ ପ୍ରଶ୍ନ ପଚାରିଛି, "କେଉଁ ସାଂଘାତିକ ଅପରାଧିକ କେସରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନାହିଁ । ଏହାର ଉତ୍ତର ଆଜି ପର୍ଯ୍ୟନ୍ତ କେହି ଦେଇ ପାରୁନାହାନ୍ତି । ମୁଁ ପୁଣିଥରେ ସେଇ ପ୍ରଶ୍ନ ଆଜି ପଚାରୁଛି, "କେଉଁ କେସରେ ଅଭିଯୁକ୍ତଙ୍କୁ ଗିରଫ କରଯାଇନାହିଁ ବା ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ଯାଇ ନାହିଁ? ଯଦି ଆପଣମାନେ ତାଙ୍କଠୁ ଉତ୍ତର ପାଇବେ ମୋତେ ଜଣାଇବେ । ଆଜି ଓଡିଶା ନକ୍ସଲ ଓ ମାଓ ହିଂସା ମୁକ୍ତ । ବର୍ତ୍ତମାନ ଆପଣମାନେ ବିନା ଭୟରେ ରାଜ୍ୟରେ ଯେ କୌଣସି ଅଞ୍ଚଳକୁ ଯାଇ ଖବର ସଂଗ୍ରହ କରି ପାରୁଛନ୍ତି । ଆମ ସରକାରଙ୍କ ସମୟରେ ମହିଳା ବିରୋଧୀ ଅପରାଧ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ବେଳେ ଆଇନଗତ ପଦକ୍ଷେପ ନିଆଯାଇ ଦଣ୍ଡହାର ଅହେତୁକ ଭାବେ ବୃଦ୍ଧି ପାଇଛି । ୨୦୨୩ ରେ ମହିଳା ବିରୋଧୀ ଅପରାଧରେ ଦୋଷୀ ସାବ୍ୟସ୍ତ ହାର ମାତ୍ର ୬.୭ ପ୍ରତିଶତ ଥିବା ବେଳେ, ୨୦୨୫ ଜୁନ ସୁଦ୍ଧା ଏହା ୬୨ ପ୍ରତିଶତକୁ ବୃଦ୍ଧି ପାଇଛି । ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବା ପରେ ଓଡ଼ିଶାର ସାମଗ୍ରୀକ ଦୋଷୀ ସାବ୍ୟସ୍ତ ହାର ୮୭.୬ ପ୍ରତିଶତକୁ ବୃଦ୍ଧି ପାଇଛି ଯାହା ପୂର୍ବରୁ ପ୍ରାୟ ୧୧ ପ୍ରତିଶତ ଥିଲା । ଯଦି ଅଭିଯୁକ୍ତଙ୍କୁ ଦଣ୍ଡିତ କରିବା ଆଇନ ଶୃଙ୍ଖଳାରେ ମାନକ ନୁହେଁ, ତ ଆଉ କେଉଁ ମାନକକୁ ଧରାଯିବ, ଯଦି ବିରୋଧୀଦଳ ନେତା କହିବେ, ତେବେ ଆମେ ତା ଉପରେ କାର୍ଯ୍ୟ କରିବୁ । ରାଜ୍ୟରେ ଆଇନ ଶୃଙ୍ଖଳାକୁ ଗୁରୁତ୍ୱ ଦେଇ ପୋଲିସ ବିଭାଗକୁ ଅଧିକ ସଶକ୍ତ କରୁଛୁ । ଆମେ ଏଥି ପାଇଁ ୨୧ ହଜାର ୧୮୬ଟି ନୂତନ ପଦବୀ ସୃଷ୍ଟି କରିବା ସହିତ ଅନ୍ୟ ଆନୁଷଙ୍ଗିକ ସମ୍ବଳ ମଧ୍ୟ ପ୍ରଦାନ କରାଯାଉଛି ।

## କୃଷି ଓ କୃଷକ ସଶକ୍ତିକରଣ

ରାଜ୍ୟର ଚାଷୀଭାଇ ଓ ଭଉଣୀମାନେ ଆମପାଇଁ କୃଷକ ନୁହନ୍ତି, ସେମାନେ ଆମପାଇଁ ଅନ୍ନଦାତା । ତେଣୁ, ଅନ୍ନଦାତାଙ୍କୁ ସମ୍ମାନ ଦେବା ସହ ଆମେ ତାଙ୍କୁ ସଶକ୍ତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛୁ । ପ୍ରଥମ କ୍ୟାବିନେଟରେ ସମୃଦ୍ଧ ଓଡିଶାକୁ ଆମ ସରକାର ଅନୁମୋଦନ ଦେଇଥିଲା । ୨୦୨୫-୨୬ ଖରିଫ୍ ଋତୁରେ ଗତ ମାସ ୭ ତାରିଖ ସୁଦ୍ଧା ରେକର୍ଡ ସଂଖ୍ୟକ ୧୮ ଲକ୍ଷ ୮୩ ହଜାର ଚାଷୀଙ୍କଠାରୁ ୭୭ ଲକ୍ଷ ୪୧ ହଜାର ମେଟ୍ରିକ ଟନ ଧାନ କିଣା ସରିଛି ଏବଂ ରବି ଋତୁରେ ଚାଷୀଙ୍କଠାରୁ ୪ ଲକ୍ଷ ୮୫ ହଜାର ମେଟ୍ରିକ ଟନ ଧାନ କିଣାଯାଇଛି । ଏଥି ସହିତ କୃଷି ବିଦ୍ୟାନିଧି ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ୧୦୦ ମଡେଲ ମଣ୍ଡି ପ୍ରତିଷ୍ଠା କରି ଅନ୍ନଦାତାଙ୍କ ସଶକ୍ତିକରଣ ଆମେ କରୁଛୁ ।

## ୨୦୨୭ ସୁଦ୍ଧା ସମସ୍ତ ଗ୍ରାମକୁ ପାନୀୟ ଜଳ

ସମସ୍ତଙ୍କ ପାଇଁ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ୨୦୨୭ ସୁଦ୍ଧା ସମସ୍ତ ଗ୍ରାମୀଣ ପାନୀୟ ଜଳ ପ୍ରକଳ୍ପ ଗୁଡିକ ସମ୍ପୂର୍ଣ୍ଣ କରାଯିବ । ଗତ ୨ ବର୍ଷରେ ୧୫ ହଜାର ୨୦୦ ରୁ ଅଧିକ ଘରକୁ ପାଇପ୍ ପାଣି ଯୋଗାଇ ଦିଆଯାଇଛି । ଅଧିକ ୩ ଲକ୍ଷ ୫୨ ହଜାରରୁ ଅଧିକ ପରିବାରକୁ ଟ୍ୟାପ୍ କନେକ୍ସନ୍ ଯୋଗାଇ ଦିଆଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୩୫ ଲକ୍ଷ ଯୋଗ୍ୟ ପରିବାରଙ୍କୁ ପାମା ଘର ଯୋଗାଇ ଦିଆଯିବ । ରାଜ୍ୟରେ ଗତ ୨ ବର୍ଷ ମଧ୍ୟରେ ୨ ହଜାରରୁ ଅଧିକ କିଲୋମିଟର ଗାଁ-ଭିତର ରାସ୍ତା ନିର୍ମାଣ କରାଯାଇଛି । ଏହାସହିତ ୭୩୫ କିଲୋମିଟର ରାସ୍ତା ନିର୍ମାଣ କରାଯାଇ ଗାଁକୁ ଗାଁ ଯୋଡ଼ା ଯାଇଛି ।

### ଜୟଦେବ ବିହାର-ନନ୍ଦନକାନନ ରାସ୍ତା ଭିଡ଼ରୁ ମିଳିବ ମୁକ୍ତି

## ଏକାମ୍ର କାନନରୁ ଓଇଆରସି ଯାଏଁ ରାସ୍ତାର ଉଦ୍‌ଘାଟନ



ଭୁବନେଶ୍ୱର,(ସବ୍ୟୁ): ଜୟଦେବ ବିହାର-ନନ୍ଦନକାନନ ରାସ୍ତା ଭିଡ଼ରୁ ମିଳିବ ମୁକ୍ତି । ମାତ୍ର ୧୦ ମିନିଟରେ ସିଆରପି ଛକରୁ ବାହାରି ଇନଫୋସିଟିରେ ପହଞ୍ଚି ହେବ । ବହୁ ପ୍ରତିକ୍ଷିତ ଏକାମ୍ର କାନନରୁ ଓଇଆରସି ଯାଏ ନୂଆ ରାସ୍ତା ଆଜି ଉଦଘାଟିତ ହୋଇଛ । ଆଇଏମଏରୁ ଇନଫୋସିଟି ମଧ୍ୟଦେଇ ଏକାମ୍ର କାନନ ପର୍ଯ୍ୟନ୍ତ ନୂତନ ରାସ୍ତାକୁ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଏହି ରାସ୍ତାକୁ ଉଦଘାଟନ କରାଯାଇଛି । ରାଜଧାନୀରେ ଟ୍ରାଫିକ ଭିଡକୁ କମାଇବ ଏହି ରାସ୍ତା । ବିଶେଷ କରି ଜୟଦେବ ବିହାରରୁ ପଟିଆ ପର୍ଯ୍ୟନ୍ତ ଯାଉଥିବା ଯାତ୍ରୀଙ୍କ ପାଇଁ ଏହା ହେବ ବିକଳ୍ପ ରାସ୍ତା । ଉଦଘାଟନ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତ ଷଡ଼ଙ୍ଗୀ, ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ବିଏମସି କମିଶନରଙ୍କ ସମେତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## କନ୍ୟା ବିବାହ ଯୋଜନାରେ ୧୩୦୦ ଗରିବ କନ୍ୟାଙ୍କ ସାମୂହିକ ବିବାହ

ଆମ ସମସ୍ତଙ୍କ ପାଇଁ ନାରୀଶକ୍ତି ସମସ୍ୟା । ତେଣୁ ମହିଳା ସଶକ୍ତିକରଣରୁ ଆମ ସରକାରଙ୍କ ରିପୋର୍ଟ କାର୍ଡ ଆରମ୍ଭ କରୁଛି । ଆମ ସରକାରଙ୍କ ପ୍ରଥମ କ୍ୟାବିନେଟରେ "ସୁଭଦ୍ରା ଯୋଜନା'କୁ ଅନୁମୋଦନ କରିଥିଲା ଏବଂ ଏହି ଦୁଇ ବର୍ଷ ମଧ୍ୟରେ ୨୦ ହଜାର ୬୦୦ କୋଟିରୁ ଊର୍ଦ୍ଧ୍ୱର୍ ଟଙ୍କାର ସହାୟତା ପ୍ରଦାନ କରାଯାଇଛି । ସୁଭଦ୍ରା ସହିତ ଆମ ସରକାର ମହିଳାଙ୍କ ବିକାଶ ପାଇଁ କନ୍ୟା ବିବାହ ଯୋଜନା ଆଣି ୧୩୦୦ ଗରିବ କନ୍ୟାଙ୍କୁ ମର୍ଯ୍ୟାଦାଜନକଭାବେ ସାମୂହିକ ବିବାହ ଅନୁଷ୍ଠିତ କରାଇଛି । ଆଉ ଏକ ଯୁଗାନ୍ତକାରୀ କନ୍ୟା ସୁମଙ୍ଗଳ ଯୋଜନା ଆଣିଛନ୍ତି ଯାହା ମାନନୀୟ ପ୍ରଧାନମନ୍ତ୍ରୀଙ୍କ "ବେଟି ବଚାଓ, ବେଟି ପଢାଅ' ନୀତିର ଏକ ସାର୍ଥକ ପ୍ରତିଫଳନ । ଗତ ଦୁଇ ବର୍ଷ ମଧ୍ୟରେ ଚାରି ଲକ୍ଷରୁ ଅଧିକ ଏସ୍‌ଏଚ୍‌ଜିଙ୍କୁ ରିହାତି ସୁଧରେ ୩୮ ହଜାର ୭୯୫ କୋଟି ଟଙ୍କାର ବ୍ୟାଙ୍କ ଋଣ ସଂଯୋଗୀକରଣ ସୁବିଧା ଯୋଗାଇ ଦିଆଯାଇଛି । ଆଜି ୨୩ ଲକ୍ଷ ୫୦ ହଜାର ଲକ୍ଷପତି ଦିଦି ଆର୍ଥିକ ସ୍ତରରେ ସଶକ୍ତ ହୋଇଛନ୍ତି ।



ଭୁବନେଶ୍ୱର ୟୁନିଟ ୨ରେ 'ଜନାଶ୍ରୟ ଭବନ'ର ଭିତ୍ତି ପ୍ରସ୍ତର ସ୍ଥାପନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# ୫୦ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ଦୁଇ ଗିରଫ

ଭୁବନେଶ୍ୱର, (ସବ୍ୟ) : ରାଜଧାନୀ ଉପକଣ୍ଠରୁ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଦୁଇ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିଛି । ଦୁହେଁ ବୌଦ୍ଧରୁ ଏକ ଅଟୋରେ ୧୦୧.୫୪୦କେଜି ଗଞ୍ଜେଇ ଧରି ଭୁବନେଶ୍ୱର ଆସୁଥିବା ଖବର ପାଇ ଏସ୍‌ଟିଏଫ୍ ଚନ୍ଦକା ଥାନା ଅନ୍ତର୍ଗତ ଅନ୍ଧାରୁଆ ଅଞ୍ଚଳରୁ ଦୁଇଜଣଙ୍କୁ କାବୁ କରିବାରେ ସମର୍ଥ ହେଲା । ଜବତ ଗଞ୍ଜେଇର ମୂଲ୍ୟ ୫୦ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି ।



ବୌଦ୍ଧ ଜିଲ୍ଲାର ଜଗଦୀଶ ବେହେରା (୪୫) ଓ ସଞ୍ଜିତ ଥାଟି (୨୯) ଓଡି୧୫ଜି-୯୫୧୦ ନମ୍ବର ଅଟୋରେ ଗଞ୍ଜେଇ ଲୋଡ୍ କରି ଭୁବନେଶ୍ୱର ଉପକଣ୍ଠ ଅନ୍ଧାରୁଆ ଅଞ୍ଚଳର ଜଣେ ବ୍ୟବସାୟୀଙ୍କୁ ଦେବା ପାଇଁ ଆସିଥିଲେ । ନିର୍ଦ୍ଦିଷ୍ଟ ଏକ ସୂତ୍ରରୁ ଏସ୍‌ଟିଏଫ୍ ଖବର ପାଇ ଅତର୍କିତ ଚଢାଉ କରିଥିଲା । ଏହି ଆନ୍ତଃରାଜ୍ୟ ର୍ୟାକେଟ୍ ନିୟମିତ ଭାବେ ବୌଦ୍ଧରୁ ଭୁବନେଶ୍ୱରକୁ ଗଞ୍ଜେଇ ଚାଲାଣ କରନ୍ତି । ଗତ ବର୍ଷକ ମଧ୍ୟରେ ଏହି ର୍ୟାକେଟ୍ ୨୦କୋଟିରୁ ଉର୍ଦ୍ଧ୍ୱର୍ ଟଙ୍କାର ଗଞ୍ଜେଇ ଭୁବନେଶ୍ୱରକୁ ଚାଲାଣ କରିଥିବା ସୂଚନା ମିଳିଛି । ଏସ୍‌ଟିଏଫ୍ ବହୁବାର ଚାଲାଣକାରୀଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ସୂଚନା ଆଧାରରେ ଡିଷ୍ଟ୍ରିବ୍ୟୁଟର ପାଖରେ ପହଞ୍ଚି ପାରୁନାହିଁ । ଗିରଫ ଚାଲାଣକାରୀମାନେ ଗଞ୍ଜେଇ କେଉଁଠାରୁ କାହା ମାଧ୍ୟମରେ ଭୁବନେଶ୍ୱର ଆଣୁଛନ୍ତି ସୂଚନା ଦେଉଥିଲେ ମଧ୍ୟ ଏସ୍‌ଟିଏଫ୍ ସେଠାରେ ପହଞ୍ଚିବାର ରହସ୍ୟ କ'ଣ ? ଏମାନେ କେବଳ ଭୁବନେଶ୍ୱର ନୁହେଁ ବାହାର ରାଜ୍ୟକୁ ମଧ ଗଞ୍ଜେଇ ଚାଲାଣ କରନ୍ତି । ଗିରଫ ଦୁଇଜଣଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ୨୫ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ତୃତୀୟ ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲ

ଭୁବନେଶ୍ୱର, (ସବ୍ୟ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ ଠାରେ, ୨୫ ରୁ ଜୁନ୍ ୨୮ ପର୍ଯ୍ୟନ୍ତ ଆରମ୍ଭ ହେବାକୁ ଥିବା "ତୃତୀୟ ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲ-୨୦୨୬" ର ଆନୁଷ୍ଠାନିକ କାର୍ଯ୍ୟସୂଚୀ ଉନ୍ମୋଚନ କରିଛନ୍ତି । ଏହି ଅବସରରେ ଫେଷ୍ଟିଭାଲ ଡିରେକ୍ଟର ସଞ୍ଜୟ ପଟ୍ଟନାୟକ, କୋ-ଡିରେକ୍ଟର ସୁକାନ୍ତ ରଥ ଓ ଅଶୋକ ପାଲିତଙ୍କ ସହ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଚଳଚ୍ଚିତ୍ର ମହୋତ୍ସବର ପ୍ରଶଂସା କରିଥିଲେ । ସେ କହିଥିଲେ ଯେ ଓଡ଼ିଶାର କଳା, ଐତିହ୍ୟ ଏବଂ ସିନେମାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଆଗାମୀ ବର୍ଷ (୨୦୨୭) ଠାରୁ ଏହି ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲକୁ ଆହୁରି ବଡ଼ ଏବଂ ବ୍ୟାପକ ଭାବେ ଆୟୋଜନ କରାଯିବ । ଏହି ଆଲୋଚନାରେ ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲର ନିର୍ଦ୍ଦେଶକ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ସଂସ୍କୃତି ବିଭାଗର ଏହି ପ୍ରୋତ୍ସାହନ ରାଜ୍ୟରେ ସିନେ-ସଂସ୍କୃତିର ବିକାଶ ଏବଂ ଚଳଚ୍ଚିତ୍ରର ପ୍ରସାର ଦିଗରେ ଏକ ମାଇଲଖୁଣ୍ଟ ସଦୃଶ ବୋଲି ସେ କହିଥିଲେ । ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଜୁନ୍ ୨୫ ରୁ ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ସକାଳ ୧୦ଟାରୁ ରାତି ୧୦ଟା ଯାଏଁ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଏହି ଉତ୍ସବ ଅନୁଷ୍ଠିତ ହେବ ।

### 'ଭାରତ ଇନୋଭେଟ୍ସ' ର ରଣନୀତିକ ଦସ୍ତାବିଜ୍ ଉନ୍ମୋଚିତ

# ବିଶ୍ୱରେ ପ୍ରଦର୍ଶିତ ହେବ ଭାରତର ଇନୋଭେସନ ଶକ୍ତି : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟ): ଭାରତରେ ବଢୁଥିବା ଇନୋଭେସନ ଓ ଟେକ୍ନୋଲୋଜିର କ୍ଷମତାକୁ ବିଶ୍ୱ ଦରବାରରେ ପ୍ରଦର୍ଶିତ କରିବା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି । ଫ୍ରାନ୍ସର ନିସ୍ ସହରରେ ଆୟୋଜିତ ହେବାକୁ ଥିବା ଏହି ପ୍ରମୁଖ ଆନ୍ତର୍ଜାତୀୟ ପ୍ରଦର୍ଶନୀ ପୂର୍ବରୁ ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ଭାରତ ଇନୋଭେଟ୍ସ' ର ରଣନୀତିକ ଦସ୍ତାବିଜ୍‌ଗୁଡ଼ିକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି । ଉନ୍ମୋଚନ ସମୟରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଆସନ୍ତା ଜୁନ୍ ୧୪ ତାରିଖରେ ଫ୍ରାନ୍ସର ନିସ୍ ସହରରେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଫ୍ରାନ୍ସର ରାଷ୍ଟ୍ରପତି ଶ୍ରୀ ଏମାନୁଏଲ ମାକ୍ରୋନଙ୍କ ଉପସ୍ଥିତିରେ 'ଭାରତ ଇନୋଭେଟ୍ସ' କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ ହେବାକୁ ଯାଉଛି । ଏହି ଗରିମାମୟ କାର୍ଯ୍ୟକ୍ରମରେ ଭାରତର ନୂଆପିଢ଼ିର ଅଭିନବ ଚିନ୍ତାଧାରା, ବ୍ୟବସାୟିକ ପ୍ରସ୍ତାବ ଏବଂ ବିଶ୍ୱର ଆବଶ୍ୟକତାକୁ ପୂରଣ କଲାଭଳି ନୂତନ ଉଦ୍ଭାବନଗୁଡ଼ିକୁ ପ୍ରଦର୍ଶିତ କରାଯିବ । ଏହା ଭାରତର ଯୁବ ପିଢ଼ିର ପ୍ରତିଭା ପ୍ରତି ଏକ ବଡ଼ ଆନ୍ତର୍ଜାତୀୟ ସ୍ୱୀକୃତି । ପ୍ରଧାନମନ୍ତ୍ରୀଙ୍କ ଭାଗିଦାର ହୋଇଛନ୍ତି । ଜୁନ୍ ୧୪ ରୁ ୧୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ବିଶ୍ୱର ଅନେକ



ଦୂରଦୃଷ୍ଟିସମ୍ପନ୍ନ ପରାମର୍ଶ କ୍ରମେ, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆସିଥିବା ହଜାର ହଜାର ପ୍ରସ୍ତାବ ମଧ୍ୟରୁ ଯାଞ୍ଚ କରାଯାଇ ୧୨୦ଟି ପ୍ରତିଭାବାନ ନୂତନ ଷ୍ଟାର୍ଟଅପକୁ ଚୟନ କରାଯାଇଛି । ଏହି ଷ୍ଟାର୍ଟଅପଗୁଡ଼ିକ ୧୩ଟି ପ୍ରାଥମିକତା କ୍ଷେତ୍ର ଉପରେ କାର୍ଯ୍ୟ କରୁଛନ୍ତି ଏବଂ ଦେଶର ୨୦ରୁ ଅଧିକ ପ୍ରମୁଖ ଶିକ୍ଷାନୁଷ୍ଠାନ ସହିତ ଆର୍ଥିକ ପ୍ରତିଷ୍ଠାନ, ଆନ୍ତର୍ଜାତୀୟ କମ୍ପାନୀ ଏବଂ ବୁଦ୍ଧିଜୀବୀମାନଙ୍କୁ ଆମନ୍ତ୍ରଣ କରାଯାଇଛି । ଏଠାରେ ଆଲୋଚନା ସହ ବ୍ୟବସାୟିକ ବୈଠକ ମଧ୍ୟ ଅନୁଷ୍ଠିତ ହେବ । ଏହି ମଞ୍ଚରେ ପ୍ରଧାନମନ୍ତ୍ରୀ ମୋଦୀ ଭାରତୀୟ ଯୁବପିଢ଼ିଙ୍କ ଦ୍ୱାରା ପ୍ରସ୍ତୁତ ଏହି ଅଭିନବ ଉଦ୍ଭାବନଗୁଡ଼ିକୁ ସମଗ୍ର ବିଶ୍ୱ ସମ୍ମୁଖରେ ଉପସ୍ଥାପିତ କରିବେ ।

## ଜୁନ୍ ୧୫ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର, (ସବ୍ୟ) : ଆସନ୍ତା ସୋମବାର ଜୁନ୍ ୧୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" କାର୍ଯ୍ୟକ୍ରମ ବନ୍ଦ ରହିବ । ସରକାରୀ ଛୁଟି ଦିବସ ଯୋଗୁଁ ଆସନ୍ତା ସୋମବାର ତା- ୧୫.୦୬.୨୦୨୬ ରିଖରେ 'ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନ ସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

### ବିଟ୍ସ ପିଲାନି ସହଭାଗିତାରେ ଏଏମ୍/ ଏନ୍ଏସ୍ ଇଣ୍ଡିଆର ଦକ୍ଷତା ବିକାଶ ପଦକ୍ଷେପ

# ଉତ୍ପାଦନ ପରିଚାଳନାରେ ପ୍ରଥମ ଏମ୍‌ବିଏ ବ୍ୟାଚର ଗ୍ରାଜୁଏସନ୍ ଉତ୍ସବ ପାଳନ

ଭୁବନେଶ୍ୱର, (ସବ୍ୟ): ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନଏସ୍ ଇଣ୍ଡିଆ), ବିଶ୍ୱର ଦୁଇ ପ୍ରମୁଖ ଇସ୍ପାତ ନିର୍ମାତାଙ୍କ ଏକ ମିଳିତ ଉଦ୍ୟୋଗ, ଯାହା ବିଟ୍ସ ପିଲାନି ସହିତ ଏହାର ଯୋଜନାବଦ୍ଧ ସହଭାଗୀତା ମାଧ୍ୟମରେ କ୍ଷମତା ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିଚାଲିଛି । ପ୍ରୋସେସ୍ ଇଞ୍ଜିନିୟରିଂରେ ଏହାର ବିଟେକ୍ କାର୍ଯ୍ୟକ୍ରମର ସଫଳତା ସହିତ ଏଏମ୍/ ଏନଏସ୍ ଇଣ୍ଡିଆ ଏବେ ଉତ୍ପାଦନ ପରିଚାଳନାରେ ପ୍ରଥମ ଏମବିଏ ବ୍ୟାଚ୍ ଗ୍ରାଜୁଏସନ ସହ ଆଉ ଏକ ପ୍ରମୁଖ ଉପଲବ୍ଧି ହାସଲ କରିଛି । ହାଜିରାରେ ଅବସ୍ଥିତ ଏଏମ୍/ଏନଏସ୍ ଇଣ୍ଡିଆର ପ୍ରମୁଖ କାରଖାନାରରେ ଆୟୋଜିତ



ସମାବର୍ତ୍ତନ ସମାରୋହରେ ସୁରତର ପୋଲିସ କମିଶନର ଆଇପିଏସ୍ ଅନୁପମ ସିଂହ ଗହଲୌତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ।

ଇସ୍ପାତ କ୍ଷେତ୍ରରେ କାର୍ଯ୍ୟ ସମନ୍ୱିତ ଅଧ୍ୟୟନକୁ ଆଗେଇ ନେବାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଏଏମ୍/ଏନଏସ୍ ଇଣ୍ଡିଆ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଶକ୍ତି ବିକଶିତ କରିବା ଦିଗରେ କାର୍ଯ୍ୟ ସମନ୍ୱିତ ଅଧ୍ୟୟନ କାର୍ଯ୍ୟକ୍ରମ (ଡବ୍ଲ୍ୟୁଆଇଏଲପି) ଗୁଡ଼ିକୁ ସକ୍ରିୟତାର ସହିତ ବ୍ୟବହାର କରିଆସୁଛି । ଏହାର ବିଟେକ୍ କାର୍ଯ୍ୟକ୍ରମର ସଫଳ ପ୍ରଣୟନ ଏବଂ ସମ୍ପ୍ରସାରଣ ପରେ, କମ୍ପାନୀ ବିଭିନ୍ନ ବିଭାଗରେ ନେତୃତ୍ୱ କ୍ଷମତାକୁ ଆହୁରି ସୁଦୃଢ଼ କରିବା ପାଇଁ ଉତ୍ପାଦନ ପରିଚାଳନାରେ ଏମବିଏ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି । ବର୍ତ୍ତମାନ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଅନେକ ବ୍ୟାଚ୍ ଚାଲିଛି, ଯାହା କର୍ମଚାରୀଙ୍କ ଅଂଶଗ୍ରହଣ ଏବଂ ନିରନ୍ତର ଅଧ୍ୟୟନ ପ୍ରତି ସାଙ୍ଗଠନିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଏଏମ୍/ଏନଏସ୍ ଇଣ୍ଡିଆର ମାନବ ସମ୍ବଳ ଏବଂ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ଏବଂ ଭାଇସ୍ ପ୍ରେସିଡେଣ୍ଟ ଆଶୁତୋଷ ତେଲାଙ୍ଗ କହିଛନ୍ତି । ଏଏମ୍/ ଏନ୍ଏସ୍ ଇଣ୍ଡିଆରେ ଆମେ ନିରନ୍ତର ଅଧ୍ୟୟନକୁ ଗୁରୁତ୍ୱ ଦେଇ କ୍ଷମତା ବିକାଶ ଏବଂ ପ୍ରଦର୍ଶନକୁ ଉନ୍ନତ କରିବା ପଦ୍ଧତି ଉପରେ କାର୍ଯ୍ୟ କରୁଛୁ । ଏହି ଉପଲବ୍ଧି ନେତୃମଣ୍ଡଳୀ ବିକଶିତ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି ।

# ହାଇୱା ଧକ୍କାରେ ଯୁବକ ମୃତ : ରାସ୍ତାରୋକ

ଫୁଲନଖରା ,(ସବ୍ୟ): :କଟକ ସଦର ଥାନା ଅନ୍ତର୍ଗତ ତେନ୍ତୁଳିନାଳୀ ନିକଟରେ ଘଟିଛି ଏକ ହୃଦୟବିଦାରକ ସଡ଼କ ଦୁର୍ଘଟଣା । ଏକ ଦ୍ରୁତ ଗତିରେ ଆସୁଥିବା ହାଇୱା ଗାଡ଼ି ପଛପଟୁ ଏକ ଆକଫିଭା ସ୍କୁଟିକୁ ଧକ୍କା ଦେବା ଫଳରେ ସ୍କୁଟି ଆରୋହୀଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି । ଏହି ଅଘଟଣ ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା । ମୃତକ ଜଣକ କଟକ ସଦରର ୪୨ ମୌଜା ଅଞ୍ଚଳର ବାସିନ୍ଦା ଏବଂ ତାଙ୍କ ବାପାଙ୍କ ନାମ ସୁଶୀଲ ଭୋଇ ବୋଲି ଜଣାପଡ଼ିଛି । ସେ ନିଜ ଆକଫିଭା ସ୍କୁଟି ଯୋଗେ ବାଲିକୁଦାରୁ ତ୍ରିଶୁଳିଆ ଅଭିମୁଖେ ଯାଉଥିବା ବେଳେ ତାଙ୍କ ମାମୁଁ ଘର ଆମାନିଆପାଟଣାକୁ ଯିବା ପାଇଁ ବାହାରିଥିଲେ । ତେବେ ତେନ୍ତୁଳିନାଳୀ ନିକଟରେ ଏକ ହାଇୱା ଗାଡ଼ି ତାଙ୍କ ସ୍କୁଟିକୁ ପଛପଟୁ ଧକ୍କା ଦେଇଥିଲା । ଧକ୍କା ଏତେ ଜୋରଦାର ଥିଲା ଯେ, ସ୍କୁଟି ଆରୋହୀ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ । ତେବେ ଦୁର୍ଘଟଣା ପରେ ହାଇୱା ଚାଳକ ଗାଡ଼ି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି । ଏହି ଦୁଃଖଦ ଘଟଣା ପରେ ଉତ୍ତ୍ୟକ୍ତ ସ୍ଥାନୀୟ ଲୋକମାନେ ଦୋଷୀ ଚାଳକଙ୍କ ଗିରଫ ଓ ନ୍ୟାୟ ଦାବିରେ କିଛି ସମୟ ପାଇଁ ରାସ୍ତା ଅବରୋଧ କରିଥିଲେ । ଫଳରେ ଉକ୍ତ ରାସ୍ତାରେ ଯାତାୟାତ କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା ।

### ଗିନିଜ୍ ୱାର୍ଲ୍ଡ ରେକର୍ଡ ପାଇଁ ଗଣ ଯୋଗ ଅଭିଯାନରେ

# ସାମିଲ ହେବାକୁ ଓଡ଼ିଶାବାସୀଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, (ସବ୍ୟ): ଆନ୍ତର୍ଜାତୀୟ ଯୋଗ ଦିବସ–୨୦୨୬ ଅବସରରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ ଗିନିଜ୍ ୱାର୍ଲ୍ଡ ରେକର୍ଡ ପାଇଁ ଗଣ ଯୋଗ ଅଭିଯାନରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଓଡ଼ିଶାର ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ରାଜ୍ୟବାସୀଙ୍କୁ ଆହ୍ୱାନ କରିଛନ୍ତି । ମନ୍ତ୍ରୀ ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ନେତୃତ୍ୱ ଏବଂ ଉଦ୍ୟମ ଫଳରେ ଯୋଗ ଆଜି ବିଶ୍ୱବ୍ୟାପୀ ଏକ ସ୍ୱାସ୍ଥ୍ୟ ଆନ୍ଦୋଳନରେ ପରିଣତ ହୋଇଛି । ଭାରତର ପ୍ରସ୍ତାବକୁ ସ୍ୱୀକୃତି ଦେଇ ଜାତିସଂଘ ୨୧ ଜୁନ୍‌କୁ ଆନ୍ତର୍ଜାତୀୟ ଯୋଗ ଦିବସ ଭାବେ ଘୋଷଣା କରିଛି । ସେହିଦିନଠାରୁ ଯୋଗର ସାର୍ବଜନୀନ ବାର୍ତ୍ତା ବିଶ୍ୱର କୋଣ ଅନୁକୋଣରେ ପହଞ୍ଚିଛି ଏବଂ କୋଟି କୋଟି ଲୋକଙ୍କ ଜୀବନଶୈଳୀର ଅଂଶ ପାଲଟିଛି । ସେ କହିଛନ୍ତି ଯେ, ଯୋଗ ହେଉଛି ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ସୁସ୍ଥତାର ଏକ ବୈଜ୍ଞାନିକ ଓ ପ୍ରମାଣିତ ପଦ୍ଧତି । ନିୟମିତ ଯୋଗାଭ୍ୟାସ ଦ୍ୱାରା ଜୀବନଶୈଳୀଜନିତ ବିଭିନ୍ନ ରୋଗକୁ ପ୍ରତିରୋଧ କରିବା ସହ ସୁସ୍ଥ ଓ ସକ୍ରିୟ ଜୀବନଯାପନ କରାଯାଇପାରିବ ।

ଚଳିତ ବର୍ଷ ଆନ୍ତର୍ଜାତୀୟ ଯୋଗ ଦିବସର ବିଷୟ "ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ" ରଖାଯାଇଛି । ବୟସ ବୃଦ୍ଧି ସହିତ ସୁସ୍ଥ ରହିବା, ମାନସିକ ସନ୍ତୁଳନ ବଜାୟ ରଖିବା ଏବଂ ଜୀବନର ଗୁଣାତ୍ମକ ମାନ ବୃଦ୍ଧି କରିବାରେ ଯୋଗର ଭୂମିକା ଅତୁଳନୀୟ ବୋଲି ସେ କହିଛନ୍ତି । ଆସନ୍ତା ୧୪ ଜୁନ୍ ୨୦୨୬ ତାରିଖ ସକାଳ ୬ଟା ୧୫ ମିନିଟ୍‌ରୁ ୭ଟା ୩୫ ମିନିଟ୍ ପର୍ଯ୍ୟନ୍ତ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ଏକ ଅନଲାଇନ୍ ଯୋଗ ଅଧିବେଶନ ଆୟୋଜନ କରାଯାଉଛି । ଏହି ଅଧିବେଶନରେ ସର୍ବାଧିକ ସଂଖ୍ୟକ ଲୋକଙ୍କ ସମକାଳୀନ ଅଂଶଗ୍ରହଣ ମାଧ୍ୟମରେ ଗିନିଜ୍ ୱାର୍ଲ୍ଡ ରେକର୍ଡ ସ୍ଥାପନ କରିବାର ଲକ୍ଷ୍ୟ ରହିଛି ।

ମନ୍ତ୍ରୀ କହିଛନ୍ତି ଯେ, ଏହା କେବଳ ଏକ ବିଶ୍ୱ ରେକର୍ଡ ସୃଷ୍ଟି କରିବାର ପ୍ରୟାସ ନୁହେଁ, ବରଂ ପ୍ରଧାନମନ୍ତ୍ରୀଙ୍କ 'ସୁସ୍ଥ ଭାରତ' ଦୃଷ୍ଟିକୋଣକୁ ଆହୁରି ସୁଦୃଢ଼ କରିବା ଏବଂ ଯୋଗକୁ ଜନଆନ୍ଦୋଳନରେ ପରିଣତ କରିବାର ଏକ ଜାତୀୟ ଅଭିଯାନ । ଏଥିରେ ଓଡ଼ିଶାର ଅଧିକରୁ ଅଧିକ ଲୋକଙ୍କ ଅଂଶଗ୍ରହଣ ରାଜ୍ୟର ସ୍ୱାସ୍ଥ୍ୟ ସଚେତନତା ଓ ଜନସହଭାଗିତାର ପରିଚୟ ପ୍ରଦାନ କରିବେ । ସେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଛାତ୍ରଛାତ୍ରୀ, ଯୁବବର୍ଗ, ମହିଳା, ନାଗରିକ, ସରକାରୀ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଯୋଗ ଅନୁଷ୍ଠାନ ଏବଂ ସମସ୍ତ ସଚେତନ ନାଗରିକଙ୍କୁ ନିଜ ମୋବାଇଲ୍ ଫୋନ୍ କିମ୍ବା ଅନ୍ୟ ବ୍ୟକ୍ତିଗତ ଉପକରଣ ମାଧ୍ୟମରେ ପୃଥକ ଭାବେ ଏହି ଐତିହାସିକ ପ୍ରୟାସରେ ସାମିଲ ହେବାକୁ ଅନୁରୋଧ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପାଇଁ ୧୮୦୦-୩୧୫-୭୦୦୮ ଟୋଲ୍-ଫ୍ରି ନମ୍ବରକୁ ଏକ ମିସ୍ଡ କଲ୍ ଦେଇ ପଞ୍ଜୀକରଣ କରିବାକୁ ସେ ଆହ୍ୱାନ ଜଣାଇଛନ୍ତି ।

# ଲୋପ ପାଇଯିବେ କଲରାପତରିଆ

ଭୁବନେଶ୍ୱର(ତଥ୍ୟ) ପଶୁ ଅଙ୍ଗ ପ୍ରତ୍ୟଙ୍ଗ ଚାଲାଣକାରୀମାନେ ଯେଉଁ ହାରରେ କଲରାପତରିଆ ବାଘ ଶିକାର କରୁଛନ୍ତି ସେଥିରୁ ଏହି ବାଘର ବଂଶ ଲୋପ କରିଦେବେ ବୋଲି ଆଶଙ୍କା ପ୍ରକାଶ ପାଇଲାଣି । ଏହି ବାଘକୁ ଶିକାର ସହଜ ହୋଇଥିବାରୁ ସେମାନଙ୍କୁ ମାରି ଛାଲ ବିକ୍ରି କରିଦେଉଛନ୍ତି । ଜଙ୍ଗଲୀ ପଶୁଙ୍କ ଶିକାର ସଂକ୍ରାନ୍ତରେ ଜଣାଯାଇଛି ଯେ ବିଗତ ୫ବର୍ଷରେ ରାଜ୍ୟରେ ୧୧୦ଟି କଲରାପତରିଆ ବାଘଛାଲ ଜବତ ହୋଇଛି । ଶିକାରୀମାନେ ଏହି ବାଘକୁ ମାରି ତାହାର ଛାଲକୁ ବିକ୍ରି କରିବା ସମୟରେ ହିଁ ଜଙ୍ଗଲ ବିଭାଗ ଅଧିକାରୀ ଓ ପୁଲିସ୍ ଅଧିକାରୀମାନେ ମାଡି ବସୁଛନ୍ତି । ବର୍ଷକୁ ହାରାହାରି ଏମାନେ ୨୦ଟି କଲରାପତରିଆ ଶିକାର କରୁଛନ୍ତି । ଏତେ ସଂଖ୍ୟକ ଛାଲ ଜବତ ହେଉଥିବାବେଳେ ଆଉ କିଛି ଛାଲକୁ ଶିକାରୀମାନେ ବିକିବାରେ ସଫଳ ହେବାନେଇ ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରୁଛନ୍ତି ।

କେବଳ କଲରାପତରିଆ ନୁହେଁ, ଶିକାରୀମାନଙ୍କ ହାବୁଡରୁ ମହାବଳ ବି ବର୍ତ୍ତୁ ନାହାନ୍ତି । ପାଞ୍ଚ ବର୍ଷରେ ୬ଟି ମହାବଳବାଘ ଛାଲ ଜବତ ହୋଇଛି । ଜଙ୍ଗଲରେ ମହାବଳ ଶିକାର କରିବା ଏତେଟା ସହଜ ହୋଇନଥିବାବେଳେ ଶିକାରୀମାନେ କିନ୍ତୁ ଏହାକୁ ମାରିବାରେ ସଫଳ ହେଉଛନ୍ତି । ବିଦ୍ୟୁତ୍ ଫାଶ ବସାଇବା ସହିତ ବିଷ ଦେଇ ମହାବଳ ମାରିବାର ଢେର ନଜିର ରହିଛି । ଅର୍ନ୍ତଜାତୀୟ ବଜାରରେ ମହାବଳର ଛାଲ ସହିତ ତାହାର ନଖ, କେଶ, ହାଡ ଆଦିର ଚାହିଦା ଥିବାରୁ ଏହାକୁ ବି ବିକ୍ରିକରି ଦେଉଛନ୍ତି । ବାଘ ସହିତ ଶିକାରୀମାନେ ବି ହାତୀକୁ ମାରି ତାହାର ଦାନ୍ତ ବିକ୍ରିକରି ଦେଉଛନ୍ତି । ଏହି ପାଞ୍ଚବର୍ଷରେ ୧୦୭ଟି ହାତୀଦାନ୍ତ ଜବତ ହୋଇଛି । ଶିକାରୀମାନେ ସହଜରେ ହାତୀଙ୍କୁ ମାରି ତାହାର ଦାନ୍ତ କାଟି ନେଉଛନ୍ତି । ଅର୍ନ୍ତଜାତୀୟ ବଜାର ସମେତ ରାଜ୍ୟ ଭିତରେ ବି ହାତୀଦାନ୍ତର ଚାହିଦା ରହିଛି ।

ତେବେ ରାଜ୍ୟରେ ବନ ବିଭାଗ ପକ୍ଷରୁ ହାତୀ ଦାନ୍ତ, ବାଘଛାଲ, ବ୍ରଜକାପ୍ତା ଆଦି ଜୀବଜନ୍ତୁଙ୍କ ଅଙ୍ଗ ପ୍ରତ୍ୟଙ୍ଗ ଚାଲାଣକାରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯିବା ଫଳରେ ସେମାନେ ବ୍ୟାପକ ଭାବେ ଧରାପଡୁଛନ୍ତି । ତେବେ ଶିକାର କରିବାରେ ଏଗୁଡିକ ଜବତ ହେଉଥିବାରୁ ଜଙ୍ଗଲରୁ କଲରାପତରିଆ, ମହାବଳ ଓ ହାତୀ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ଧରାପଡୁଥିବା ପଶୁ ଶିକାରୀମାନେ ବର୍ଷ ବର୍ଷ ଧରି ଜେଲରେ ରହୁଥିଲେ ମଧ୍ୟ ସହଜରେ ଏହି ପେଶାକୁ ଛାଡି ପାରୁନାହାନ୍ତି । ରାଜ୍ୟ ଭିତରେ ଓ ବାହାରେ ଥିବା ଚାଲାଣକାରୀମାନେ ଜଙ୍ଗଲ ଆଖପାଖରେ ଲୋକଙ୍କୁ ପ୍ରଲୋଭିତ କରି ପଶୁ ଶିକାର କରୁଛନ୍ତି । ଜଙ୍ଗଲ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା ସହିତ ଆଇନ୍ ସଂକ୍ରାନ୍ତରେ ଲୋକଙ୍କୁ ବୁଝାଯିବା ପରେ ସେମାନେ ଏବେ ଧିରେ ଧିରେ ପଶୁ ଶିକାର ପାଇଁ ଅମଙ୍ଗ ହେଉଥିବା ଲକ୍ଷ୍ୟ କରାଯାଉଛି ।

# ୱିଶ୍ ଅନୁଷ୍ଠାନ ପକ୍ଷରୁ ରଜ ଉତ୍ସବ ପାଳନ



ଭୁବନେଶ୍ୱର (ସବ୍ୟ): ସତ୍ୟଭାମା ଦେବୀ ମୂକବଧିର ମହାବିଦ୍ୟାଳୟ ରେ ୱିଶ୍ ସାମାଜିକ ଅନୁଷ୍ଠାନ ତରଫରୁ ରଜ ଉତ୍ସବ ପାଳନ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ସକାଳ ୮ ଟାରୁ ୧୦ ଟା ପର୍ଯ୍ୟନ୍ତ ପାଳନ ହୋଇଥିଲା । ଅନୁଷ୍ଠାନ ତରଫରୁ ପିଲାଙ୍କ ପାଇଁ ନୂଆ ଡ୍ରେସ୍ , ଅଳତା, କୁଙ୍କୁମ, ମେହେନ୍ଦି ସହିତ ଅନେକ ପ୍ରସାଧନ ସାମଗ୍ରୀ ଏବଂ ପିଠା, ମିଠା,ମୁଢି,ଚୁଡ଼ାଭଜା ,ବାରମାସର ଓ ଫଳ ବଣ୍ଟା ଯାଇଥିଲା । ପୋଡ଼ପିଠା ରଜ ପର୍ବର ଏକ ପ୍ରମୁଖ ଅଂଶ ଥିଲା ପିଲାମାନେ ଦୋଳି ଖେଳ ସହିତ ପୁଚି ଖେଳିଥିଲେ । ଏହି କାର୍ଯ୍ୟକ୍ରମ ରେ ଅତିଥି ଭାବରେ ଯୋଗ ଦେଇଥିଲେ ରିଜୋନାଲ କଲେଜ୍ ର ପୂର୍ବତନ ଅଧ୍ୟକ୍ଷା ଡକ୍ଟର ନୟନ ତାରା ଛୋଟରାୟ । ଉତ୍ସବ ପାଳନ ଅବସରରେ ଦୁଇଜଣ ସମାଜସେବୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ରଥ, ଏବଂ ଶ୍ରୀମତୀ ଟୁନି ରାଣୀ ଶତ୍‌ପଥୀ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅଧ୍ୟକ୍ଷା ଶ୍ରୀମତୀ ଅନୁସୃତା ସିଂଦେଓ ସ୍ୱାଗତ ଭାଷଣ ଦେଇଥିଲେ । ଉପାଧ୍ୟକ୍ଷା ଶ୍ରୀମତୀ ସୌଭାଗ୍ୟ ବତୀ ମହାପାତ୍ର ଉପସ୍ଥିତ ଥିଲେ । ସତ୍ୟଭାମା ଦେବୀ ମହାବିଦ୍ୟାଳୟ ର ଅଧ୍ୟକ୍ଷା ନିରଜା ଲକ୍ଷ୍ମୀ ମହାପାତ୍ର ୱିଶ୍ ଅନୁଷ୍ଠାନର ଭୂୟସି ପ୍ରଶଂସା କରିଥିଲେ । ସଦସ୍ୟା ମୟୁରାକ୍ଷୀ ଦାସ, ଦିପିକା ମହାନ୍ତି ପ୍ରତ୍ୟେକ କାର୍ଯ୍ୟକୁ ସୂଚାରୁରୂପେ ସଂପାଦନ କରିଥିଲେ । ଡକ୍ଟର ଶୁଭ୍ରା ନନ୍ଦ କାର୍ଯ୍ୟକ୍ରମ ର ସଂଯୋଜନା କରିଥିଲେ ଏବଂ ୱିଶ୍ ଅନୁଷ୍ଠାନ ର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟକୁ ଉପସ୍ଥାପନ କରିଥିଲେ ।

# ଅବକାରୀ ବିଭାଗର ଚଢ଼ାଉ : ୫୨ କେଜି ଗଞ୍ଜେଇ ସହିତ ୬ ଅଭିଯୁକ୍ତ ଗିରଫ

ଖୋର୍ଦ୍ଧା (ସବ୍ୟ) : ଖୋର୍ଦ୍ଧା ଜିଲ୍ଲାରେ ଅବୈଧ ମାଦକ ଦ୍ରବ୍ୟ କାରବାର ବିରୋଧରେ ଚାଲିଥିବା ଅବକାରୀ ବିଭାଗର ଅଭିଯାନକୁ ଏକ ବଡ଼ ସଫଳତା ମିଳିଛି । ଗତ କିଛି ଦିନ ଧରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଗଞ୍ଜେଇ ଚାଲାଣ ନେଇ ଗୁପ୍ତ ସୂଚନା ପାଇବା ପରେ ଅବକାରୀ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ତଲାସି ଅଭିଯାନ ଆରମ୍ଭ କରାଯାଇଥିଲା । ଏହି ଅଭିଯାନରେ ଦୁଇଟି ପୃଥକ ସ୍ଥାନରେ ଚଢ଼ାଉ କରି ମୋଟ ୫୨ କେଜି ଗଞ୍ଜେଇ ଜବତ କରାଯିବା ସହ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଜବତ ଗଞ୍ଜେଇର ବଜାର ମୂଲ୍ୟ ପ୍ରାୟ ୫ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ଆକଳନ କରିଛି । ସୂଚନନୁଯାୟୀ , କନ୍ଧମାଳ ଜିଲ୍ଲାରୁ ବିପୁଳ ପରିମାଣର ଗଞ୍ଜେଇ ଭୁବନେଶ୍ୱର ଅଭିମୁଖେ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ନିର୍ଭରଯୋଗ୍ୟ ଖବର ମିଳିଥିଲା । ଏହାପରେ ଖୋର୍ଦ୍ଧା ଅବକାରୀ ଷ୍ଟେସନ ଏବଂ ବେଗୁନିଆ ଅବକାରୀ ଷ୍ଟେସନର ଅଧିକାରୀମାନେ ମିଳିତ ଭାବେ ଏକ ସୁପରିକଳ୍ପିତ ଅଭିଯାନର ରୂପରେଖ ପ୍ରସ୍ତୁତ କରିଥିଲେ । ରାଜପଥ ଓ ପ୍ରମୁଖ ଯାତାୟାତ ପଥରେ ଗାଡ଼ି ଗୁଡିକ ଯାଂଚ କଡ଼ାକଡ଼ି କରାଯାଇଥିଲା ।



ପ୍ରଥମ ଘଟଣାରେ ୫୭ ନମ୍ବର ଜାତୀୟ ରାଜପଥର ପିତାପଲ୍ଲୀ ନିକଟରେ ଅବକାରୀ ଅଧିକାରୀମାନେ ଏକ ସନ୍ଦିଗ୍ଧ ମାରୁତି କାର ନମ୍ବର ଓଡି-୦୨- ସିସି -୭୩୫୬ କୁ ଅଟକାଇ ତଲାସି କରିଥିଲେ । ତଲାସି ସମୟରେ ଗାଡ଼ି ଭିତରେ ଚତୁରତାର ସହ ଲୁଚାଇ ରଖାଯାଇଥିବା ୩୦ କିଲୋଗ୍ରାମ ଗଞ୍ଜେଇ ଠାବ କରାଯାଇଥିଲା । ଏହା ସହିତ ତିନୋଟି ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଥିଲା । ଘଟଣାସ୍ଥଳରୁ ସୁଭେନ ବଘାର (୨୦), ସଲିମ ହାତୀ (୨୫) ଏବଂ ସୁରେନ୍ଦ୍ର କହଁର (୩୫)ଙ୍କୁ ଗିରଫ କରାଯାଇଥିଲା । ପଚରାଉଚରା ବେଳେ ସେମାନେ କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଯୋଗାଣ କରିବାକୁ ଯାଉଥିବା ନେଇ ସୂଚନା ମିଳିଥିବା ଜଣାପଡ଼ିଛି ।

ଏହି ଘଟଣାର ତଦନ୍ତ ଚାଲିଥିବା ବେଳେ ବେଗୁନିଆ ଅବକାରୀ ଷ୍ଟେସନକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ଆଉ ଏକ ଗୁପ୍ତ ସୂଚନା ମିଳିଥିଲା । ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଡାଲଟୋଲା ଛକ ଦେଇ ଆଉ ଏକ ଗଞ୍ଜେଇ ବୋଝେଇ କାର ଯାଉଥିଲା । ତୁରନ୍ତ ଅଧିକାରୀମାନେ ସେଠାରେ ଗାଡି ଗୁଡ଼ିକ ଯାଂଚ ଆରମ୍ଭ କରିଥିଲେ । କିଛି ସମୟ ପରେ ଏକ ମାରୁତି ସୁଜୁକି ଅଲ୍ଟୋ କାର ଓଡ଼ି -୦୭- ବିଏ-୦୬୨୧ କୁ ଅଟକାଇ ତଲାସି କରାଯାଇଥିଲା । ଗାଡ଼ି ଭିତରୁ ୨୨ କିଲୋଗ୍ରାମ ଗଞ୍ଜେଇ ଏବଂ ଏକ ମୋବାଇଲ ଫୋନ ଜବତ କରାଯାଇଥିଲା । ଏହି ମାମଲାରେ ସୁବ୍ରତ ଦିଗାଲ (୩୦) ସୁଧୀର ଦିଗାଲ (୩୬) ଓ ଶ୍ରୀଧର ଦିଗାଲ (୪୦)ଙ୍କୁ ଗିରଫ କରାଯାଇଛି । ଉଭୟ ଘଟଣାରେ ଜବତ ହୋଇଥିବା ଗଞ୍ଜେଇ, ଦୁଇଟି କାର ଓ ଚାରିଟି ମୋବାଇଲ ଫୋନକୁ ଅବକାରୀ ବିଭାଗ ଜବତ କରିଛି । ଏହି ଗଞ୍ଜେଇ ଚାଲାଣ ପଛରେ କୌଣସି ବଡ଼ ରାକେଟ କିମ୍ବା ଆନ୍ତଃଜିଲ୍ଲା ନେଟୱାର୍କ କାର୍ଯ୍ୟ କରୁଛି କି ନାହିଁ, ସେନେଇ ମଧ୍ୟ ଅବକାରୀ ବିଭାଗ ଖୋଳତାଡ଼ ଆରମ୍ଭ କରିଛି । ଆଜି ଖୋର୍ଦ୍ଧା ଜିଲ୍ଲା ଅବକାରୀ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ ଗଣମାଧ୍ୟମକୁ ଏହି ସୂଚନା ଦେଇ କହିଥିଲେ ଯେ, ଜିଲ୍ଲାରେ ଅବୈଧ ନିଶା କାରବାରକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଅବକାରୀ ବିଭାଗ ନିରନ୍ତର ଭାବେ ଚଢ଼ାଉ ଜାରି ରଖିଛି ।

## ଓଡ଼ିଶାର ଦୁଇ ବର୍ଷର ବିକାଶ ଯାତ୍ରା

# ସୁଶାସନ ଓ ଜନକଲ୍ୟାଣମୂଳକ ପଦକ୍ଷେପ ଉପରେ ବିସ୍ତୃତ ମତ ବିନିମୟ

ବାରିପଦା, (ସବ୍ୟୁ) : ଓଡ଼ିଶା ସରକାରଙ୍କ ଦୁଇ ବର୍ଷର ସଫଳ ଶାସନ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ରାଜ୍ୟବ୍ୟାପୀ କାର୍ଯ୍ୟକ୍ରମ ବିକାଶର ଧାରା, ଓଡ଼ିଶା ସାରା ଅନ୍ତର୍ଗତ ଆଜି ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନଠାରେ ଏକ ଜିଲ୍ଲାସ୍ତରୀୟ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ରାଜ୍ୟ ସରକାରଙ୍କ ଗତ ଦୁଇ ବର୍ଷର ବିକାଶମୂଳକ ସଫଳତା, ସୁଶାସନ ଏବଂ ଜନକଲ୍ୟାଣମୂଳକ ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ଆଲୋଚନା ଚକ୍ରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସମାଜର ବିଭିନ୍ନ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଯୋଗଦେଇ ରାଜ୍ୟର ବିକାଶ ଯାତ୍ରା, ଜନମୁଖୀ ଶାସନ ବ୍ୟବସ୍ଥା ଏବଂ ଲୋକକଲ୍ୟାଣମୂଳକ ଯୋଜନାଗୁଡ଼ିକର ପ୍ରଭାବ ସମ୍ପର୍କରେ ନିଜର ମତାମତ ଉପସ୍ଥାପନ କରିଥିଲେ । ବକ୍ତାମାନେ ମତପ୍ରକାଶ କରିଥିଲେ ଯେ, ରାଜ୍ୟ ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ଜନକୈନ୍ଦ୍ରିକ ନୀତି ଏବଂ ସମାବେଶୀ ବିକାଶ ଦୃଷ୍ଟିଭଙ୍ଗୀ ଫଳରେ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି ।

ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ମହିଳା ସଶକ୍ତିକରଣ, ଜନଜାତି କଲ୍ୟାଣ, ଭିତ୍ତିଭୂମି ବିକାଶ, ରୋଜଗାର ସୃଷ୍ଟି ଏବଂ ଯୁବ ବିକାଶ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ରାଜ୍ୟର ସାମଗ୍ରିକ ବିକାଶକୁ ନୂତନ ଦିଗ ପ୍ରଦାନ କରିଛି । ଆଲୋଚନା ଚକ୍ରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା, ଡିଜିଟାଲ୍ ଶାସନ ବ୍ୟବସ୍ଥା, ସ୍ୱଚ୍ଛ ଓ ଉତ୍ତରଦାୟୀ ପ୍ରଶାସନ, ମୌଳିକ ସେବାର ସମ୍ପ୍ରସାରଣ ଏବଂ ଦୁର୍ବଳ ବର୍ଗର ଉନ୍ନୟନ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ମଧ୍ୟ ବିସ୍ତୃତ ଆଲୋକପାତ କରାଯାଇଥିଲା । ଅଂଶଗ୍ରହଣକାରୀମାନେ ଓଡ଼ିଶାର ବିକାଶ ଯାତ୍ରାକୁ ଆହୁରି ସୁଦୃଢ଼ କରିବା ଦିଗରେ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିବା ସହ ସମାଜର ସମସ୍ତ ବର୍ଗର ସକ୍ରିୟ ସହଭାଗିତାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ସଫଳତା ଏବଂ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ବଳିତ ସୂଚନାମୂଳକ ସାମଗ୍ରୀ ବିଭିନ୍ନ ବିଭାଗ ଦ୍ୱାରା ଷ୍ଟଲ୍ ଖୋଲାଯାଇ ପ୍ରଦର୍ଶିତ କରାଯାଇଥିଲା । ଉପସ୍ଥିତ ବ୍ୟକ୍ତିବିଶେଷମାନେ ଓଡ଼ିଶାର ବିକାଶ ଓ ସମୃଦ୍ଧି ଦିଗରେ ସରକାରଙ୍କ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ କର୍ମୀ, ଯୁବ ପ୍ରତିନିଧି, ଛାତ୍ରଛାତ୍ରୀ ଏବଂ ସମାଜର ବିଭିନ୍ନ ବର୍ଗର ବହୁ ସଂଖ୍ୟକ ବ୍ୟକ୍ତିବିଶେଷ ଯୋଗଦେଇଥିଲେ । ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଶାନ୍ତନୁ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗଣ୍ଡଗୋଳ ମାମଲାରେ ପାଞ୍ଚ ଗିରଫ




ଭଞ୍ଜନଗର, (ସବ୍ୟୁ) : ଗଞ୍ଜାମ ଜିଲା ଭଞ୍ଜନଗର ପୋଲିସ ଶୁକ୍ରବାର ବାରୁଡ଼ା ଗ୍ରାମର ଏକ ଗଣ୍ଡଗୋଳ ମାମଲାରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ବିଡିପୁରର ଶତ୍ରୁଘ୍ନ ସାଇଁ, ରାଜେନ୍ଦ୍ର ନାୟକ, ଅନିଲ ନାୟକ, ରିତେଶ ସିଂ ଓ ଲିଟୁ ସାମନ୍ତରା । ଏଥିସହ ପୋଲିସ ସେମାନଙ୍କ ଠାରୁ ୨ଟି ବନ୍ଧୁକ, ୩ଟି ଜୀବନ୍ତ ଗୁଳି, ୨ଟି ବାଇକ ସମେତ ଅନ୍ୟାନ୍ୟ ଜିନିଷ ଜବତ କରିଛି ।

ଏନେଇ ଭଞ୍ଜନଗର ଥାନାରେ ୫୭୧/୨୬ ରେ ଏକ ମାମଲା ରୁଜୁ ହୋଇଛି । ଅଭିଯୁକ୍ତ ଶତ୍ରୁଘ୍ନଙ୍କ ନାମରେ ଜିଲାର ବିଭିନ୍ନ ଥାନାରେ ୧୪ ଟି ମାମଲା ଅଛି । ଅନ୍ୟ ଅଭିଯୁକ୍ତ ମାନଙ୍କ ନାମରେ ମଧ୍ୟ ଏକାଧିକ ମାମଲା ଥିବା ଆଶଙ୍କା କରାଯାଉଛି । ଘଟଣାରୁ ପ୍ରକାଶ ଯେ, ଗତ ୯ ତାରିଖ ଦିନ ଅଭିଯୁକ୍ତମାନେ ବାରୁଡ଼ା ଗ୍ରାମକୁ ଯାଇ ସମ୍ପୃକ୍ତ ଗ୍ରାମର ଏସ୍ କେ ସାହୁ ଏବଂ ତାଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ । ଏଥିସହ ଘରଦ୍ୱାର ଭଙ୍ଗାରୁଜା କରିଥିଲେ । ଗ୍ରାମ ଦାଣ୍ଡରେ ଅଭିଯୁକ୍ତ ମାନେ ଖୋଲାଖୋଲି ଭାବେ ବନ୍ଧୁକ ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ଧରି ଆତଙ୍କ ଚଳାଇଥିଲେ । ଗ୍ରାମବାସୀ ଭୟରେ ଏନେଇ ପ୍ରତିବାଦ ମଧ୍ୟ କରି ପାରି ନଥିଲେ । ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ ଆଜି ଗିରଫ କରିଛି ବୋଲି ଭଞ୍ଜନଗର ଏସଡିପିଓ ଡଃ ଦୀପକ କୁମାର ମିଶ୍ର ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଥାନା ଅଧିକାରୀ ଜୀବନାନନ୍ଦ ଜେନା, ଏସଆଇ ସମୀର କୁମାର ସେଠୀ, ଲକ୍ଷ୍ମୀଧର ମହାନ୍ତି ଓ ଜ୍ୟୋସ୍ନା ରାଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ୧୯ତମ ମୁମ୍ବାଇ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ଯୋଗଦେବେ ଦୀପକ



ବାରିପଦା, (ସବ୍ୟୁ) : ମୁମ୍ବାଇ ଠାରେ ଅନୁଷ୍ଠିତ ହେବାକୁ ଥିବା ୧୯ତମ ଅନ୍ତର୍ଜାତୀୟ ଚଳଚିତ୍ର ଉତ୍ସବ - ୨୦୨୬ରେ ଜଣେ ବକ୍ତା ଭାବେ ଯୋଗଦେବେ ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ଚଳଚିତ୍ର ନିର୍ମାତା ତଥା ବାରିପଦା ଜାତୀୟ ଆଦିବାସୀ କ୍ଷୁଦ୍ର ଚଳଚିତ୍ର ଉତ୍ସବର ନିର୍ଦ୍ଦେଶକ ଦୀପକ କୁମାର ବେଶ୍ରା ଓ ଏହି ଉତ୍ସବରେ ଏକ ବିଶେଷ ରାଉଣ୍ଡ ଟେବଲ ବୈଠକରେ ବକ୍ତା ଭାବେ ଯୋଗଦେବା ପାଇଁ ଏନ୍‌ଏଫଡିସି ପକ୍ଷରୁ ଆମନ୍ତ୍ରଣ ପାଇବାରେ ସେ ପ୍ରଥମ ମୟୂରଭଞ୍ଜିଆ ଓ ଏହି ଉତ୍ସବ ଅବସରରେ ଚଳିତ ମାସ ୧୮ ତାରିଖ ଦିନ "ଚଳଚିତ୍ର ଉତ୍ସବରେ ବିବିଧତା, ଆଞ୍ଚଳିକ ସିନେମା ଓ ବିଶ୍ୱ ଚଳଚିତ୍ର ଉତ୍ସବ ପରିବେଶ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହେବବୋଲି ଶ୍ରୀ ବେଶ୍ରା ଜଣାଇଛନ୍ତି। ପ୍ରକାଶ ଥାଉକି ଶ୍ରୀ ବେଶ୍ରା ଜଣେ ପ୍ରତିଷ୍ଠିତ ଆଦିବାସୀ ଚଳଚିତ୍ର ଓ ଡକ୍ୟୁମେଣ୍ଟ୍ରି ଫିଲ୍ମ ନିର୍ମାତା ଓ ତାଙ୍କ ନିର୍ମିତ ଚଳଚିତ୍ର "ପପେୟା ଓ "ମୋହତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ ହୋଇଛି। ସାନ୍ତାଳୀ ସିନେମାର ବିକାଶ ପାଇଁ ସେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ଓ ଆଧୁନିକ କାହାଣୀ ପାଇଁ ମଞ୍ଚ ଯୋଗାଇବା, ବିଦ୍ୟାଳୟ ଓ ଗ୍ରାମସମୂହଙ୍କ ମଧ୍ୟରେ ଫିଲ୍ମ ସ୍କ୍ରିନିଙ୍ଗ ଓ ଫିଲ୍ମ ନିର୍ମାଣ କର୍ମଶାଳା ଆୟୋଜନ କରି ଯୁବପୀଢ଼ିଙ୍କୁ ଚଳଚିତ୍ର ପ୍ରତି ଆଗ୍ରହୀ କରିବାରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଓ ମୁମ୍ବାଇ ଉତ୍ସବରେ ତାଙ୍କର ଯୋଗଦାନ ଜିଲ୍ଲା, ରାଜ୍ୟ ତଥା ସାନ୍ତାଳୀ ଓ ଆଦିବାସୀ ସିନେମା ଜଗତ ପାଇଁ ଏକ ଗୌରବର ବିଷୟ ବୋଲି ତାଙ୍କ ପ୍ରଶଂସକ ମାନେ ପ୍ରକାଶ କରିବା ସହ ଅଭିନନ୍ଦନ ଜଣାଇଛନ୍ତି ।

# 'ବିଶ୍ୱ ରକ୍ତଦାତା ଦିବସ-୨୦୨୬' ପାଳିତ



ବାରିପଦା, (ସବ୍ୟୁ) : ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଓଡିଶା ରକ୍ତ କେନ୍ଦ୍ର, ବାରିପଦା ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ "ବିଶ୍ୱ ରକ୍ତଦାତା ଦିବସ - ୨୦୨୬ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ବିଧାୟକ ଭାଦବ ହାଁସଦା, ସମ୍ମାନିତ ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନୁର୍ଜୟ ମହାନ୍ତ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ଶଶିକାନ୍ତ ସେଠୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁନନ୍ଦା ମିଶ୍ର ଓ ଡାକ୍ତର ବିଜୟ କୁମାର ଦାସ ଏବଂ ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ସୌମ୍ୟ ରଞ୍ଜନ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ରକ୍ତଦାନର ମହତ୍ତ୍ୱ ଏବଂ ଜୀବନ ରକ୍ଷା କ୍ଷେତ୍ରରେ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଜିଲ୍ଲାରେ ରକ୍ତଦାନ ଭଳି ମହତ କାର୍ଯ୍ୟରେ ନିରନ୍ତର ସହଯୋଗ କରିଆସୁଥିବା ୩୫ଜଣ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜକଙ୍କୁ ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଦିବସ ପରିପ୍ରେକ୍ଷୀରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଧ୍ୟ ଆୟୋଜିତ ହୋଇଥିଲା ଓ ସମାଜକୁ ଏକ ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ରକ୍ତ ଭଣ୍ଡାର ଅଧିକାରୀ ଡ଼ଃ ସୌମ୍ୟରଂଜନ ନାୟକଙ୍କ ସମେତ ଡାକ୍ତରଖାନା ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର କର୍ମଚାରୀମାନେ ଉତ୍ସାହର ସହିତ ସାମିଲ ହୋଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏହି ଶିବିରରୁ ସର୍ବମୋଟ ୩୬ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ଓ ବ୍ଲଡ୍ ବ୍ୟାଙ୍କର ମେଡିକାଲ ଅଫିସର ଡାକ୍ତର ନିଲେଶ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ରକ୍ତ କେନ୍ଦ୍ରର ସମସ୍ତ କର୍ମଚାରୀଙ୍କ ସହଯୋଗ ଓ ସୁପରିଚାଳନାରେ ଏହି ରକ୍ତଦାନ ଶିବିରଟି ସଫଳତାର ସହ ସମ୍ପନ୍ନ ହୋଇଥିଲା।

## ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ
## ୧୫ ଦିନିଆ ସଚେତନତା ଅଭିଯାନର ଶୁଭାରମ୍ଭ

ବାରିପଦା, (ସବ୍ୟୁ) : ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ଅବସରରେ ମୟୂରଭଞ୍ଜ ଜିଲ୍ଲାରେ ଶିଶୁ ଶ୍ରମ ନିରାକରଣ ସମ୍ପର୍କିତ ଏକ ୧୫ଦିନିଆ ସଚେତନତା ଅଭିଯାନ ଆଜିଠାରୁ ଆରମ୍ଭ ହୋଇଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥକୁ ଏବଂ ସଚେତନତା ଶୋଭାଯାତ୍ରାକୁ ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ । ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇଥିବା ଏହି ସଚେତନତା ଶୋଭାଯାତ୍ରା ବାରିପଦା ପୌରାଞ୍ଚଳର ପ୍ରମୁଖ ବଜାର ଅଞ୍ଚଳ ପରିକ୍ରମା କରି ସ୍ଥାନୀୟ ଛଉ ପଡ଼ିଆଠାରେ ଶେଷ ହୋଇଥିଲା । ଶୋଭାଯାତ୍ରା ମାଧ୍ୟମରେ ଶିଶୁ ଶ୍ରମ ନିରାକରଣ, ଶିକ୍ଷାର ଗୁରୁତ୍ୱ ଏବଂ ଶିଶୁଙ୍କ ଅଧିକାର ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପଶ୍ରମ ଆୟୁକ୍ତ ନରେନ୍ଦ୍ର ଗଇପାଇ, ଜିଲ୍ଲା ଶ୍ରମ ଅଧିକାରୀ ନିରଞ୍ଜନ ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁଦୁଯ଼ା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିହାରିକା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତା ବିଶ୍ୱାଳ, ବାରିପଦା ସହକାରୀ ଶ୍ରମ ଅଧିକାରୀ ପାନମଣୀ ସୋରେନ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି, ଶ୍ରମିକ ସଂଗଠନର ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି, ପୁଲିସ କର୍ମଚାରୀ ଏବଂ ଅନ୍ୟାନ୍ୟ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ ।

ଅଭିଯାନ ଅବଧି ମଧ୍ୟରେ ସଚେତନତା ରଥଟି ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରି ଶିଶୁ ଶ୍ରମର କୁପ୍ରଭାବ, ଶିକ୍ଷାର ଆବଶ୍ୟକତା ଏବଂ ପ୍ରତ୍ୟେକ ଶିଶୁ ପାଇଁ ସୁରକ୍ଷିତ ଓ ସମ୍ମାନଜନକ ଶୈଶବ ସୁନିଶ୍ଚିତ କରିବା ନିମନ୍ତେ ସମାଜର ସାମୂହିକ ଦାୟିତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବ । ଶିଶୁ ଶ୍ରମ ମୁକ୍ତ ମୟୂରଭଞ୍ଜ ଗଠନ ପାଇଁ ଏହି ୧୫ଦିନିଆ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ ଭାବରେ ଚାଲିବ ବୋଲି ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ନାୟକ ପ୍ରକାଶ କରିଛନ୍ତି । ଏହାସହ ଶିଶୁ ଶ୍ରମିକ ଚିହ୍ନଟ, ଉଦ୍ଧାର ଏବଂ ପୁନର୍ବାସନ ପାଇଁ ସ୍ୱତନ୍ତ୍ର ଚଢ଼ାଉ ଓ ଉଦ୍ଧାର ଅଭିଯାନ ମଧ୍ୟ ପରିଚାଳନା କରାଯିବ ।

## ଆଇନ ଶୃଙ୍ଖଳା, ଅସହାୟ ଭତ୍ତା ଓ ବିଜୁଳି ବିଭ୍ରାଟ ବିରୋଧରେ
# ଜିଲ୍ଲାବ୍ୟାପୀ ଆନ୍ଦୋଳନ କରିବ ସିପିଏମ



ବ୍ରହ୍ମପୁର, (ସବ୍ୟୁ): ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଓ ରାଜନୈତିକ ଚର୍ଚ୍ଚା ଉପରେ ସିପିଏମର ଦୁଇ ଦିନିଆ ଜିଲ୍ଲା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଏହି ବୈଠକରେ ଜିଲ୍ଲାର ରାଜନୈତିକ ଓ ସାଙ୍ଗଠନିକ ଅବସ୍ଥା ସମ୍ପର୍କରେ ପର୍ଯ୍ୟାଲୋଚନା କରାଯାଇଥିଲା । ଶେଷରେ ବାର୍ଦ୍ଧକ୍ୟ ଭତ୍ତା, ପେଟ୍ରୋଲ ଡିଜେଲ ଓ ଗ୍ୟାସର ଦର ବୃଦ୍ଧି, ବିଦ୍ୟୁତ ବିଭ୍ରାଟ ଓ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଦାବିରେ ଜିଲ୍ଲାବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି । ସେହିଭଳି ମନରେଗାରେ କାମ, ଚାଷୀଙ୍କୁ ସାର ଓ ଅନ୍ୟାନ୍ୟ ଉପକରଣ ଯୋଗାଇ ଦେବା ପାଇଁ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଦାବି କରାଯାଇଛି ।

ଏହି ବୈଠକରେ ରାଜ୍ୟର ବରିଷ୍ଠ ନେତା ଅଳି କିଶୋର ପଟ୍ଟନାୟକ ଯୋଗଦେଇ ଜାତୀୟ ଓ ଆନ୍ତର୍ଜାତୀୟ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା ରାଜନୈତିକ ଓ ସାଙ୍ଗଠନିକ ରିପୋର୍ଟ ଆଗତ କରିଥିଲେ । ବୈଠକରେ ପାର୍ଟିର ବରିଷ୍ଠ ନେତା ରାମ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ ।

## ପ୍ଲଟ କିଣିବା ନାମରେ ୭୦ ଲକ୍ଷ ଠକେଇ, ଦମ୍ପତି ଗିରଫ

ବ୍ରହ୍ମପୁର, (ସବ୍ୟୁ): ଭୁବେନଶ୍ୱରରେ ପ୍ଲଟ କିଣିବାକୁ କହି ଜନୈକ ଅବସରପ୍ରାପ୍ତ ନର୍ସିଂ ଅଫିସରଙ୍କ ଠାରୁ ୭୦ ଲକ୍ଷ ଠକେଇ କରିଥିବା ଅଭିଯୋଗ ଜଗତସିଂହପୁରର ଦମ୍ପତିଙ୍କୁ ବୈଦ୍ୟନାଥପୁର ଥାନା ପୋଲିସ ଗିରଫ କରି ଥିବା ଜଣାପଡିଛି । ଅଭିଯୁକ୍ତ ଦମ୍ପତି ଜଗତସିଂହପୁର ବାଲିକୁଦା ଥାନା ଅନ୍ତର୍ଗତ ଆଳିକଣ ଗ୍ରାମର ଜେଏନ ଜେମ୍ସ ସ୍ୱାଇଁ (୩୭) ଓ ତାଙ୍କ ପନୀ ସସ୍ମିତା ରାଉତ(୩୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ପୋଲିସ ସୂଚନା ଅନୁଯାୟୀ, ସ୍ଥାନୀୟ ଲାଞ୍ଜିପଲ୍ଲୀ ହନୁମାନ ମନ୍ଦିର ସାହିରେ ରହୁଥିବା ଭାରତୀ ମହାପାତ୍ର ଏମକେସିଜି ମେଡିକାଲ କଲେଜରୁ ନର୍ସିଂ ଅଫିସର ଭାବେ ଅବସର ନେଇଥିଲେ । ତାଙ୍କୁ ପ୍ରାୟ ୭୦ ଲକ୍ଷ ଟଙ୍କା ମିଳିଥିଲା । ଏହା ଜାଣିବା ପରେ ତାଙ୍କ ସମ୍ପର୍କୀୟ ତଥା ଅଭିଯୁକ୍ତ ଜେମ୍ସ ଓ ସସ୍ମିତା ଭୁବନେଶ୍ୱରରେ ଏକ ପ୍ଲଟ କିଣାଇ ଦେବେ ବୋଲି କହିବା ସହ ବୃଦ୍ଧା ସମୟରେ ତାଙ୍କ ଦେଖାଶୁଣା କରିବେ ବୋଲି କହିଥିଲେ । ଭାରତୀ ତାଙ୍କ କଥାରେ ବିଶ୍ୱାସ କରି ୨୦୨୪ରୁ ୨୦୨୫ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ୬୩ ଲକ୍ଷରୁ ଅଧିକ ଟଙ୍କା ଦେବା ସହ ୫ ଭରି ସୁନା ଅଳଙ୍କାର ଓ ୧୦ ଭରି ରୂପା ଅଳଙ୍କାର ଦେଇଥିଲେ ।

ଟଙ୍କା ଓ ସୁନା ନେବାର ଅନେକ ମାସ ଯାଏଁ ପ୍ଲଟ ଭାରତୀଙ୍କ ନାମରେ ପଞ୍ଜିକୃତ କରି ନଥିଲେ । ସେ ସନ୍ଦେହ କରି ଟଙ୍କା ଫେରସ୍ତ ପାଇଁ କହିଥିଲେ । ସେମାନେ ଟଙ୍କା ଫେରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଟଙ୍କା କିମ୍ବା ସୁନା ନଫେରାଇ ବିଭିନ୍ନ ପ୍ରକାର ଧମକ ଚମକ ଦେଇଥିଲେ । ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ନମ୍ବର ୧୩୬/୨୬ ରୁଜୁ କରି ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଏସପି ଡ. ଶ୍ରବଣ ବିବେକ ଏମ ସୂଚନା ଦେଇଛନ୍ତି ।

## କ୍ୟାନ୍ସର ରୋଗୀଙ୍କୁ ପ୍ଲେଟଲେଟ୍ ଦେଲେ ଡଃ ନିରୋଜ ପୋଥାଳ

ବାରିପଦା, (ସବ୍ୟୁ) : ଜଣେ ଦୁରାରୋଗ୍ୟ କ୍ୟାନ୍ସର ପୀଡ଼ିତ ରୋଗୀଙ୍କ ଜୀବନ ରକ୍ଷା ପାଇଁ ପୁଣି ଥରେ ଦେବଦୂତ ସାଜି ଆଗେଇ ଆସିଛନ୍ତି ମୟୂରଭଞ୍ଜ ଜିଲ୍ଲା ବାରିପଦାର ବିଶିଷ୍ଟ ସମାଜସେବୀ ତଥା ନିୟମିତ ରକ୍ତଦାତା ଡଃ ନିରୋଜ କୁମାର ପୋଥାଳ । ସେ କଟକ ସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲରେ ପହଞ୍ଚି ଚିକିତ୍ସିତ ହେଉଥିବା ଜଣେ କ୍ୟାନ୍ସର ରୋଗୀଙ୍କ ପାଇଁ ନିଜର ମୂଲ୍ୟବାନ ପ୍ଲେଟଲେଟ୍ ପ୍ରଦାନ କରିଛନ୍ତି । ଏସସିବି ମେଡିକାଲ ବ୍ଲଡ଼ ବ୍ୟାଙ୍କର ପ୍ରତିଷ୍ଠିତ ଡାକ୍ତର ଡଃ ଜଗନ୍ନାଥ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ଲେଟଲେଟ୍ ସଂଗ୍ରହ କରାଯାଇଥିଲା । ବାରିପଦାରୁ କଟକ-ଭୁବନେଶ୍ୱର: ଜୀବନ ବଞ୍ଚାଇବାର ନିଆରା ନିଶା ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ମଧ୍ୟ ଡଃ ନିରୋଜ କୁମାର ପୋଥାଳ ଅନେକ ବାର ଜରୁରୀକାଳୀନ ସ୍ଥିତିରେ ନିଜ ଖର୍ଚ୍ଚରେ ବାରିପଦାରୁ ଭୁବନେଶ୍ୱର ଓ କଟକ ଦୌଡ଼ି ଆସି ଅସହାୟ ରୋଗୀଙ୍କ ଜୀବନ ବଞ୍ଚାଇଛନ୍ତି ।

ବିଶେଷ କରି ମାରାତ୍ମକ ଡେଙ୍ଗୁ, କ୍ୟାନ୍ସର ଏବଂ ବୋନମେରୋ (ଅସ୍ଥିମଜ୍ଜା) ଚିକିତ୍ସା ଅଧୀନରେ ଥିବା ଜଟିଳ ରୋଗୀମାନଙ୍କୁ ସେ ସ୍ୱଇଚ୍ଛାରେ ପ୍ଲେଟଲେଟ୍ ଦାନ କରି ମାନବିକତାର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି । ସେବା ହିଁ ସଂକଳ୍ପ: "ମାନବ ସେବାକୁ ହିଁ ଶ୍ରେଷ୍ଠ ସେବା ବୋଲି ମାନି ନେଇଥିବା ଡଃ ନିରୋଜ ଆଜି ପର୍ଯ୍ୟନ୍ତ ୨୫ଥର ପ୍ଲେଟଲେଟ୍ ଦାନ ସହିତ ସର୍ବମୋଟ ୧୩୬ଥର ସଫଳତାର ସହ ରକ୍ତଦାନ କରିଛନ୍ତି । ତାଙ୍କର ଏହି ନିସ୍ୱାର୍ଥପର ମାନବିକ ସେବା ପାଇଁ ସେ କେବଳ ଓଡ଼ିଶା ନୁହେଁ, ବଙ୍ଗ ଦେଶର ବିଭିନ୍ନ ରାଜ୍ୟରୁ ଅନେକ ସମ୍ମାନଜନକ ଜାତୀୟ ପୁରସ୍କାରରେ ପୁରସ୍କୃତ ମଧ୍ୟ ହୋଇଛନ୍ତି । ଦେଶବ୍ୟାପୀ ରକ୍ତଦାନ ସଂଚେତନତାର ମହା ଅଭିଯାନ: କେବଳ ନିଜେ ରକ୍ତଦାନ କରିବା ମଧ୍ୟରେ ଡଃ ନିରୋଜଙ୍କ ସେବା ସୀମିତ ନାହିଁ ।

ସେ ନିଜ ପ୍ରେରଣାରେ ଏକ ବଡ଼ ରକ୍ତଦାତା ଗୋଷ୍ଠୀ ପ୍ରସ୍ତୁତ କରିବା ପାଇଁ ଦେଶର ବିଭିନ୍ନ ପ୍ରାନ୍ତ ଗସ୍ତ କରୁଛନ୍ତି । ବିଭିନ୍ନ ସଚେତନତା ଶିବିର ଓ ସେମିନାରରେ ଯୋଗଦେଇ ସେ ଛାତ୍ରଛାତ୍ରୀ, ଯୁବଗୋଷ୍ଠୀ ଏବଂ ସାଧାରଣ ଜନତାଙ୍କୁ ରକ୍ତଦାନର ଆବଶ୍ୟକତା ଓ ଏହାର ସ୍ୱାସ୍ଥ୍ୟଗତ ଉପକାରିତା ସମ୍ପର୍କରେ ସଚେତନ କରାଉଛନ୍ତି । ତାଙ୍କର ଏହି ନିରନ୍ତର ପ୍ରୟାସ ଓ ନିଆରା କାର୍ଯ୍ୟଶୈଳୀ ଯୋଗୁଁ ଆଜି ଶତାଧିକ ଯୁବକ ସ୍ୱେଚ୍ଛାକୃତ ରକ୍ତଦାନ କରିବାକୁ ଆଗେଇ ଆସୁଛନ୍ତି । ସମାଜ ପ୍ରତି ତାଙ୍କର ଏହି ଅତୁଳନୀୟ ଅବଦାନ ଯୁବପିଢ଼ିଙ୍କ ପାଇଁ ଏକ ଅନନ୍ୟ ପ୍ରେରଣାର ଉତ୍ସ ପାଲଟିଛି ବୋଲି ବିଭିନ୍ନ ମହଲରୁ ମତପ୍ରକାଶ ପାଇଛି ।

## କଦମ୍ବମଠରେ ବିଜେଡ଼ିର ବୈଠକ
## ଦଳୀୟ ଜନପ୍ରତିନିଧିଙ୍କୁ ପ୍ରଶାସନିକ ଅଣଦେଖା ନେଇ ଆଲୋଚନା



ବୁଗୁଡା, (ସବ୍ୟୁ): ବୁଗୁଡ଼ା ବ୍ଲକର ବି.ବ୍ରହ୍ମପୁର ଗ୍ରାମସ୍ଥ କଦମ୍ବମଠ ପରିସରରେ ବିଜୁ ଜନତା ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ଖଦାଳ ଖଟେଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଦଳୀୟ ଜନପ୍ରତିନିଧିଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଅଣଦେଖା କରାଯିବା ସହ ସେମାନଙ୍କ ପଞ୍ଚାୟତରେ ବିକାଶମୂଳକ କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କରାଯାଉଥିବା ନେଇ ବ୍ୟାପକ ଆଲୋଚନା ସାଙ୍ଗକୁ ପ୍ରଶାସନିକ ମନମୁଖୀ କାର୍ଯ୍ୟକଳାପକୁ ନେଇ କ୍ଷୋଭ ପ୍ରକାଶ କରାଯାଇଥିଲା ।

ବୈଠକରେ ପୂର୍ବତନ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ସମେତ ଦଳୀୟ ଜନପ୍ରତିନିଧିବୃନ୍ଦ ଏବଂ କର୍ମୀଗଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏ ଅବସରରେ ରାଜନୈତିକ ଚାପର ଶିକାର ହୋଇ ବିଜେଡି ତ୍ୟାଗକରି ବିଜେପିରେ ଯୋଗ ଦେଇଥିବା ବୁଗୁଡ଼ା ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି କେ. ନୀଳମାଧବ ଆଚାରୀଙ୍କ ସମେତ କରସିଙ୍ଗି ପଞ୍ଚାୟତ ସମିତି ସଭ୍ୟ ଚିକୁ ବାରିକ, ଭାମଶ୍ୟାଳି ସମିତି ସଭ୍ୟାଙ୍କ ପ୍ରତିନିଧି ଗଣେଶ ପ୍ରଧାନ ପ୍ରମୁଖ ବିଜେପିରୁ ମୋହଭଙ୍ଗ କରି ବିଜେଡିରେ ଯୋଗ ଦେଇଥିଲେ । ସେମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ ପୂର୍ବକ ବିଜେଡିକୁ ସ୍ୱାଗତ କରାଯାଇଥିଲା । ତେବେ ଆଗାମୀ ଦିନରେ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ପାଇଁ ବଡ ଧରଣର ମିଶ୍ରଣ ପର୍ବର ଆୟୋଜନ କରାଯିବା ନେଇ ପ୍ରାକ୍ତନ ମନ୍ତ୍ରୀଙ୍କ ସୂଚନା ପ୍ରଦାନ ସାଙ୍ଗକୁ ବୁଗୁଡା ବ୍ଲକର ଅନେକ ପଞ୍ଚାୟତରେ ବିକାଶ ବାଟବଣା ହୋଇଥିବା ବେଳେ ଏହାର ପ୍ରତିବାଦ ପାଇଁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

ଗତ ଜୁନ୍ ୨ ତାରିଖ ଦିନ ବିରଞ୍ଚିପୁର ପଞ୍ଚାୟତବାସୀଙ୍କ ପକ୍ଷରୁ ପଞ୍ଚାୟତରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉନଥିବା ପ୍ରତିବାଦରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ଚେତାବନୀ ପ୍ରଦାନ ସାଙ୍ଗକୁ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ପ୍ରତି ଅସନ୍ତୋଷ ଜାହିର କରିବା ଘଟଣା ଅଞ୍ଚଳରେ ରାଜନୈତିକ ହଟଚମଟ ସୃଷ୍ଟି କରିଥିବା ବେଳେ ଆଜିର ଏହି ବିଜେଡିର ବୈଠକ ଏବଂ ଦଳୀୟ ଜନପ୍ରତିନିଧିଙ୍କ ଘରବାହୁଡ଼ା ପର୍ବକୁ ଆଗାମୀ ଦିନରେ ରାଜନୈତିକ ପାଣିପାଗର ସମ୍ଭାବ୍ୟ ପରିବର୍ତ୍ତନର ପ୍ରାକ ସୂଚନା ବୋଲି ସାଧାରଣରେ ଜୋର ସୋରରେ ଚର୍ଚ୍ଚା ଚାଲିଛି ।

## ଆରମ୍ଭ ହେଲା ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା

# ୫ କେଜି ବଦଳରେ ୧୦ କେଜି ଚାଉଳ ପାଇବେ ହିତାଧିକାରୀ



ଛତ୍ରପୁର, (ସବ୍ୟୁ) : ଆଉ ୫ କିଲୋ ନୁହେଁ, ଅପ୍ରେଲ ୨୦୨୬ ରୁ ମୁଣ୍ଡ ପିଛା ହିତାଧିକାରୀ ପାଇବେ ୧୦ କିଲୋ ଚାଉଳ ସମ୍ପୂର୍ଣ୍ଣ ମାଗଣା । ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ହିତାଧିକାରୀ ପାଇବେ ଏହି ଅତିରିକ୍ତ ୫ କେଜି ଚାଉଳ । ଖାଦ୍ୟ ସୁରକ୍ଷାର ସୁନିଶ୍ଚିତତା କରିବା ନେଇ ଶୁକ୍ରବାର ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ଲୋକାଭିମୁଖୀ ଯୋଜନା ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା । ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରିଛନ୍ତି ।

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ ଏଣିକି ଅଧିକ ୫ କେଜି ଲେଖାଏ ଚାଉଳ ଅଧିକ ପାଇବେ । ହିତାଧିକାରୀମାନେ ଯେତିକି ଚାଉଳ ବର୍ତ୍ତମାନ ପାଉଛନ୍ତି ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଅତିରିକ୍ତ ୫ କେଜି ଚାଉଳ ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜ୍ୟରେ ଖାଉଟିଙ୍କୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଚାଉଳ ଉପଲବ୍ଧ କରାଇ ଖାଦ୍ୟ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ମାଧ୍ୟମରେ ଏନ୍‌ଏଫ୍‌ଏସ୍‌ଏ ଏବଂ ଏସ୍‌ଏଫ୍‌ଏସ୍‌ଏସ୍ ହିତାଧିକାରୀ ଅତିରିକ୍ତ ଚାଉଳ କୋଟା ଦିଆଯିବ । ଏହି ଯୋଜନା ମାଧ୍ୟମରେ ରାଜ୍ୟର ଟାର୍ଗେଟେଡ୍ ପବ୍ଲିକ୍ ଡିଷ୍ଟ୍ରିବ୍ୟୁଶନ ସିଷ୍ଟମ ଅଧୀନ ସମସ୍ତ ହିତାଧିକାରୀ ପରିବାର ପାଇଁ ସେମାନଙ୍କ ମାସିକ ନିୟମିତ ଧାର୍ଯ୍ୟ ଚାଉଳ କୋଟା ବ୍ୟତୀତ ମୁଣ୍ଡ ପିଛା ୫ କେଜି ଲେଖାଏ ଅତିରିକ୍ତ ଚାଉଳ ମାଗଣାରେ ପାଇବେ ।

ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲାର ୮ ଲକ୍ଷ ୧୮ ହଜାର, ୭୫୯ ପରିବାର ର ୨୬ ଲକ୍ଷ ୫୪ ହଜାର ୫୮୦ ଜଣ ହିତାଧିକାରୀ ଉପକୃତ ହେବେ । ଏହା ସହିତ ଗତ ଅପ୍ରେଲ ମାସ ଠାରୁ ମୁଣ୍ଡ ପିଛା ୧୦ କେଜି ଚାଉଳ ପାଇବେ ହିତାଧିକାରୀ । ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମର ସିଧାପ୍ରସାରଣ ଛତ୍ରପୁର ସ୍ଥିତ ଗଞ୍ଜାମ ଜିଲ୍ଲା ପରିଷଦର ରୁଷିକୂଲ୍ୟା ସମ୍ମିଳନୀ କକ୍ଷ ଠାରେ ପ୍ରସାରଣ କରାଯାଇଥିଲା । ସେଠାରେ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ବିଧାୟକ ନୀଳମଣି ବିଷୋୟୀ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଆଇଏଏସ ଶିକ୍ଷାନବିଶ ସୁଶ୍ରୀ ସାରନ୍ୟା, ଗଞ୍ଜାମ ଜିଲ୍ଲା ଯୋଗାଣ ଅଧିକାରୀ ପି. କେ. ମହାପାତ୍ରଙ୍କ ସମେତ ବହୁ ଡିଲର, ହିତାଧିକାରୀ ଓ ବିଭାଗୀୟ ଅଧିକାରୀ ମାନେ ଯୋଗଦେଇ ସିଧା ପ୍ରସାରଣକୁ ଆଭାସୀ ମାଧ୍ୟମରେ ଦେଖିଥିଲେ । ଗଞ୍ଜାମ ଜିଲ୍ଲାର ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅଧୀନରେ ଥିବା ହିତାଧିକାରୀ ଙ୍କୁ ଅତିଥି ମାନଙ୍କ ଦ୍ୱାରା କାର୍ଡ ବଣ୍ଟନ କରାଯାଇଥିଲା ।

# ଗୁଣପୁରର ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗଙ୍କ ପରଲୋକ



ରାୟଗଡା, (ସବ୍ୟୁ): ରାୟଗଡା ଜିଲ୍ଲାର ଗୁଣପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗଙ୍କର ଆଜି ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କ ବୟସ ୭୫ ବର୍ଷ ହୋଇଥିଲା। ସେ ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗରେ ପୀଡ଼ିତ ଥିଲେ। ସ୍ବାସ୍ଥ୍ୟ ଅବସ୍ଥା ଅବନତି ଘଟିବାରୁ ଦୁଇ ଦିନ ପୂର୍ବରୁ ତାଙ୍କୁ ଚିକିତ୍ସା ପାଇଁ ଏମ୍ସ ଭୁବନେଶ୍ବରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ସ୍ଥିତ ଏସ୍ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଆଜି ଭୋର ସମୟରେ ତାଙ୍କର ଦେହାନ୍ତ ଘଟିଥିଲା। ରାଜନୈତିକ ଜୀବନରେ ରାମମୂର୍ତ୍ତି ଗମାଙ୍ଗ ଏକ ସ୍ବତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ସେ ଜନତା ଦଳରୁ ପ୍ରାର୍ଥୀ ହୋଇ ୧୯୯୦ ରୁ ୧୯୯୫ ପର୍ଯ୍ୟନ୍ତ ଗୁଣପୁରର ବିଧାୟକ ଭାବେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ସେ ବିଜେପିରେ ଯୋଗଦେଇ ୨୦୦୦ ମସିହା ନିର୍ବାଚନରେ ବିଜେଡି–ବିଜେପି ମେଣ୍ଟ ପକ୍ଷରୁ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ରାୟଗଡା ଜିଲ୍ଲାର ରାଜନୈତିକ ଇତିହାସରେ ସେ ଏକମାତ୍ର ବିଜେପି ପ୍ରାର୍ଥୀ ଭାବେ ଗୁଣପୁର ଆସନରୁ ବିଜୟୀ ହୋଇଥିବା ନେତା ଭାବେ ପରିଚିତ। ତାଙ୍କ ପରେ ଏହି ଆସନରୁ ଅନ୍ୟ କୌଣସି ବିଜେପି ପ୍ରାର୍ଥୀ ବିଜୟ ହାସଲ କରିପାରିନାହାନ୍ତି। ବ୍ୟାଙ୍କ ଚାକିରି ଛାଡ଼ି ରାଜନୀତିରେ ପ୍ରବେଶ କରିଥିବା ରାମମୂର୍ତ୍ତି ଗମାଙ୍ଗ ବିଜୁ ପଟ୍ଟନାୟକଙ୍କ ଆଦର୍ଶ ଓ ବିଚାରଧାରାରେ ପ୍ରଭାବିତ ହୋଇ ସାର୍ବଜନୀନ ଜୀବନରେ ପାଦ ରଖିଥିଲେଛ ତାଙ୍କ ବିଧାୟକତ୍ୱ କାଳରେ ଗୁଣପୁର ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା ଏବଂ ଏହାର ଉଦ୍ଘାଟନ ବିଜୁ ପଟ୍ଟନାୟକ କରିଥିଲେ। ସେହି ସମୟରେ ଗୁଣପୁର ନିର୍ବାଚନମଣ୍ଡଳୀରେ ବହୁ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟକରୀ ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ପତ୍ନୀ ହତ୍ୟା ଅଭିଯୋଗକୁ ନେଇ ସେ ବିବାଦରେ ଜଡ଼ିତ ହୋଇଥିଲେ। ଏହି ମାମଲାରେ ଭୁବନେଶ୍ୱରର ଏକ ସ୍ୱତନ୍ତ୍ର ଅଦାଲତ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ଦେଇଥିଲେ। ଏଣୁ ସେ ଭୁବନେଶ୍ୱର ସ୍ଥିତ ଲକ୍ଷ୍ମୀ ସାଗର କାରାଗାରରେ ବନ୍ଦି ଜୀବନ ବିତାଉଥିଲେ। ରାମମୂର୍ତ୍ତି ଗମାଙ୍ଗଙ୍କ ବିୟୋଗରେ ରାୟଗଡା ଜିଲ୍ଲା ସହ ଗୁଣପୁର ଅଞ୍ଚଳର ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି। ଏହି ଦୁଃଖଦ ଘଟଣାରେ ସାଂସଦ ସପ୍ତଗିରୀ ଶଙ୍କର ଉଲ୍ଲାକା, ବିଧାୟକ କାଡ୍ରାକା ଆପାଲାସ୍ୱାମୀ, ସତ୍ୟଜିତ ଗମାଙ୍ଗ, ନିଳମାଧବ ହିକକା, ବରିଷ୍ଠ ନେତା ସୁନିଲ ପଣ୍ଡା, ଦୁର୍ଗା ପଣ୍ଡା, ସରକାରୀ ଅଧିକାରୀ, ସାମ୍ବାଦିକ ଏବଂ ସମାଜସେବୀ ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

# କୂଅରେ ଫିଙ୍ଗି ହତ୍ୟା ଉଦ୍ୟମ, ୪ ଗିରଫ

## ଜୀବନ–ମୃତ୍ୟୁ ସହ ଚାରି ଦିନର ସଂଘର୍ଷ ପରେ ଉଦ୍ଧାର ହେଲେ ଯୁବକ

ପଦ୍ମପୁର, (ସବ୍ୟୁ): ପଦ୍ମପୁର ଉପଖଣ୍ଡ ବିଜେପୁର ଥାନା ଅଞ୍ଚଳରେ ଘଟିଥିବା ଏକ ଲୋମହର୍ଷଣକାରୀ ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ଜଣେ ଯୁବକଙ୍କୁ ନିର୍ମମ ଭାବେ ମାଡ଼ ମାରି ମୃତ ଭାବି ଏକ ପରିତ୍ୟକ୍ତ କୂଅରେ ଫିଙ୍ଗି ଦେଇଥିବା ଘଟଣାର ପର୍ଦ୍ଦାଫାଶ କରିଛି ବିଜେପୁର ପୋଲିସ। ଆଶ୍ଚର୍ଯ୍ୟର କଥା, ଗୁରୁତର ଆହତ ଅବସ୍ଥାରେ କୂଅ ଭିତରେ ପ୍ରାୟ ଚାରି ଦିନ ଧରି ଜୀବନ ପାଇଁ ସଂଘର୍ଷ କରିବା ପରେ ଯୁବକ ଜୀବିତ ଉଦ୍ଧାର ହୋଇଥିଲେ। ଏହି ଘଟଣାରେ ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପଦ୍ମପୁର ଥାନା ଅନ୍ତର୍ଗତ ପୁରେନା ଗ୍ରାମର ତୁଳସୀରାମ ଭୋଇ (୨୦) ଗତ ୭ ଜୁନ ସକାଳେ ଶ୍ରମିକ କାମ ପାଇଁ ଘରୁ ବାହାରିଥିଲେ। ଦିନ ଗଡ଼ିବା ସହ ସେ ଘରକୁ ଫେରି ନଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ହେଁ ତାଙ୍କର କୌଣସି ସନ୍ଧାନ ପାଇନଥିଲେ। ଏନେଇ ୧୦ ଜୁନରେ ପଦ୍ମପୁର ଥାନାରେ ଏକ ନିଖୋଜ ମାମଲା ରୁଜୁ ହୋଇଥିଲା । ଏହାରି ମଧ୍ୟରେ ୧୧ ଜୁନ ସକାଳ ପ୍ରାୟ ୯ଟା ୩୦ ମିନିଟ ସମୟରେ ବିଜେପୁର ଥାନା ପୋଲିସ ଏକ ଗୁପ୍ତ ସୂଚନା ପାଇଥିଲା ଯେ ସମଲେଇପଦର ଗ୍ରାମ ନିକଟରେ ଥିବା ଏକ ପରିତ୍ୟକ୍ତ କୂଅ ଭିତରେ ଜଣେ ବ୍ୟକ୍ତି ପଡ଼ି ରହିଛନ୍ତି। ତୁରନ୍ତ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଦୀର୍ଘ ସମୟର ପ୍ରୟାସ ପରେ ଆହତ ଅବସ୍ଥାରେ ତୁଳସୀରାମଙ୍କୁ କୂଅ ଭିତରୁ ବାହାର କରାଯାଇଥିଲା। ପ୍ରଥମେ ତାଙ୍କୁ ବିଜେପୁର ସିଏଚସିରେ ଭର୍ତ୍ତି କରାଯାଇଥିଲା ଏବଂ ପରେ ଗୁରୁତର ଅବସ୍ଥା ଦେଖି ବୁର୍ଲା ଭିମସାରକୁ ସ୍ଥାନାନ୍ତର କରାଯାଇଥିଲା। ତଦନ୍ତ ସମୟରେ ଯେଉଁ ତଥ୍ୟ ସାମ୍ନାକୁ ଆସିଥିଲା, ତାହା ଅତ୍ୟନ୍ତ ଚାଞ୍ଚଲ୍ୟକର ଥିଲାଛ ପୋଲିସ ଜାଣିବାକୁ ପାଇଥିଲା ଯେ ଗତ ୭ ଜୁନ ଅପରାହ୍ନରେ ତୁଳସୀରାମଙ୍କୁ ତୁସାର ଓରଫ ଜଗନ ଭୋଇ ଏବଂ ବାବୁଲୁ ଓରଫ ବଳରାମ ମନିରା ବିଜେପୁରକୁ ନେଇଥିଲେ। ପୂର୍ବରୁ ଶକ୍ତି ବେହେରା ନିଜର ଅନ୍ୟ ଦୁଇ ସହଯୋଗୀ ଏମ୍.ଡି. ଅଖମଲ ରଜାକ ଓ ତ୍ରିନାଥ ମହାପାତ୍ରଙ୍କୁ ଡାକି ରଖିଥିଲେ। ସମସ୍ତେ ମିଶି ମଦ୍ୟପାନ କରିବା ପରେ ଏକ ନିର୍ଜନ ସ୍ଥାନକୁ ଯାଇଥିଲେ। ସେଠାରେ ଏକ ପୁରୁଣା ମୋବାଇଲ ଚୋରି ଘଟଣାକୁ କେନ୍ଦ୍ର କରି ତୁଳସୀରାମଙ୍କ ସହ ବଚସା ଆରମ୍ଭ ହୋଇଥିଲା। ଅଭିଯୁକ୍ତମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହଠାତ ଆକ୍ରମଣ କରିଥିଲେ। ମୁଠା, ବାଉଁଶ ବାଡ଼ି ଏବଂ ଭଙ୍ଗା ମଦ ବୋତଲରେ ନିର୍ମମ ଭାବେ ପିଟିଥିଲେ। ଆକ୍ରମଣରେ ତୁଳସୀରାମ ଅଚେତ ହୋଇ ପଡ଼ିବା ପରେ ସେ ମୃତ ବୋଲି ଭାବି ସମସ୍ତ ଅଭିଯୁକ୍ତ ତାଙ୍କୁ ସମଲେଇପଦର ନିକଟସ୍ଥ ଏକ ପରିତ୍ୟକ୍ତ କୂଅରେ ଫିଙ୍ଗି ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। କୂଅ ଭିତରେ ଗୁରୁତର ଆହତ ଅବସ୍ଥାରେ ତୁଳସୀରାମ ଚାରି ଦିନ ଧରି ଜୀବନ ପାଇଁ ସଂଘର୍ଷ କରିଥିଲେ। ଖାଦ୍ୟ, ପାଣି ଓ ଚିକିତ୍ସା ବିନା ଅସହାୟ ଅବସ୍ଥାରେ ରହିଥିଲେ ମଧ୍ୟ ତାଙ୍କର ବଞ୍ଚିବାର ଇଚ୍ଛାଶକ୍ତି ତାଙ୍କୁ ମୃତ୍ୟୁ ମୁହଁରୁ ଫେରାଇ ଆଣିଥିଲା। ଶେଷରେ ତାଙ୍କର ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ ଏବଂ ସେ ଉଦ୍ଧାର ହୋଇପାରିଥିଲେ। ଘଟଣାର ତଦନ୍ତ ପରେ ପୋଲିସ ବାବୁଲୁ ଓରଫ ବଳରାମ ମନିରା (୨୧), ଏମ୍.ଡି. ଅଖମଲ ରଜାକ (୨୧), ଶକ୍ତି ବେହେରା (୧୯) ଓ ତ୍ରିନାଥ ମହାପାତ୍ର (୨୨)ଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ସହଛ ସେମାନଙ୍କ ନିକଟରୁ ଏକ ବାଉଁଶ ବାଡ଼ି, ଏକ ହୋଣ୍ଡା ଆକ୍ଟିଭା ସ୍କୁଟି ଏବଂ ଭଙ୍ଗା ମଦ ବୋତଲ ଜବତ କରାଯାଇଥିବା ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ପାଣ୍ଡବ ଶବର ସୂଚନା ଦେଇଛନ୍ତି ।




# କଂଗ୍ରେସର ସାଙ୍ଗଠନିକ ବୈଠକ



ବୋରିଗୁମ୍ମା, (ସବ୍ୟୁ): ବୋରିଗୁମ୍ମା ବ୍ଲକର ପୁରୁଣା ବୋରିଗୁମ୍ମା ଠାରେ କଂଗ୍ରେସର ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦାନ କରିଥିଲେ। ଏହି ଅବସରରେ ପୁରୁଣା ବୋରିଗୁମ୍ମା ଅଞ୍ଚଳର କଂଗ୍ରେସ ନେତୃବୃନ୍ଦ, କର୍ମୀ, ଯୁବ ସାଥୀ ଓ ଶୁଭେଚ୍ଛୁମାନେ ବିଧାୟକ ତଥା ସମସ୍ତଙ୍କ ପ୍ରିୟ ଭାଲୁ ଭାଇନାଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ଉପସ୍ଥିତ କର୍ମୀ ଓ ସମର୍ଥକମାନଙ୍କ ଉତ୍ସାହ, ଭଲପାଇବା ଏବଂ ବିପୁଳ ଜନସମର୍ଥନ ସଭାସ୍ଥଳକୁ ଏକ ଉତ୍ସବମୁଖର ପରିବେଶ ପ୍ରଦାନ କରିଥିଲା। ବୈଠକରେ ସଂଗଠନକୁ ଆହୁରି ସୁଦୃଢ଼ କରିବା, ଗାଁ ଗାଁରେ କଂଗ୍ରେସର ବାର୍ତ୍ତା ପହଞ୍ଚାଇବା, ସାଧାରଣ ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦେବା ଏବଂ ଆଗାମୀ ଦିନରେ ଜନସ୍ୱାର୍ଥ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ସଂଗଠିତ ଭାବେ ଲଢ଼େଇ ଜାରି ରଖିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଧାୟକ ଶ୍ରୀ ବାହିନୀପତି ଉପସ୍ଥିତ ସମସ୍ତ ନେତା ଓ କର୍ମୀଙ୍କୁ ଧନ୍ୟବାଦ ଜଣାଇବା ସହ ଲୋକଙ୍କ ଅଧିକାର, ବିକାଶ ଓ ଜନକଲ୍ୟାଣ ପାଇଁ କଂଗ୍ରେସ ଦଳ ସର୍ବଦା ସଂଘର୍ଷ ଜାରି ରଖିବ ବୋଲି ମତ ପ୍ରକାଶ କରିଥିଲେ। ଆଜିର କଂଗ୍ରେସର ସାଂଗଠନିକ ବୈଠକରେ ବ୍ଲକ କଂଗ୍ରେସ ସଭାପତି ଅଶୋକ କୁମାର ଗନ୍ତାୟତ, ଯୁବ କଂଗ୍ରେସର ବିଜୟ ନାରାୟଣ ସାହୁ, ଭାନୁ ଦୋରା, ଶରଦ ରଥ, ବିଟୁ ପଣ୍ଡା, କେ.ସୁଧାକର, ଦାସ ଭତ୍ରା, ତପନ ଦାସ, ମନୁ ପଟ୍ଟନାୟକ, ବି ପ୍ରସାଦ ଦୋରା, ଲାଣ୍ଡୁ ବେଗରାୟଙ୍କ ସହ ପୁରୁଣା ବୋରିଗୁମ୍ମା ଓ ଆଖପାଖ ଅଞ୍ଚଳରୁ ପାଞ୍ଚ ଶହରୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ବାର୍ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ମୃତ, ୬ ଗିରଫ

ଖପ୍ରାଖୋଲ, (ସବ୍ୟୁ): ଖପ୍ରାଖୋଲ ଥାନା ନାନ୍ଦୁପଲା ପଞ୍ଚାୟତ କୁଠୁର୍ଲା ଗାଁ ରେ ବାରାହ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଖପ୍ରାଖୋଲ ଥାନା ରେ ଶୁକ୍ରବାର ଅଭିଯୋଗ ହୋଇଛି। ଏହି ଘଟଣାରେରେ ସଂପୃକ୍ତ ଜଣେ ନାବାଳକ ସହ ଛଅ ଜଣକୁ ପୋଲିସ ଗିରଫ କରିଥିବା ସୂଚନା ଦେଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ କୁଠୁର୍ଲା ଗାଁ ର ରାଜେଶ ଭୁଏ(୩୫), ଦୟା ଭୁଏ(୩୨), ଡିଲେଶ୍ୱର ଭୁଏ(୨୮), କୃଷ୍ଣ ଭୁଏ(୩୦), ଦୀନବନ୍ଧୁ ବରିହା (୧୯) ସହିତ ଜଣେ ନାବାଳକ (୧୭) କୁ ପୋଲିସ୍ ଗିରଫ କରିଥିବା ବେଳେ ମୃତ ବ୍ୟକ୍ତି ଜଣକ ହେଲେ ସେହି ଗାଁ ର ଗଦାଧର ମଲ୍ଲିକ (୩୩) ବୋଲି ପୋଲିସ ସୂଚନା ଦେଇଛି। ଅଭିଯୋଗ ଅନୁସାରେ ଗୁରୁବାର ରାତି ପ୍ରାୟ ୯ଟାରେ ମୃତ ଗଦାଧର ଗାଁ ପାଖ ନାଳ କୁ ମାଛ ଧରିବା କୁ ଯାଇଥିବା ବେଳେ ଅଭିଯୁକ୍ତ ମାନେ ବାରାହା ଶିକାର ପାଇଁ ନାଳ ପାଖାରେ ବିଛାଇ ଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପୋଡ଼ି ଯାଇ ପଡିଯାଇ ମୃତ୍ୟୁବରଣ କରିଥିଲେ। ଏହା ଦେଖି ଅଭିଯୁକ୍ତ ମାନେ ମୃତ ଦେହକୁ ଲୁଚାଇବାକୁ ଯାଇ ଘଟଣା ସ୍ଥଳ ରୁ ୨କିମି ଦୂରରେ ଏକ ମାଟି ନାଳ ରେ ମୃତ ଦେହ କୁ ପୋତି ଦେଇଥିଲେ। ଗଦାଧର ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ଯଶୋଦା ଭୁଏ ଖପ୍ରାଖୋଲ ଥାନାରେ ଶୁକ୍ରବାର ସକାଳେ ଅଭିଯୋଗ କରିଥିଲେ। ଏନେଇ ଖପ୍ରାଖୋଲ ଥାନା କେସ ନମ୍ବର ୧୧୬/୨୬ ରେ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଘଟଣାର ତଦନ୍ତ ପରେ ଘଟଣା ସ୍ଥଳ କୁ ଯାଇ ମୃତ ଦେହ ଉଦ୍ଧାର ସହିତ ଅଭିଯୁକ୍ତ ମାନଙ୍କୁ ଗିରଫ କରି ଶୁକ୍ରବାର ସନ୍ଧ୍ୟା ରେ କୋର୍ଟ ଚାଲାଣ କରାଯାଇଛି ବୋଲି ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର ସୂଚନା ଦେଇଛନ୍ତି। ସେହି ପରି ମୃତ ଦେହକୁ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି। ମୃତ ବ୍ୟକ୍ତି ଜଣକ ବିବାହିତ ହୋଇଥିବା ବେଳେ ତିନି ବର୍ଷର ଏକ ଝିଅ ଥିବା ଜଣାଯାଇଛି। ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ପାଟଣାଗଡ଼ ଆସିଷ୍ଟାଣ୍ଟ କଲେକ୍ଟର ହଳଧର ନିଆଲ ଉପସ୍ଥିତ ଥିଲେ।

# ଚୋରି ମାମଲାରେ ରୋଷେୟା ଗିରଫ, ୪ଲକ୍ଷ ଟଙ୍କା ଜବତ



ସମ୍ବଲପୁର, (ସବ୍ୟୁ): ବୁର୍ଲା ଥାନା ଅନ୍ତର୍ଗତ ସୌରଭ ବିହାର ଅଞ୍ଚଳର ଏକ ଚୋରି ମାମଲାରେ ପୋଲିସ ତେଲୁଗୁପଡ଼ାର ଚନ୍ଦ୍ରଶେଖର ବେହେରା(୪୯) ନାମକ ଜଣେ ରୋଷେୟାକୁ ଗିରଫ କରିଛି। ଏଥିସହ ଚୋରି ହୋଇଥିବା ୪ ଲକ୍ଷ ଟଙ୍କାକୁ ମଧ୍ୟ ତାଙ୍କ ନିକଟରୁ ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ଜୁନ୍ ୧୧ ତାରିଖ ରାତିରେ ବୁର୍ଲା ସୌରଭ ବିହାର ଅଞ୍ଚଳର ଶାଶ୍ୱତ ଶେଖର ଷଡ଼ଙ୍ଗୀ ନାମକ ଜଣେ ବ୍ୟକ୍ତି ତାଙ୍କ ଘରର ଶୟନକକ୍ଷରୁ ନଗଦ ୪ ଲକ୍ଷ ଟଙ୍କା ଚୋରି ହୋଇଥିବା ନେଇ ବୁର୍ଲା ଥାନାରେ ଅଭିଯୋଗ କରିଥିଲେ। ତେବେ ତାଙ୍କ ଘରେ ରୋଷେୟା ଭାବେ କାର୍ଯ୍ୟ କରୁଥିବା ଚନ୍ଦ୍ରଶେଖର ବେହେରା ଏବଂ ଗୃହ ପରିଚାରିକାଙ୍କ ଉପରେ ସନ୍ଦେହ କରୁଥିବା ଏତଲାରେ ଦର୍ଶାଇଥିଲେ। ଏତଲାକୁ ଆଧାର କରି ବୁର୍ଲା ଥାନା ପୋଲିସ ୨୬୮/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ବିଭିନ୍ନ ବୈଷୟିକ ପଦ୍ଧତି ଅବଲମ୍ବନ ପୂର୍ବକ ତଦନ୍ତ କରି ପୋଲିସ ସନ୍ଦେହରେ ଅଭିଯୁଛ ରୋଷେୟା ଚନ୍ଦ୍ରଶେଖରଙ୍କୁ ପ୍ରଥମେ ଥାନାକୁ ଆଣି ପଚରାଉଚରା କରିଥିଲା । ଜେରା ବେଳେ ଅଭିଯୁକ୍ତ ନିଜର ଦୋଷ ସ୍ୱୀକାର କରିଥିଲା । ଏହାପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସିଟି ଷ୍ଟେସନରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡ଼ିଆରଏମ ସୁବାଷ ଚନ୍ଦ୍ର ଚୌଧରୀ ଯୋଗ ଦେଇ ଅଧିକାରୀ ଓ କର୍ମଚାରୀମାନଙ୍କୁ ପରିବେଶ ସୁରକ୍ଷା ଶପଥ ପାଠ କରାଇଥିଲେ। ତେବେ ରେଳ ମଣ୍ଡଳ ପକ୍ଷରୁ ପରିବେଶଗତ ଦାୟିତ୍ୱବୋଧ ଜାଗ୍ରତ କରିବା ପାଇଁ ଗତ ମେ୧୫ ରୁ ଜୁନ ୫ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ସଚେତନତା ଓ ପରିବେଶ ସଂରକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅଭିଯାନ ସମୟରେ ବିଭିନ୍ନ ସ୍ଥାନରେ ଚାରାରୋପଣ କାର୍ଯ୍ୟକ୍ରମ, ରେଳ ଷ୍ଟେସନଓ କଲୋନୀରେ ସ୍ୱଚ୍ଛତା ଅଭିଯାନ ଏବଂ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜନସାଧାରଣଙ୍କ ମଧ୍ୟରେ ସଚେତନତା ପ୍ରସାର ପାଇଁ ସ୍ଥାନୀୟ ରେଳ ନଗରରେ ଏକ ପ୍ରଭାତ ଫେରି, ପଥପ୍ରାନ୍ତ ନାଟକ ମଞ୍ଚସ୍ଥ , କଲୋନୀ, କାର୍ଯ୍ୟାଳୟ ଓ ଷ୍ଟେସନଗୁଡ଼ିକରେ ପରିବେଶ ସଂରକ୍ଷଣ ଏବଂ ସ୍ଥାୟୀ ଜୀବନଶୈଳୀ ସମ୍ବନ୍ଧୀୟ ବାର୍ତ୍ତା ସମ୍ବଳିତ ସଚେତନତା ବ୍ୟାନର ଆଦି ପ୍ରଦର୍ଶିତ ହୋଇଥିଲା।

# କଲମପୁର ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ସମର କ୍ୟାମ୍ପ

କଲମପୁର, (ସବ୍ୟୁ): ବର୍ତ୍ତମାନ ଏଇ ଆଧୁନିକ କୌଶଳ ଦୁନିଆର ସାଧନ ଗୋଟିଏ ପଟେ ଭଲ ହେଉଥିବାବେଳେ ଅନ୍ୟପଟେ ଖରାପ ମଧ୍ୟ ହେଇ ଚାଲିଛି। ମୋବାଇଲ ଟିଭି ଭଳି ଅନେକ ସାଧନ ଯାହା ପିଲାଙ୍କୁ ଏକ ଅନ୍ୟ ଦିଶାକୁ ନେଇ ଚାଲିଛି। ଏଭଳି ସ୍ଥିତିରେ ଗ୍ରୀଷ୍ମ ଛୁଟି ଅବସରରେ ଛାତ୍ରଛାତ୍ରୀଙ୍କ ଜୀବନ ଶୈଳୀରେ ସକାରାତ୍ମକ ଶୋଚ ବିଚାର ଆଣିବା ଉଦ୍ଦେଶ୍ୟ ନେଇ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କଲମପୁର ଶାଖା ଠାରେ ନିଃଶୁଳ୍କ ସମର କ୍ୟାମ୍ପ ଆୟୋଜନ କରାଯାଇଛି। ଶିକ୍ଷୟତ୍ରୀ ରୋଜି ଭଉଣୀ ଏହାର ପରିଚାଳନା କରି ଖରା ଛୁଟି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ସାଧନକୁ ସାଧନାରେ ବ୍ୟବହାର କରିବା, ଜୀବନରେ ଶ୍ରେଷ୍ଠ ଚରିତ୍ର ନିର୍ମାଣ କରିବାକୁ ହେଲେ ନିଜକୁ ସକାରାତ୍ମକ ବିଚାର ଧାରା ଅନୁସାରେ ଗଢ଼ିବାକୁ ହେବ। ଏନେଇ ବିଭିନ୍ନ ଖେଳ କୁଦ ନାଚ ଗୀତ ସହ ଶିକ୍ଷା ଦ୍ୱାରା ବହୁ ସଂଖ୍ୟାରେ ଅଂଶ ଗ୍ରହଣ କରିଥିବା ପିଲା ମାନଙ୍କୁ ଆକୃଷ୍ଟ କରାଯାଉଛି। ତେବେ ଏହା ଏକ ଉତ୍ତମ ପଦକ୍ଷେପ ବୋଲି ଅଭିଭାବକ ମହଲରେ ସାଧୁବାଦ ଦେଉଛନ୍ତି। ଏହି ଶିବିର ୩ ଦିନ ବ୍ୟାପୀ କରାଯିବାର ବ୍ୟବସ୍ଥା କରାଯାଇଛି। ବ୍ରହ୍ମାକୁମାରୀ ସଂଘମିତ୍ରା (ଟିକି) ଏଥିରେ ଯୋଗଦେଇ ଈଶ୍ୱରୀୟ ମାର୍ଗ ଅନୁସରଣ କରି ଚାଲିଲେ ନିଜର ଉନ୍ନତି ତଥା ପରିବାର, ସମାଜ, ସହିତ ସମଗ୍ର ବିଶ୍ୱରେ ଏକ ଉଦାହରଣ ସୃଷ୍ଟି କରିପାରିବ ବୋଲି ଶିକ୍ଷା ପ୍ରଦାନ କରିଛନ୍ତି ।

# ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା, ସାଢେ ୬ ହଜାର କଳାକାରଙ୍କ ମହାକୁମ୍ଭ




ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାକୁ ପୂର୍ବାପେକ୍ଷା ଅଧିକ ଆକର୍ଷଣୀୟ କରାଯିବ। ରାଜ୍ୟ ତଥା ରାଜ୍ୟ ବାହାର କଳାକାରଙ୍କ ମହାକୁମ୍ଭ ଦେଖିବାକୁ ମିଳିବ । ମୋଟ ସାଢେ ୬ହଜାର କଳାକାର ସାମିଲ ହେବେ । ୨କୋଟି୧୫ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଏହା ବହୁ ପୁରାତନ ଯାତ୍ରା ଅଟେ । ସମ୍ବଲପୁରର ଭାବାବେଗ ସହ ଜଡିତ ରହିଛି । ଶୁକ୍ରବାର ହୋଟେଲ ରିଭର ଇନ୍ ଠାରେ ଶୁକ୍ରବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଶୀତଳଷଷ୍ଠୀ ଯାତ୍ରା ମିଳିତ କ୍ରିୟାନୁଷ୍ଠାନ କମିଟିର ସଭାପତି ସମୀର ବାବୁ ଏହା କହିଛନ୍ତି। ସେ ଆହୁରି କହିଥିଲେ ଯେ, ଚଳିତ ବର୍ଷର ଶୀତଳଷଷ୍ଠୀ ଯାତ୍ରା ଆହୁରି ଭବ୍ୟତାର ସହିତ ଆୟୋଜିତ ହେବ । ଏହା ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ପ୍ରୟାସ କରାଯିବ । ଚଳିତ ବର୍ଷ ଯାତ୍ରାରେ ବିଶେଷ କରି ସାଂସ୍କୃତିକ ଝଲକ ଉପରେ ଗୁରୁତ୍ୱ ଦିଆଯାଇଛି । ବିଭିନ୍ନ ପଡ଼ାର ଲୋକ କଳାକାରମାନଙ୍କୁ ଏକାଠି କରି ଏହି ଯାତ୍ରା ମାଧ୍ୟମରେ ବିଲୁପ୍ତ ପ୍ରାୟ ପାରମ୍ପରିକ କଳା ସଂସ୍କୃତିର ପୁନରୁଦ୍ଧାରପାଇଁ ଏକ ଅଭିନବ ପ୍ରୟାସ କରାଯାଇଛି । ଯେଉଁ କଳା ଲୁପ୍ତପ୍ରାୟ ହେବାକୁ ବସିଛି ସେହିଭଳି କଳାକାରମାନଙ୍କୁ ଶୀତଳଷଷ୍ଠୀ ଯାତ୍ରା ମାଧ୍ୟମରେ ନିଜର କଳା ପ୍ରଦର୍ଶନ କରିବା ପାଇଁ ଏକ ବଡ଼ ମଞ୍ଚ ଯୋଗାଇ ଦେବାକୁ ଉଦ୍ୟମ କରାଯାଉଛି। ମିଳିତ କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକାରୀ ସଭାପତି ଅମୂଲ୍ୟ କୁମାର ମିଶ୍ରଙ୍କ ଚଳିତବର୍ଷ ଶୀତଳଷଷ୍ଠୀ ଯାତ୍ରାର ପ୍ରସ୍ତୁତି ସମ୍ପର୍କରେ ଆଲୋକପାତ କରିଥିଲେ।

ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟିର ସଭାପତି ଫଣି ଭୂଷଣ ମିଶ୍ର କହିଥିଲେ ଯେ, ଚାରି ଶହ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ଏହି ଯାତ୍ରାରେ ବଂ ବଂ ବରାଡ଼ ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀଙ୍କ ଦେବ ବିବାହ ଉତ୍ସବ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଚଳିତ ବର୍ଷର କାର୍ଯ୍ୟସୂଚୀ ଅନୁଯାୟୀ ଜୁନ୍ ୧୪ ରେ ପତ୍ରପେଣ୍ଡି, ଜୁନ୍ ୧୫ ରେ ନୃସିଂହ ନିଉତା, ଜୁନ୍ ୧୭ ରେ ସାକ୍ଷୀଗୋପୀନାଥଙ୍କ ଆଗମନ, ଜୁନ୍ ୧୮ ରେ ବରଯାତ୍ରା ଓ ଦେବ ବିବାହ, ଜୁନ୍ ୧୯ ରେ ନଗର ପରିକ୍ରମା ଓ ମୁଖ୍ୟ ଶୋଭାଯାତ୍ରା ଏବଂ ଜୁନ୍ ୨୦ ରେ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ରହିଛି । ଚଳିତବର୍ଷ ମହାମଙ୍ଗଳ ଆଳତୀ, କିସାନ ଭଗତ ଓ କାୟରା ଡିଜେ ମୁଖ୍ୟ ଆକର୍ଷଣ ପାଲଟିବ । ଶୋଭାଯାତ୍ରାରେ ଦୁଲଦୁଲି, ସମ୍ବଲପୁର ଡମ୍ବରୁ, ଘଣ୍ଟ ସମେତ ଆନ୍ଧ୍ରପ୍ରଦେଶର କାନ୍ତାରା, କେରଳର ବେଣ୍ଡ ଓ ପପେଟ୍, ହରିୟାଣାର ଅଘୋରୀ, ଖଡଗପୁରର ବାଘନୃତ୍ୟ ଓ ଡାପୁ, ପଞ୍ଜାବର ଆଖଡ଼ା , ଘୁମରା, ଶବର ନୃତ୍ୟ, ମୟୂରଝାଞ୍ଜି, ଧମାଲ ନୃତ୍ୟ, ପୁରଲିଆ ଛଉ ସହ କୋଲକାତା, ମୁମ୍ବାଇ, ଗୁଆହାଟୀ, ଆସାମ, ନାଗପୁରର ଆଧୁନିକ ନୃତ୍ୟ ଓ ଓଡ଼ିଶୀ ନୃତ୍ୟ ଭଳି ପ୍ରାୟ ୨୪ଟି ସାଂସ୍କୃତିକ ଦଳରେ ପ୍ରାୟ ୨ହଜାର କଳାକାର ସାମିଲ ହେବେ । ଏଥିସହ ପରିବେଶ ସଚେତନତା, ନଟରାଜ, ସମ୍ଭାଜୀ ମହାରାଜ ଓ ଇଣ୍ଡିଆନ ଡିଫେନ୍ସ ଭଳି ପ୍ରଜ୍ଞାପନ ମେଢ଼ ସ୍ଥାନ ପାଇବ । ଚଳିତ ବର୍ଷ ମାତା ପାର୍ବତୀଙ୍କ ମାତାପିତା ଭାବେ ମାଝୀପାଲିର ପ୍ରଦୀପ ମିଶ୍ର ଓ ତାଙ୍କ ଧର୍ମପତ୍ନୀ ବୀଣାପାଣି ମିଶ୍ର ଏବଂ ବାବା ବାଲୁଙ୍କେଶ୍ୱରଙ୍କ ମାତାପିତା ଭାବେ ନନ୍ଦପଡ଼ାର ରାମଚନ୍ଦ୍ର ମିଶ୍ର ଓ ତାଙ୍କ ଧର୍ମପତ୍ନୀ ବନିତା ମିଶ୍ର ଦାୟିତ୍ୱ ନିର୍ବାହ କରିବେ।

ଝାଡୁଆପଡ଼ା ଆରଣ୍ୟକ କମିଟିର ସଭାପତି ସରୋଜ କୁମାର ଦଲପତ କମିଟିର ଆୟୋଜନ ଓ ବିଶେଷତା ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ଚଳିତ ବର୍ଷର ଶ୍ରୀ ଶ୍ରୀ ଲୋକନାଥ ବାବାଙ୍କ ଭବ୍ୟ ଶୀତଳଷଷ୍ଠୀ ଯାତ୍ରା ପାଇଁ ୭୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଏଥିରେ ମୋଟ ୨୫୦୦ କଳାକାର ଭାଗ ନେବେ । ଶୋଭାଯାତ୍ରାରେ ବିଭିନ୍ନ ଅଞ୍ଚଳର ଦୁଲଦୁଲି, ସମ୍ବଲପୁର, କଳାହାଣ୍ଡିର ଆଦିବାସୀ ନାଚ, ରାୟଗଡ଼ାର କୋରବା ଡ୍ୟାନ୍ସ, କୋରାପୁଟର ଅବତାର ଡ୍ୟାନ୍ସ, ଭଞ୍ଜନଗରର ବାଘନାଚ ଓ ମୁଖାନାଚ, ପୁରୀର ପଞ୍ଚମୁଖୀ ହନୁମାନ ଓ ନୃସିଂହ ମେଢ଼ ନାଚ, ହିମଗିରିର କରମା ନାଚ, ସମ୍ବଲପୁରର ଧମାଲ, ମଲମୁଣ୍ଡା, ବରପାଲି ଓ ଭିଁଏସା ଅଞ୍ଚଳର ଘଣ୍ଟ ବାଦକ ସାମିଲ ହେବେ । ବିବାହ ଶୋଭାଯାତ୍ରାରେ ଛତିଶଗଡ଼ର ଝାଞ୍ଜି ଡ୍ୟାନ୍ସ, ଆଞ୍ଚଲ ଆଦିବାସୀ ଡ୍ୟାନ୍ସ, ବାଦୀ ଡ୍ୟାନ୍ସ ଓ ମୟୂର ଝାଲ ଡ୍ୟାନ୍ସ ବିଶେଷ ଆକର୍ଷଣ ସାଜିବେ । ଏହା ବ୍ୟତୀତ ଭୋପାଳର ବାବା ବାଟେଶ୍ୱର କୀର୍ତ୍ତନ ସମିତି, ପ୍ରୟାଗରାଜର ମନମୌଜୀ ଗ୍ରୁପ୍ ଏବଂ ତେଲେଙ୍ଗାନାର ଓଗି ଡଲୁ ଗ୍ରୁପ୍ ଅନ୍ୟତମ ମୁଖ୍ୟ ଆକର୍ଷଣ ସାଜିବେ । ପ୍ରଜ୍ଞାପନ ମେଢ଼ରେ ବିଗ୍ ପୁତନା ବଧ, ନୃସିଂହ, ମହାକାଳ ଓ ବିଭିନ୍ନ କାର୍ଟୁନ ଚରିତ୍ର ପ୍ରଦର୍ଶିତ ହେବ । ସେହିପରି ଶ୍ରୀ ରାଧାକୃଷ୍ଣ ମେଢ଼, ହନୁମାନ ମେଢ଼ ଏବଂ ଶିବ ପାର୍ବତୀଙ୍କ ରୂପା ପରଭା ମୁଖ୍ୟ ମେଢ଼ ଶ୍ରେଣୀରେ ରହିବ । ଚଳିତ ବର୍ଷ କନ୍ୟା ମାତାପିତା ଭାବେ ସମ୍ବଲପୁରର ବୁଢ଼ାରଜାର ଜୟବିଜୟ ବେଦି ଓ ତାଙ୍କ ଧର୍ମପତ୍ନୀ ପୁନମ ବେଦି ଦାୟିତ୍ୱ ନିର୍ବାହ କରିବେ । ଅମରନାଥ ସୂପକାର ଓ ତାଙ୍କ ଧର୍ମପତ୍ନୀ ଅମୟ ସୂପକାର ବର ମାତାପିତା ଦାୟିତ୍ୱ ତୁଲାଇବେ। ମୁଦିପଡ଼ା ଯାତ୍ରା କମିଟି ସଭାପତି ସୁନୀଲ କୁମର ଦାଶ ଯୋଗ ଦେଇ ଯାତ୍ରା ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ଚଳିତ ବର୍ଷ ଶ୍ରୀ ଶ୍ରୀ ଜାଗେଶ୍ୱର ବାବାଙ୍କ ବିବାହ ମହୋତ୍ସବ ପାଇଁ ଆନୁମାନିକ ବଜେଟ୍ ପ୍ରାୟ ୫୦ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି । ମୁଖ୍ୟ ଶୋଭାଯାତ୍ରାରେ ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨ ହଜାର କଳାକାର ନିଜର କଳା ଓ ସଂସ୍କୃତି ପ୍ରଦର୍ଶନ କରିବେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁଗୋଳ ଓ ହୀରାକୁଦର ଘଣ୍ଟ ପାର୍ଟି, ଲୋଇସିଂହା ଓ ପଦ୍ମପୁରର ଦୁଲଦୁଲି ବାଜା, ପୁରୀର ଦୁର୍ଗା ନାଚ, ଢେଙ୍କାନାଳର ଧମାଲ ଡ୍ରମ ପାର୍ଟି, ମଧ୍ୟପ୍ରଦେଶ ସାଗରର ଡମ୍ବରୁ, ମାଲକାନଗିରିର କୋୟା ନୃତ୍ୟ, ଗଞ୍ଜାମର ଯୋଡ଼ି ଶଙ୍ଖ, ପଶ୍ଚିମବଙ୍ଗ ଶିଲିଗୁଡ଼ିର ମହିଳା ଡ୍ରମ ପାର୍ଟି, ପଦ୍ମପୁରର ଗୌଡ଼ବାଡ଼ି, ସୁନ୍ଦରଗଡ଼ର କଲସୀ ନୃତ୍ୟ ଭଳି ପାରମ୍ପରିକ ଓ ଲୋକନୃତ୍ୟ ସ୍ଥାନ ପାଇଛି । ଏହାସହ ରାଜସ୍ଥାନୀ ଓ ସମ୍ବଲପୁରୀ ନୃତ୍ୟ ତଥା କଲିକତା, ବିଲାସପୁର, ଜବଲପୁର ଓ ନାଗପୁରର ଆଲବମ୍ ନୃତ୍ୟ ପରିବେଷଣ କରାଯିବ । ମୁଖ୍ୟ ମେଢ଼ ମଧ୍ୟରେ ମାତା ପାର୍ବତୀ ଓ ଶ୍ରୀ ଜାଗେଶ୍ୱର ବାବା ପୁଷ୍ପକ ରଥରେ, ହନୁମାନ ସୌର୍ଯ୍ୟ ରଥରେ ଏବଂ ରାମ ସୀତା ଗରୁଡ଼ ରଥରେ ନଗର ପ୍ରରିକ୍ରମା କରି ଭକ୍ତଙ୍କୁ ଦର୍ଶନ ଦେବେ । ସେହିପରି ପ୍ରଜ୍ଞାପନ ମେଢ଼ରେ ପରିବେଶ ସଚେତନତା ଧର୍ମୀ ସେଭ୍ ଟ୍ରି', ଯମରାଜ, ଯୁଦ୍ଧ ଏବଂ ପିଙ୍କ ପଙ୍କ, ଗରିଲା ଓ ଠେକୁଆ ଆଦି କାର୍ଟୁନ ଚରିତ୍ର ରହିବ । ଚଳିତ ବର୍ଷ ବରପିତା ଭାବେ ମଧୁସୂଦନ ନେଗୀ ଏବଂ କନ୍ୟା ମାତାପିତା ଭାବେ କୁମ୍ଭାରପଡ଼ାର ବ୍ରିକେଶ ସୋନି ଓ ତାଙ୍କ ଧର୍ମପତ୍ନୀ ସୁମିତ୍ରା ସୋନି ଦାୟିତ୍ୱ ତୁଲାଇବେ। ଶେଷରେ ଗଣମାଧ୍ୟମ ସଂଯୋଜକ ଅଭିଷେକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୧୪ରେ ସର୍ବଭାରତୀୟ କବି ସମ୍ମିଳନୀ




ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଅମୀର ଖୁସ୍ରୋ ଫାଉଣ୍ଡେସନ ପକ୍ଷରୁ ଆସନ୍ତା୧୪ ତାରିଖରେ ସର୍ବଭାରତୀୟ କବି ସମ୍ମିଳନୀ ଆୟୋଜିତ ହେଉଛି। ଏଥିରେ ଉର୍ଦ୍ଦୁ, ହିନ୍ଦୀ ଓ ସମ୍ବଲପୁରୀ ଭାଷାର କବି ମାନେ ସାମିଲ ହେବେ। ଏଥିସହ ବିଭିନ୍ନ ଭାଷାର ବିଶିଷ୍ଟ କବି ମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଆୟୋଜିତ ଗଣମାଧ୍ୟମ ସମ୍ମିଳନୀରେ ସମ୍ପାଦକ ପରବେଜ ଅଲ୍ଲୀ ଏହି ସୂଚନା ଦେଇଥିଲେ। ସେ ଆହୁରି କହିଥିଲେ ଯେ, ଗତବର୍ଷ ସର୍ବ ଭାରତୀୟ ମୁଶାୟେରା ଆୟୋଜନ କରାଯାଇଥିଲା। ଚଳିତବର୍ଷ ବିଶେଷ ଭାବେ କବିତା ମାଧ୍ୟମରେ ଭାଷାର ପ୍ରଚାର ପ୍ରସାର ଆହୁରି ବ୍ୟାପକ କରିବା ପାଇଁ ଉଦ୍ୟମ କରାଯାଉଛି। ରାଉରକେଲା ର ଡ଼. କ୍ରିଷ୍ଣା କୁମାର ପ୍ରଜାପତି , ଝାରସୁଗୁଡାର ମଇନୁଦ୍ଦିନ ଜଖମୀ , ସମ୍ବଲପୁରର ଅଲତାଫ ହୁସେନ ହସରତ ,ଅନୁଗୁଳର ଦିନେଶ କୁମାର ମାଲି ଓ ବରଗଡ଼ ଜିଲ୍ଲାର ଉତ୍ପନ୍ନ ଭୋଇଙ୍କୁ ସମ୍ମାନିତ କରାଯିବ। ସଭାପତି ନାସିର ଫରାଜ କହିଲେ ଯେ, ସାରା ଭାରତରୁ କବି ମାନଙ୍କୁ ଆମନ୍ତ୍ରଣ କରାଯାଇଥିବା ବେଳେ ବିଶିଷ୍ଟ ଉର୍ଦ୍ଦୁ କବି ତଥା ଚଳଚିତ୍ର ନିର୍ଦ୍ଦେଶକ ଲକ୍ଷ୍ନୌର ଜଲାଲ ସିଦ୍ଦିକୀ ବିଶିଷ୍ଟ ଅତିଥି ଭାବେ ଯୋଗ ଦେବେ । ଏଥିସହ ମୁମ୍ବାଇର ହୁକୁମ ଚନ୍ଦ କୋଠରୀ, ବୁରହାନପୁରର ଡ଼. ଜଲ୍ଲୀଉଲ ରେହେମାନ, ଅମରାବତିର ଡ଼. ଜାହିର ନୟର, ଆଜମଗଡ଼ର ମୈକଶ ଆଜମି, ରାଜଗାଙ୍ଗପୁରର ଅଫଜାଲ ବେଦାର, ଫୈଜାବାଦର ଜମସେଦ ଫୈଜାବାଦୀ, ସମ୍ବଲପୁରର ମୁମତାଜ ସୋଉର, ଭୁବନେଶ୍ୱରର ବିକ୍ରମ ଆଦିତ୍ୟ ସିଂ, ଦେଓ୍ୱାସର ଚାନ୍ଦ ସୋନୀ, ରାୟପୁରର ଅରୁଣା ଚୌହାନ, ଚରଖାରିର ଶବାନା ଶଓ୍ୱା ଓ ଝାରସୁଗୁଡାର ଅଜୟ ଆଲାମଙ୍କ ସହ ସମ୍ବର୍ଦ୍ଧିତ କବି ମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକ୍ରମ ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ତ୍ରିଲୋଚନ ତ୍ରିପାଠୀ ଓ ଆଇନ ପରାମର୍ଶଦାତା ଜୟକୃଷ୍ଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ସୁପାରିଶ ପାଇଁ ଲୋଇସିଂହା ବିଧାୟକଙ୍କୁ ଦାବିପତ୍ର



ବଲାଙ୍ଗିର, (ସବ୍ୟୁ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ବର୍ତ୍ତମାନ ସାରା ରାଜ୍ୟରେ ଅନୁଦାନ ସମ୍ପର୍କରେ ଅଭିଯାନ ଆରମ୍ଭ କରିଛନ୍ତି। ଏହି କ୍ରମରେ ଗୁରୁବାରଦିନ ବଲାଙ୍ଗୀର ଜିଲ୍ଲା ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ସୁପାରିଶ ତଥା ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଲୋଇସିଂହା ବିଧାୟକ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୨୦୦୮ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ନୀତି ନିମିତ୍ତ ମୁଖ୍ୟମନ୍ତ୍ରୀଙ୍କୁ ସୁପାରିଶ ପାଇଁ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ମାନ୍ୟବର ବିଧାୟକ ତଥା କ୍ୟାବିନେଟ ମନ୍ତ୍ରୀ ସଂଘର ଦାବିକୁ ଶୁଣି ମୁଖ୍ୟମନ୍ତ୍ରୀଙ୍କୁ ସୁପାରିଶ ପାଇଁ ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବଲାଙ୍ଗୀର ଜିଲ୍ଲାର ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ରାଉତ, ପାଟଣାଗଡ଼ ଖଣ୍ଡ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାହୁ, ନରେଶ ପଟେଲ, ଠାକୁର ପ୍ରସାଦ ବରିହା ପ୍ରମୁଖ ଉପସ୍ଥିତ ଥିଲେ।

## ହାରିଗଲା ସାବିତ୍ରୀ, ମରିଗଲା ମାନବିକତା





ବଲାଙ୍ଗିର, (ସବ୍ୟୁ): ବାର ବର୍ଷ ତଳେ ଭିନ୍ନ ଜାତିରେ ପ୍ରେମ ବିବାହ କରିଥିଲେ ଯାହାଫଳରେ ଜାତି ଓ ପରିବାରରୁ ବାସନ୍ଦ ହେଲେ ପେଟ ପାଇଁ ଦାଦନ ଖଟିବାକୁ ଗଲେ ସ୍ୱାମୀ -ସ୍ତ୍ରୀ । କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ଆର ପାରିକୁ ଚାଲିଗଲେ ସ୍ୱାମୀ। କିନ୍ତୁ ମୃତ୍ୟ ପରେ ବି ଅଛୁଆଁ ହୋଇଗଲା। ଶବ । ଦେବଦୁତ ସାଜିଲେ ସ୍ୱେଚ୍ଛାସେବୀ ।ମଶାଣିର କୋଣରେ ବସି କାନ୍ଦୁଛି ସ୍ତ୍ରୀ।ତା ଆଖି ଆଗରେ ଜଳିପୋଡି ପାଉଁଶ ହୋଇଯାଉଛି ମନର ମଣିଷ । କୁନି ପୁଅକୁ କାଖରେ ଧରି, ସ୍ୱାମୀକୁ ଶେଷ ବିଦାୟ ଦେଉଛି ସ୍ତ୍ରୀ । ସାଙ୍ଗରେ ନାହାନ୍ତି ପରିବାର ପରିଜନ କି ବନ୍ଧୁବାନ୍ଧବ ।ଏ କରୁଣ ଦୃଶ୍ୟ ହେଉଛି ବଲାଙ୍ଗିର ବିଭୁତିପଡା ଶ୍ମଶାନର । ଏଭଳି ଦୃଶ୍ୟ ଦେଖି ବୁଝୁ ବୁଝୁ ଜଣାପଡିଲା ପୁରା ଘଟଣା ଗତ ବାର ବର୍ଷ ତଳେ ପୁରା ପରିବାର ସହିତ ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକ ନୁନହାଡ଼ ଗାଁର ବିରେନ ଧରୁଆ ଏବଂ ନୁଆପ ଜିଲ୍ଲାର ରଶ୍ମିତା ରଣା ଆନ୍ଧ୍ରପ୍ରଦେଶକୁ ଦାଦନ ଖଟିବାକୁ ଯାଇଥିଲେ। ଇଟାଭାଟିରେ ଇଟା ଗଢୁ ଗଢୁ, ବିରେନ ଓ ରଶ୍ମିତାଙ୍କ ଭିତରେ ଗଢି ଉଠିଥିଲା ପ୍ରେମ ସମ୍ପର୍କ । କିନ୍ତୁ ବାଧକ ସାଜିଥିଲା ଜାତି । କିନ୍ତୁ ଜାତିକୁ ଖାତିର ନକରି, ଉଭୟ ମନ୍ଦିରକୁ ଯାଇ ବାହା ହୋଇଗଲେ । ଉଭୟଙ୍କ ପରିବାର ଜାତି ସମାଜ ଆଗରେ ଜାତି ହୋଇ ଶୁଦ୍ଧ ହେଲେ ପରିବାର ଓ ଜାତି ସମାଜ ଠାରୁ ବାସନ୍ଦ ହୋଇଗଲେ ରଶ୍ମିତା ଓ ବିରେନ ତେଣୁ ପ୍ରତିବର୍ଷ ଦାଦନ ଖଟିବାକୁ ଯାଇ ପରିବାର ପରିପୋଷଣ କରୁଥିଲେ । ଗତ ବର୍ଷେ ତଳେ ବିରେନ କିଡ଼ନୀ ରୋଗରେ ଆକ୍ରାନ୍ତ ହେଲେ ।କିନ୍ତୁ କିଛି ଦିନ ତଳେ ବାହାର ରାଜ୍ୟରେ ଗୁରୁତର ହେଲେ ବିରେନ। ରଶ୍ମିତା ପ୍ରଥମେ ସ୍ୱାମୀକୁ ଘରକୁ ପଠାଇବା ସହିତ ନିଜେ ମଧ୍ୟ ଲୁଚି ଲୁଚି ଚାଲିଆସିଲେ । ମୋବାଇଲକୁ ଗହଣା କରି, ଗୁରୁବାର ବିଳମ୍ବିତ ରାତିରେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ସ୍ୱାମୀଙ୍କୁ ଆଣିଥିଲେ ରଶ୍ମିତା କିନ୍ତୁ ଡାକ୍ତର ସ୍ୱାମୀଙ୍କୁ ମୃତ ଘୋଷଣା କଲେ । ସ୍ୱାମୀର ମୃତ୍ୟୁ ପରେ ଅଛୁଆଁ ହୋଇଥିଲା ଶବ ଶବ ନେବା ପାଇଁ ମନକଲେ ପରିବାର ଲୋକ ରଶ୍ମିତାଙ୍କୁ ଶ୍ୱଶୁର କହିଲେ, ଶବକୁ ଜଙ୍ଗଲରେ ଫିଙ୍ଗି ଦେ ହସ୍ପିଟାଲରେ ପୋଷ୍ଟ ମୋର୍ଟମ ପରେ ଫାଣ୍ଡି ଅଧିକାରୀ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନକୁ ଖବର ଦେଇଥିଲେ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଆସି, ଫୋନ ଯୋଗେ ମୃତ ବିରେନଙ୍କ ପରିବାରକୁ ବୁଝାଇଥିଲେ ଏପରିକି ନୁନହାଡ଼ ସରପାଞ୍ଚଙ୍କୁ ମଧ୍ୟ ଯୋଗାଯୋଗ କରିଥିଲେ କିନ୍ତୁ ସମସ୍ତେ ଶବକୁ ଗାଁକୁ ଆଣିବାକୁ ବାରଣ କହିଥିଲେ ଫଳରେ ଦେବଦୁତ ସାଜିଥିଲେ ସ୍ୱେଚ୍ଛାସେବୀ ବଲାଙ୍ଗିର ଶ୍ମଶାନରେ ଶବ ସତ୍କାର କରିଥିଲେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ।

## ଉଠୁନି ଧାନ, ଚିନ୍ତାରେ ଚାଷୀ
## ଭୁକ୍ତା ମାର୍କେଟ ୟାର୍ଡରେ ପଡ଼ିରହିଛି
## ୧୫ ହଜାରରୁ ଉର୍ଦ୍ଧ୍ୱ ପକେଟ ଧାନ

ଅମ୍ବାଭୋନା, (ସବ୍ୟୁ): ବରଗଡ଼ ଜିଲ୍ଲାରେ ଚଳିତ ବର୍ଷ ଧାନ ସଂଗ୍ରହ ପାଇଁ ସରକାର ପକ୍ଷରୁ ଟାର୍ଗେଟ ନିର୍ଦ୍ଧାରଣ କରାଯାଇଥିଲେ ମଧ୍ୟ ଅନେକ ସ୍ଥାନରେ ଚାଷୀଙ୍କ ଧାନ ଏପର୍ଯ୍ୟନ୍ତ ଉଠାଯାଇ ନଥିବାରୁ ଅସନ୍ତୋଷ ଓ ଚିନ୍ତା ବଢ଼ିଛି। ଭୁକ୍ତା ମାର୍କେଟ ୟାର୍ଡରେ ୧୫ ହଜାରରୁ ଅଧିକ ପକେଟ ଧାନ ଖୋଲା ଆକାଶ ତଳେ ପଡ଼ିରହିଥିବା ବେଳେ ଚାଷୀମାନେ ଶୀଘ୍ର ଉଠାଣ ପାଇଁ ଦାବି କରିଛନ୍ତି।ମଣ୍ଡିରେ ଧାନ ବିକ୍ରି ପାଇଁ ପଞ୍ଜୀକୃତ ଚାଷୀମାନେ ଦୀର୍ଘଦିନ ଧରି ଅପେକ୍ଷା କରୁଥିଲେ ମଧ୍ୟ ସେମାନଙ୍କ ଧାନ ଉଠାଣରେ ବିଳମ୍ବ ହେଉଥିବା ଅଭିଯୋଗ କରିଛନ୍ତି।ବର୍ଷା ଋତୁ ଆରମ୍ଭ ହେବାକୁ ଥିବାରୁ ମଣ୍ଡିରେ ଗଚ୍ଛିତ ଧାନ ଭିଜି ନଷ୍ଟ ହେବାର ଆଶଙ୍କା ରହିଛି।ଅନ୍ୟପକ୍ଷରେ ନୂତନ ଚାଷ ଋତୁ ପାଇଁ ଆବଶ୍ୟକ ଅର୍ଥ ହାତକୁ ନ ଆସିବାରୁ ଚାଷୀମାନେ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି।ସୂଚନା ଅନୁଯାୟୀ, ଭୁକ୍ତା ପ୍ୟାକ୍ସରୁ କାବ୍ୟା ରାଇସ ମିଲ ପାଇଁ ୩୨୦୦ କୁଇଣ୍ଟାଲ ଏବଂ ଗୁରୁଜୀ ରାଇସ ମିଲ ପାଇଁ ୬୫୦ କୁଇଣ୍ଟାଲ ଟାର୍ଗେଟ ରହିଛି। ସେହିପରି କଣ୍ଡପଲା-ଭୁକ୍ତା ପ୍ୟାକ୍ସରୁ କାବ୍ୟା ରାଇସ ମିଲ ପାଇଁ ୨୭୦୦ କୁଇଣ୍ଟାଲ ଏବଂ ଗୁରୁଜୀ ରାଇସ ମିଲ ପାଇଁ ୪୦୦ କୁଇଣ୍ଟାଲ ଟାର୍ଗେଟ ଧାର୍ଯ୍ୟ କରାଯାଇଛି।ଏହାଛଡ଼ା କଣ୍ଡପଲା ପ୍ୟାକ୍ସରୁ କାବ୍ୟା ରାଇସ ମିଲ ପାଇଁ ୨୮୦୦ କୁଇଣ୍ଟାଲ ଓ ଗୁରୁଜୀ ରାଇସ ମିଲ ପାଇଁ ୧୩୦୦ କୁଇଣ୍ଟାଲ ଟାର୍ଗେଟ ରହିଛି।ତେବେ ଟାର୍ଗେଟ ଥିଲେ ସୁଦ୍ଧା ଧାନ ଉଠାଣ ନ ହେବାରୁ ଚାଷୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଭୁକ୍ତା ପ୍ୟାକ୍ସର ୫,୧୩୮ ପକେଟ ଓ କଣ୍ଡପଲା-ଭୁକ୍ତା ପ୍ୟାକ୍ସର ୯,୨୦୧ ପକେଟ ଧାନ ଭୁକ୍ତା ମାର୍କେଟ ୟାର୍ଡରେ ପଡ଼ିରହିଛି।ମିଲରମାନଙ୍କ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ଚାଷୀମାନେ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି।ଚାଷୀମାନଙ୍କ ଅଭିଯୋଗ ଅନୁସାରେ, ଛତିଶଗଡ଼ରୁ ବ୍ୟବସାୟୀଙ୍କ ମାଧ୍ୟମରେ ଧାନ ଗଚ୍ଛିତ ରଖାଯାଉଥିବା ବେଳେ ସ୍ଥାନୀୟ ଚାଷୀଙ୍କ ଧାନ ଉଠାଣରେ ଅବହେଳା କରାଯାଉଛି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବଢ଼ିଛି।ଚାଷୀମାନେ ଶୀଘ୍ର ଧାନ ଉଠାଣ ସହ ବକେୟା ପ୍ରାପ୍ୟ ପ୍ରଦାନ କରିବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଅନ୍ୟପକ୍ଷରେ, ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯାଉଥିବା କହିଛନ୍ତି। ବର୍ଷା ପୂର୍ବରୁ ଧାନ ଉଠାଣ ସମ୍ପୂର୍ଣ୍ଣ ନ ହେଲେ ଚାଷୀଙ୍କ କ୍ଷତି ଆହୁରି ବଢ଼ିବ ବୋଲି ସ୍ଥାନୀୟ ମହଲରେ ଚର୍ଚ୍ଚା ହେଉଛି।

## ବସ ଧକ୍କାରେ ବାଇକ ଚାଳକ ଗୁରତର

ଜମନକିରା, (ସବ୍ୟୁ): ଜମନକିରା ଥାନା ବଡ଼ରମା ପଞ୍ଚାୟତ ଜାତୀୟ ରାଜପଥ ୫୩ ଆମ୍ବଲାଙ୍ଗ ଛକ ନିକଟରେ ଏକ ଘରୋଇ ବସ ଧକ୍କାରେ ଗୌଡପାଲି ଫାଣ୍ଡି କୁଲୁଣ୍ଡି ଗାଁର ଦୀପକ ସିଂ (୩୨) ଗୁରୁତର ଥିବା ବେଳେ ପଛରେ ବସିଥିବା ସେହି ଗାଁର କିଶୋର ସିଂ ( ୪୨) ଆହତ ହୋଇଛନ୍ତି। ଉଭୟଙ୍କୁ ଅଗ୍ନିଶମ ବିଭାଗ କର୍ମଚାରୀ ଓ ପୋଲିସ ପ୍ରଥମେ ଜମନକିରା ଡାକ୍ତରଖାନା ରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିବା ବେଳେ ଜମନକିରା ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଗୁରୁବାର ଅପରାହ୍ନ ସାଢ଼େ ୪ ଟା ବେଳେ କୁଲୁଣ୍ଡି ଗାଁର ଦୀପକ ଓ କିଶୋର ଏକ ବାଇକ ରେ ଜମନକିରା ରୁ ନିଜ ଗାଁକୁ ଫେରୁଥିବା ବେଳେ ଅପରାହ୍ନ ୫ ଟା ବେଳେ ଆମ୍ବଲାଙ୍ଗ ନିକଟ ରାଜରାସ୍ତା ୫୩ ନିକଟରେ ଏକ ଘରୋଇ ବସ ବାଇକ କୁ ଧକ୍କା ଦେଇଥିଲା। ଫଳରେ ବାଇକ ରୁ ଉଭୟ ଛିଟିକି ପଡିଥିଲେ। ଚାଳକ ଦୀପକ ସଙ୍କଟାପନ୍ନ ଥିବା ବେଳେ ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଡାକ୍ତରଖାନା କୁ ଆଣି ପ୍ରାଥମିକ ଚିକିତ୍ସା କରେଇଥିଲେ। ପୋଲିସ ପହଞ୍ଚି ଆମ୍ବୁଲାନ୍ସରେ ବୁର୍ଲା ଡାକ୍ତରଖାନା କୁ ପଠେଇଥବା ଜଣାଯାଇଛି।

## ତରଭା ଏନ୍ଏସିର ଏକାଧିକ ପ୍ରକଳ୍ପରେ ଜମି ବିବାଦ

ତରଭା,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ର ଟ୍ରାଫିକ ସମସଯା ନେଇ ତରଭା ନିବୃତ୍ତି ବ୍ରିଜ ପାଖରୁ ତରଭା ହାଇସ୍କୁଲ ଖେଳ ପଡିଆ ପର୍ଯ୍ୟନ୍ତ ତରଭା ଏନ ଏ ସି ଅଧିନରେ ବାଇପାସ ରାସ୍ତା ନିର୍ମାଣ ହୋଇଥିଲା। ଜମି ଅଧିଗ୍ରହଣରେ ବ୍ୟାପକ ତ୍ରୁଟି କହୁ ଅବା ଏନ ଏ ସି ର ଖାମଖିଆଲି ମନୋଭାବ କି ଦୂରଦୃଷ୍ଟିର ଅଭାବ ଯାହା ରୟତି ଜମି ଉପରେ ରାସ୍ତା ନିର୍ମାଣ ଯୋଗୁଁ ବର୍ତ୍ତମାନ ତାହା ଅଧାପନ୍ତରିଆ ହୋଇ ପଡି ରହିଛି। ଯା ଫଳରେ ସରକାରଙ୍କ କୋଟି କୋଟି ଟଙ୍କା ପାଣିରେ ପଡିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସେହିପରି ଏଠାରେ ଗୋଟିଏ ବସଷ୍ଟାଣ୍ଡ ନିର୍ମାଣ ହୋଇ ଥିଲା । ତାହା ମଧ୍ୟ କୋର୍ଟ ର ବିଚରା ଧିନ ।ସେହିପରି ଶ୍ମଶାନ ଘାଟ ରାସ୍ତା ଆଦିରେ ସେହି ସମାନ ଜମି ଅଧିଗ୍ରହଣରେ ତ୍ରୁଟି ଯୋଗୁଁ ପକଳ୍ପ ଗୁଡିକରେ କାମ ଆରମ୍ଭ ହୋଇ ପରେ ଅଧାରେ ଅଟକିବା ଏବଂ କୋଟି କୋଟି ଟଙ୍କା ପାଣିରେ ପଡୁଛି । ତଥାପି ଏନ ଏ ସି କର୍ତ୍ତୃପକ୍ଷର ନା ପଶ୍ଚାତ ତାପ ନା ସଂଶୋଧନ ମନୋଭାବ ଅଛି । ଏପରିକି ପୁଣି ନୁତନ ସ୍ଥାନରେ ବସଷ୍ଟାଣ୍ଡ ନିର୍ମାଣ ହୋଇ ସଂପୁର୍ଣ୍ଣ ହୋଇ ସାରିଲାଣି ।କିନ୍ତୁ ଏପର୍ଯ୍ୟନ୍ତ ତାହା ମଧ୍ୟ କୌଣସି କାରଣ ରୁ ହସ୍ତାନ୍ତର ହୋଇପାରୁ ନାହିଁ। ସରକାରଙ୍କ କୋଟି କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ କାହିଁକି ଏଭଳି ହେଉଛି ବୋଲି ଜନ ସାଧାରଣ କୁହାକୁହି ହେଉଛନ୍ତି। ସଂପୃକ୍ତ ରାସ୍ତା ନେଇ ଏନ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ , ସେହି ରାସ୍ତାରେ ପୂର୍ବରୁ କ୍ଷୁଦ୍ରଜଳ ସଂପଦ ବିଭାଗ ମାଟି କାମ କରିଥିଲା ଆମେ ତା ଉପରେ ମାଟି ତଥା ଅନ୍ୟାନ୍ୟ କାମ କରିଛୁ ଏ ସମ୍ବନ୍ଧ ରେ କ୍ଷୁଦ୍ର ଜଳସଂପଦ ବିଭାଗକୁ ଚିଠି କରିଛୁ ଓ ଡିମାରକେସନ ପାଇଁ ତହସିଲ କୁ ମଧ୍ୟ ଲିଖିତ ଜଣାଇଛୁ କିନ୍ତୁ ଏପରଯନ୍ତ କୌଣସି ଉତ୍ତର ପାଇନାହୁଁ ବୋଲି କହିଛନ୍ତି।

## ବ୍ଲକସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା

ରେଢ଼ାଖୋଲ, (ସବ୍ୟୁ): ସମୃଦ୍ଧ ଓଡିଶା ଗଠନ ପାଇଁ ମହିଳାମାନେ ସ୍ୱାବଲମ୍ବୀ ସହ ଉଦ୍ୟୋଗୀ ହୋଇ ଆତ୍ମ ନିର୍ଭରଶିଳ ହେବା ସହ ଅନ୍ୟମାନଙ୍କୁ ଦିଅନ୍ତୁ ବୋଲି ରେଢ଼ାଖୋଲ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ଆୟୋଜିତ ବ୍ଲକ ସ୍ତରୀୟ ଲକ୍ଷ ପତି ଦିଦି କର୍ମଶାଳାରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଜୀବିକା ମିଶନ ରେଢ଼ାଖୋଲ ବ୍ଲକ ପକ୍ଷରୁ ଏହି କାର୍ଯ୍ୟକ୍ରମ ବିଡ଼ିଓ ରାଜେନ୍ଦ୍ର ନାରାୟଣ ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇ ଥିଲା। ଏହି କାର୍ଯ୍ୟକ୍ରମରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହାନ୍ତ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶାଳ, ଏନଏସି ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ମାର୍ଥା, ବିଜେପି ନେତ୍ରୀ ସୁଷମା ମୁଣ୍ଡା, ସିଡିପିଓ ଆରତୀ ମିଶ୍ର, କୃଷି ବିଭାଗ ଅଧିକାରୀ ସମଲେଇ ପ୍ରସାଦ ପରିଡ଼ା ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ମହିଳା ମାନଙ୍କୁ ସଶକ୍ତି କରଣ କରିବା ଶହ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ପାଇଁ କେନ୍ଦ୍ର ସରକାରଙ୍କ ଏହି ଲକ୍ଷପତି ଯୋଜନା ମହିଳା ମାନଙ୍କ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିଛି ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୦ରୁ ଉର୍ଦ୍ଧ ସୟଂ ସହାୟକ ଗୋଷ୍ଠୀ ଯୋଗ ଦେଇ ନିଜ ଉତ୍ପାଦିତ ସାମଗ୍ରୀ ବିକ୍ରୟ ଷ୍ଟଲ ଖୋଲି ଥିଲେ। ଏହି ଅବସରରେ ବିଭିନ୍ନ ସଂୟ ସହାୟକ ଗୋଷ୍ଠୀଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା ଓ ସମ୍ବଲପୁର ପଞ୍ଚ ବାଦ୍ୟ ଦଳ, ଖୁବେଲ ଦଣ୍ଡ ଓ ପାଲା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଥିଲେ।

## ହାଇୱାକୁ ଧକ୍କା ଦେଇ ସ୍କୁଟି ଆରୋହୀଙ୍କ ମୃତ

ସମ୍ବଲପୁର,,(ସବ୍ୟୁ): ସମ୍ବଲପୁର ଜିଲ୍ଲା ସଦର ଥାନା ଅନ୍ତର୍ଗତ ଘେଣ୍ଟୁପାଲି-ବଡ଼ସାହି ମଝିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଏକ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଯାଇଛି ।ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି । ସୂଚନାଯୋଗ୍ୟ, ବଡ଼ସାହି ବାଡ଼ାପଡ଼ାର ଅମର ମିର୍ଦ୍ଧା (୩୦) ଓ ଖଜୁରିପାଲିର ଅମୂଲ୍ୟ ଗୁରୁ (୩୧) ଏକ ସ୍କୁଟିରେ ଯାଉଥିବା ବେଳେ ରାଜପଥରେ ଥିବା ଏକ ହାଇୱାକୁ ଧକ୍କା ଦେଇଥିଲେ। ଫଳରେ ଅମରଙ୍କ ମୃତ୍ୟୁ ହୋଇଥିବାବେଳେ ଅମୂଲ୍ୟଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ତୁରନ୍ତ ବୁର୍ଲା ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି । ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ୨୫କେଜି ଗଞ୍ଜେଇ ଜବତ : ଜଣେ ଗିରଫ

କନ୍ଧମାଳ, (ସବ୍ୟୁ):ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଘଣ୍ଟାପଡ଼ା ପୁଲିସ ଚଢଉ କରି ୨୫କେଜି ଗଞ୍ଜେଇ ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବିଶସ୍ତ ସୂତ୍ରରୁ ଖବର ପାଇ ଏସଆଇ ମାଧବ ଚନ୍ଦ୍ର ଟାକ୍ରିଙ୍କ ନେତୃତ୍ୱରେ ଏକ ଟିମ ରିଙ୍ଗାପଡ଼ା ଜଙ୍ଗଲରେ ଚଢଉ କରି ଘଟଣାସ୍ଥଳରୁ ଜଣକୁ କାବୁ କରି ବିପୁଳ ଗଞ୍ଜେଇ ଜବତ କରି ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତିରେ ମାପ କରିବାରୁ ୨୫କେଜିହୋଇଥିଲା ।ଏନେଇ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇ ଅଧିକ ତଦନ୍ତ ଚାଲୁ ରହିଥିବା ନେଇ ସୂଚନାଦେଇଛନ୍ତି ଥାନାଧିକାରୀ ସୌମ୍ୟରଞ୍ଜନ ପାତ୍ର। ଅଭିଯୁକ୍ତ ଜଣକ ହେଲେ ଉକ୍ତ ଥାନାଞ୍ଚଳର ଲୁଣ୍ଡୁରୁ ଗ୍ରାମ ର ରାମ ମହାନନ୍ଦ ।

## ନାବାଳିକାକୁ ଦୁଷ୍କର୍ମ : ଜୁନାନୀ ମାରୁତୀ ଆଶ୍ରମର ବାବାଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

କନ୍ଧମାଳ,(ସବ୍ୟୁ):ବୌଦ୍ଧ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ଅପରାହ୍ନ ୪ଟାରେ ପ୍ରାପ୍ତ ସୂଚନା ଅନୁଯାୟୀ ମନମୁଣ୍ଡା ଥାନା ଜୁନାନୀ ମାରୁତୀ ଆଶ୍ରମର ସୀତାରାମ ଦାସ ଓରଫ ବାବାଙ୍କୁ ୨୦୨୫ ମସିହାର ଏକ ପୋକ୍ସୋ ମାମଲାରେ ୨୦ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି ବୌଦ୍ଧର ଅତିରିକ୍ତ ଦୌରା ଜଜ ତଥା ସ୍ୱତନ୍ତ୍ର ଜଜ । ଉକ୍ତ ଆଶ୍ରମରେ ରହୁଥିବା ପୁରୀ ଜିଲ୍ଲା ଇନ୍ଦୁପୁର ଗ୍ରାମର ଅଭିଯୁକ୍ତ ସୀତାରାମ ଦାସ ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ମାମଲା ମନମୁଣ୍ଡା ଥାନାରେ ୨୦୪/୨୫ ରେ ପଂଜିକୃତ ହେବା ପରେ ସବ ଇନ୍ସପେକ୍ଟର ପିଙ୍କି ପାତ୍ର ତଦନ୍ତ କରିଥିଲେ ମାମଲାର ବିଚାର କରି ଆଜି କୋର୍ଟ ଅଭିଯୁକ୍ତ ବାବାଙ୍କୁ ୨୦ ବର୍ଷ ଜେଲ ଦଣ୍ଡ ସହ ୫୦ ହଜାର ଟଙ୍କା ଅର୍ଥ ଦଣ୍ଡ ଆଦେଶ ଦେଇଛନ୍ତି । ଅର୍ଥ ଦଣ୍ଡ ଅନାଦେଅ ହେଲେ ଅତିରିକ୍ତ ୬ ମାସ କାରାଦଣ୍ଡାଦେଶ ଦେଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି ପି ଧୂରୀଣ କୁମାର ଦେହୁରୀ ମାମଲା ପରିଚାଳନା କରୁଥିଲେ ।

## ଦାବି ପୂରଣ ନହେଲେ ଡ୍ରାଇଭର ମହାସଂଘର ଆନ୍ଦୋଳନ ଚେତାବନୀ



ସମ୍ବଲପୁର,(ସବ୍ୟୁ): ଓଡ଼ିଶା ଡ୍ରାଇଭର ମହାସଂଘ ସମ୍ବଲପୁର ଜିଲ୍ଲା ଶାଖା ପକ୍ଷରୁ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଆସନ୍ତା ୯୦ ଦିନ ମଧ୍ୟରେ ଏସବୁ ସମସ୍ୟାର ସମାଧାନ ପାଇଁ ଯଦି ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆ ନଯାଏ, ତେବେ ସମସ୍ତ ଡ୍ରାଇଭର ସମାଜ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଅଟୋ ଡ୍ରାଇଭର ଏବଂ ପ୍ରାଇଭେଟ ଗାଡ଼ିର ଡ୍ରାଇଭରମାନଙ୍କୁ ସରକାରଙ୍କ ପକ୍ଷରୁ କ୍ରମାଗତ ଭାବେ ଅଣଦେଖା କରାଯାଉଛି। ପୂର୍ବ ସରକାର ଅମଳରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ସେମାନଙ୍କର କୌଣସି ସୁବିଧା ସୁଯୋଗ ପ୍ରତି ଧ୍ୟାନ ଦିଆଯାଉ ନାହିଁ। ବିଗତ ଦୁଇ ବର୍ଷ ହେବ ମହାସଂଘ ପକ୍ଷରୁ ରାଜ୍ୟ ସରକାର, ପରିବହନ ବୋର୍ଡ ଓ ପରିବହନ ମନ୍ତ୍ରୀଙ୍କ ସହ ବାରମ୍ବାର ଯୋଗାଯୋଗ କରାଯାଉଥିଲେ ମଧ୍ୟ ଏହାର କୌଣସି ସ୍ଥାୟୀ ସମାଧାନ ବାହାରି ପାରିନାହିଁ । ଡ୍ରାଇଭରମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା ସହ ଡ୍ରାଇଭର କଲ୍ୟାଣ ବୋର୍ଡରେ ସାମିଲ କରିବା ପାଇଁ ମହାସଂଘ ଦାବି କରି ଆସୁଛି। ଯଦି ଅଟୋ ଡ୍ରାଇଭରମାନଙ୍କୁ କେବଳ ଶ୍ରମିକ ବୋଲି ଘୋଷଣା କରାଯାଉଛି, ତେବେ ସେମାନଙ୍କୁ କାହିଁକି ଡ୍ରାଇଭିଂ ଲାଇସେନ୍ସ ଦିଆଯାଉଛି । ସେମାନଙ୍କୁ ଡ୍ରାଇଭରର ମାନ୍ୟତା ଓ ସମ୍ମାନ କାହିଁକି ମିଳୁନାହିଁ ବୋଲି ଅଭିଯୋଗ କରାଯାଉଛି। ଯଦି ଆଗାମୀ ଦିନରେ ସରକାର ଏହି ସମସ୍ୟାର ସମାଧାନ ନ କରନ୍ତି ଏବଂ ଡ୍ରାଇଭରମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ନ୍ୟାୟ ନମିଳେ, ତେବେ ଆଗାମୀ ନିର୍ବାଚନ ସମୟରେ ଏହାର ପରିଣାମ ଭୟଙ୍କର ହେବ ବୋଲି ସଙ୍ଘ ଚେତାବନୀ ଦେଇଛି ।

## ପୁଣି ଚାଲୁ ହେଲା ଟିଟିଲାଗଡ଼ ହରିଶଙ୍କର ମୁଖ୍ୟମନ୍ତ୍ରୀ ବସ ସେବା

ଖପ୍ରାଖୋଲ ,(ସବ୍ୟୁ): ଦୁଇମାସ ଧରି ବନ୍ଦ ରହିଥିବା ଟିଟିଲାଗଡ଼ହରିଶଙ୍କର ମୁଖ୍ୟମନ୍ତ୍ରୀ ବସ ସେବା ପୁଣିଥରେ ଆରମ୍ଭ ହୋଇଛି।ସୂଚନା ଅନୁସାରେ, ସମାଜକର୍ମୀ ଜ୍ୟୋତି ରଞ୍ଜନ ପଣ୍ଡା ଗତ ମଇ ମାସ ୨୬ ତାରିଖରେ ଜନ ଶୁଣାଣୀ ପୋର୍ଟାଲ ମାଧ୍ୟମରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ସିଏମଓ ୦୨୬୧୬୨୬୨୮ ନମ୍ବରରେ ଅଭିଯୋଗ କରି ଟିଟିଲାଗଡ଼ହରିଶଙ୍କର ଲକ୍ଷ୍ମୀ ବସ ସେବା ବା ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ବସ ସେବା ପୁଣି ଚାଲୁ କରିବାକୁ ଦାବି ଜଣାଇଥିଲେ। ବସ ସେବା ବନ୍ଦ ରହିଥିବାରୁ ସାଧାରଣ ଲୋକ, ଛାତ୍ରଛାତ୍ରୀ, ଦୈନିକ ଯାତ୍ରୀ ଓ ପର୍ଯ୍ୟଟକମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ ବୋଲି ସେ ଅଭିଯୋଗରେ ଉଲ୍ଲେଖ କରିଥିଲେ । ପରେ ଏହି ଅଭିଯୋଗ ଉପରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଜନ ଶୁଣାଣୀ ପୋର୍ଟାଲରେ ଜୁନ ୪ ତାରିଖରେ ଅଭିଯୋଗର ସମାଧାନ ହୋଇଥିବା ଉଲ୍ଲେଖ କରାଯାଇଥିବା ବେଳେ, ଜୁନ ୫ ତାରିଖରୁ ପୁଣିଥରେ ଟିଟିଲାଗଡ଼ହରିଶଙ୍କର ରୁଟରେ ମୁଖ୍ୟମନ୍ତ୍ରୀ ବସ ସେବା ଆରମ୍ଭ ହୋଇଛି। ଏହି ବସ ସେବା ପୁନଃ ଆରମ୍ଭ ହେବା ଫଳରେ ହରିଶଙ୍କରକୁ ଆସୁଥିବା ପର୍ଯ୍ୟଟକ ଓ ଅଞ୍ଚଳର ସାଧାରଣ ଜନସାଧାରଣ ଅନେକ ଉପକୃତ ହେବେ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ହରିଶଙ୍କର ଏକ ପ୍ରସିଦ୍ଧ ଧାର୍ମିକ ଓ ପର୍ଯ୍ୟଟନ ସ୍ଥଳୀ ହେବାରୁ ପ୍ରତିଦିନ ବହୁ ସଂଖ୍ୟକ ଲୋକ ଏଠାକୁ ଆସୁଥାନ୍ତି। ବସ ସେବା ବନ୍ଦ ରହିଥିବା ସମୟରେ ଯାତ୍ରୀମାନେ ଅଧିକ ଭଡ଼ା ଦେଇ ବେସରକାରୀ ଗାଡ଼ିରେ ଯାତାୟାତ କରିବାକୁ ବାଧ୍ୟ ହେଉଥିଲେ। ଏବେ ପୁଣିଥରେ ସରକାରୀ ବସ ସେବା ଚାଲୁ ହେବାରୁ ସେମାନଙ୍କ ମଧ୍ୟରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ସ୍ଥାନୀୟ ଅଞ୍ଚଳ ବାସୀ ଜ୍ୟୋତି ରଞ୍ଜନ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ପୋର୍ଟାଲ ମାଧ୍ୟମରେ ଜଣାଇଥିବାରୁ କୃତଜ୍ଞତା ଜଣାଇଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ମଙ୍ଗଳ କାମନା କରି ସାମୁହିକ ଦୀପଦାନ



କୁଚିଣ୍ଡା, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଦେଶର ସର୍ବାଧିକ ସମୟ ଅର୍ଥାତ ୧୨ ବର୍ଷ ୧୫ ଦିନ ଧରି ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ନିରନ୍ତର ସେବା କରି ଇତିହାସ ସୃଷ୍ଟି କରିଛନ୍ତି। ଏହି ଗୌରବମୟ ଅବସରରେ ପ୍ରଧାନମନ୍ତ୍ରୀଙ୍କ ମଙ୍ଗଳ କାମନା କରି କୁଚିଣ୍ଡା ବସଷ୍ଟାଣ୍ଡ ସ୍ଥିତ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କଲିବା ସହିତ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହ ମିଶି ସାମୁହିକ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମନ୍ତ୍ରୀ ରବିନାରାୟଣ ନାଏକ ସାମିଲ ହୋଇଛନ୍ତି । ।ହନୁମାନଙ୍କ କୃପାରୁ ତାଙ୍କର ଆଗାମୀ ଜୀବନ ମଙ୍ଗଳମୟ ହେଉ ଏବଂ ତାଙ୍କ ନେତୃତ୍ୱରେ ଦେଶ ସଫଳତାର ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି ମନ୍ତ୍ରୀ ସହିତ ଅଂଚଳବାସୀ ।

## ଅତାବିରାରେ ନିର୍ମାଣ ହେବ ଉନ୍ନତ ମାର୍କେଟ କମ୍ପ୍ଲେକ୍ସ
## ମାମୁଁ ଘର କଥା କହି ସ୍ନେହାଙ୍ଗିନୀଙ୍କୁ ଟାର୍ଗେଟ କଲେ ଅତାବିରା ବିଧାୟକ



ବରଗଡ/ଅତାବିରା, (ସବ୍ୟୁ): ବରଗଡ଼ ଜିଲ୍ଲା ଅତାବିରାରେ ନିର୍ମାଣ ହେବ ଉନ୍ନତଧରଣର ମାର୍କେଟ କମ୍ପ୍ଲେକ୍ସ। ଖର୍ଚ୍ଚ ହେବ ତିନି କୋଟି ୮୪ ଲକ୍ଷ ଟଙ୍କା। ଏନେଇ ଆଜି ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଅତାବିରା ବିଧାୟକ ନିହାର ମହାନନ୍ଦ। ଜବରଦଖଲ ଉଚ୍ଛେଦ ବେଳେ ଯେଉଁ ଯେଉଁ ଦୋକାନୀ ମାନେ ପ୍ରଭାବିତ ହୋଇଥିଲେ ସେମାନଙ୍କୁ କମ୍ପ୍ଲେକ୍ସ ଦୋକାନ ଗୃହ ମିଳିବ। ଏହା ସହ ଅନ୍ୟ ବ୍ୟବସାୟୀ ମାନେ ଦୋକାନ ଗୃହ ନେବାପାଇ ଆବେଦନ କରିବେ। ଏହି କମ୍ପ୍ଲେକ୍ସ ହେଲେ ଲୋକଙ୍କୁ ଆଉ ଏଣେତେଣେ ଯିବାକୁ ପଡିବ ନାହିଁ - ଗୋଟିଏ ଜାଗାରେ ସମସ୍ତ ପ୍ରକାରର ସାମଗ୍ରୀ ପାଇପାରିବେ ଲୋକେ। ପୂର୍ବରୁ ଏହି କମ୍ପ୍ଲେକ୍ସ ତିଆରି ପାଇଁ ଅତାବିରା ପକ୍ଷରୁ ଦାବି କରାଯାଇଥିଲା ଓ ଆବଶ୍ୟକ ଦୃଷ୍ଟିରୁ ସରକାର ଏହାକୁ ମଞ୍ଜୁର କରିଛନ୍ତି। ଶିଳାନ୍ୟାସ କାର୍ଯ୍ୟକ୍ରମ ପରେ ଆୟୋଜିତ ଏକ ବୈଠକରେ ଅତାବିରା ବିଧାୟକ, କାଉନସିଲର ଦୀପକ ରାୟ, ଏନ୍ ଏ ସି ଇଓ ନରେନ୍ଦ୍ର ପଧାନ ମଂଚାସୀନ ଥିବାବେଳେ ଦୁର୍ଯ୍ୟୋଧନ ସାହୁ ମଞ୍ଚ ପରିଚାଳନା କରିଥିଲେ। ସବୁଠାରୁ ବଡ଼ କଥା ଏହି ପ୍ରକଳ୍ପର ଚିଠିକୁ ନେଇ ଆରମ୍ଭ ହୋଇଛି ରାଜନୀତି। ବିଜେଡ଼ି ଏହା ବିଜେଡିର ଅନୁଦାନ କହି ସୋସିଆଲ ମିଡିଆରେ ଭାଇରଲ କରିଛି। ଆଉ ଏହାକୁ ନେଇ ବିଜେଡ଼ି ଓ ଅତାବିରାର ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କୁ କଡା ସମାଲୋଚନା କରିଛନ୍ତି ଅତାବିରା ବିଧାୟକ ନିହାର ମହାନନ୍ଦ। ସେ କହିଛନ୍ତି ନୂଆପଡା ମାମୁ ଘରେ ରହି ସ୍ନେହାଙ୍ଗିନୀ ନିଜର ହିତାହିତ ଜ୍ଞାନ ଭୁଲି ଯାଇଛନ୍ତି। ଏବେ ବିଶ୍ରାମ କରନ୍ତୁ ନହେଲେ ରାଞ୍ଚି ଯାଇ ଚିକିତ୍ସିତ ହୁଅନ୍ତୁ ବୋଲି ଟାର୍ଗେଟ କରି କହିଛନ୍ତି ବିଧାୟକ ନିହାର ମହାନନ୍ଦ ।

## ଜମି ହରାଉଥିବା ବିସ୍ଥାପିତ ଗ୍ରାମବାସୀଙ୍କ ସମସ୍ୟାର ସମାଧାନ ଲାଗି ଜିଲ୍ଲାପାଳଙ୍କ ହସ୍ତକ୍ଷେପ




ଝାରସୁଗୁଡ଼ା, (ସବ୍ୟୁ): ଜିଲ୍ଲାରେ ଅବସ୍ଥିତ ମାଲଦା ଗ୍ରାମବାସୀଙ୍କ ନିଯୁକ୍ତି ସମ୍ବନ୍ଧୀୟ ବିଭିନ୍ନ ଦାବି ଓ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଏନଏଲସିଆଇଏଲ ର ବରିଷ୍ଠ ଅଧିକାରୀ ଏବଂ ମାଲଦା ଗ୍ରାମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ଆଲୋଚନା ମାଧ୍ୟମରେ ଦୀର୍ଘ ଦିନ ଧରି ଚାଲିଥିବା ଅସନ୍ତୋଷର ଏକ ସହମତିଭିତ୍ତିକ ସମାଧାନ ବାହାର କରିବାକୁ ଚେଷ୍ଟା କରାଯାଇଛି।

ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ଏନଏଲସିଆଇଏଲ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାର ମାଲଦା, ପାତ୍ରପାଲି ଏବଂ ରାମପୁର ଗ୍ରାମରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଛି। ଏହି ପ୍ରକ୍ରିୟା ଯୋଗୁଁ ମାଲଦା ଗ୍ରାମର ଅନେକ ଅଧିବାସୀ ନିଜର ଜମି ହରାଉଛନ୍ତି ।ଏନଏଲସିଆଇଏଲ ଖଣି ପ୍ରକଳ୍ପରେ ସ୍ଥାନୀୟ ବିସ୍ଥାପିତ ଓ ଜମିହରା ଗ୍ରାମବାସୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଦାବିରେ ଗ୍ରାମବାସୀମାନେ ନିକଟରେ ଏକ ପ୍ରତିବାଦ ଧର୍ମଘଟ କରିଥିଲେ, ଯାହାଫଳରେ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା।ଗ୍ରାମବାସୀଙ୍କ ଏହି ନ୍ୟାୟୋଚିତ ଦାବି ଏବଂ ସମସ୍ୟାର ସମାଧାନ ପାଇଁ ଆଜି ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମିଳିତ ବୈଠକ ଡକାଯାଇଥିଲା। ବୈଠକରେ ଜିଲ୍ଲାପାଳ ଉଭୟ ପକ୍ଷର ଯୁକ୍ତି ଶୁଣିବା ସହ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ପ୍ରସଙ୍ଗକୁ ସହାନୁଭୂତିର ସହ ବିଚାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆଇନଗତ ପ୍ରକ୍ରିୟା ମଧ୍ୟରେ ରହି କିଭଳି ଗ୍ରାମବାସୀଙ୍କୁ ଉପଯୁକ୍ତ ନିଯୁକ୍ତି ସୁଯୋଗ ମିଳିପାରିବ, ସେ ନେଇ ଏକ ସକାରାତ୍ମକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିବାକୁ ଏନଏଲସିଆଇଏଲ ଅଧିକାରୀମାନଙ୍କୁ କୁହାଯାଇଛି।

# ସମ୍ପାଦକୀୟ

## ବିଭିନ୍ନ ତଦନ୍ତ କମିଶନଙ୍କ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ

ରାଜ୍ୟରେ ଅନେକ ତଦନ୍ତ କମିଶନ ଗଠିତ ହୋଇଛି । ସେଥିମଧ୍ୟରୁ ବିଚାର ବିଭାଗୀୟ ତଦନ୍ତ କମିଶନ ବା ପ୍ରଶାସନିକ ତଦନ୍ତ କମିଶନ ଗଠନ ଓ ଏହାର ତଦନ୍ତ ରିପୋର୍ଟ ଅନେକ ସମୟରେ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ ହୋଇଥାଏ । ତଦନ୍ତ କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ କରାଗଲେ, ତାହା ଉପରେ ଜନସାଧାରଣଙ୍କ ଦୃଷ୍ଟି ପଡ଼ିଥାଏ । ବିଭିନ୍ନ ଗଣମାଧ୍ୟମରୁ ତଦନ୍ତ କମିଶନଙ୍କ ଫଳାଫଳ ଜାଣିବାକୁ ସଚେତନ ଜନସାଧାରଣଙ୍କର ଆଗ୍ରହ ଥାଏ । ଅନେକ ସମୟରେ ରାଜ୍ୟ ସରକାର ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରିବାକୁ ଚାହିଁଲେ ତାହାକୁ ବିଧାନସଭାରେ ଉପସ୍ଥାପନ କରିଥାନ୍ତି । ଅନେକ ସମୟରେ ସରକାର ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରିବାକୁ ନଚାହିଁଲେ ତାହାକୁ ଗୋପନ ରଖିଥାନ୍ତି ।

ସେ ଯାହା ହେଉ, କଟକରେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବାବେଳେ ବିଗତ ନବେ ଦଶକରେ ମଦମୃତ୍ୟୁ ଘଟଣା ସାରା ରାଜ୍ୟରେ କେବଳ ନୁହେଁ, ସାରା ଭାରତରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଶତାଧିକ ନୀରିହ ଲୋକେ ଦେଶୀ ମଦ ପାନ କରି ପ୍ରାଣ ହରାଇଥିଲେ । ଏହା ପରେ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ବାଳକୃଷ୍ଣ ବେହେରାଙ୍କୁ ନେଇ ଯେଉଁ ଜଣିକିଆ ତଦନ୍ତ କମିଶନ ତତ୍କାଳୀନ ସରକାର ବସାଇଥିଲେ, ତାଙ୍କର ରିପୋର୍ଟ ମଧ୍ୟ ବିଭିନ୍ନ ସମ୍ବାଦ ପତ୍ରରେ ପ୍ରକାଶ ପାଇବା ପରେ ବେଶ ଚାଞ୍ଚଲ୍ୟ ସୃଷ୍ଟି କରି ଆସୁଥିଲା । ସେତେବେଳକୁ ତଡିତ ଗଣମାଧ୍ୟମ (Electronic Media) କେବଳ ସରକାରଙ୍କୁ ସୁହାଇଲା ପରି ଖବର ପ୍ରସାରିତ କରୁଥା'ନ୍ତି । ସାମାଜିକ ଗଣମାଧ୍ୟମ (Social Media) ପ୍ରାୟ ନଥାଏ ।

ଦୁଃଖର କଥା, ସେହି ତଦନ୍ତ ରିପୋର୍ଟ ବହୁ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲେ ମଧ୍ୟ ତାହା ରାଜ୍ୟ ଗୃହ ବିଭାଗରୁ ହଜି ଯାଇଛି ବା ଚୋରି ହୋଇ ଯାଇଛି । ନିରୀହ ଆଦିବାସୀମାନଙ୍କୁ ଧର୍ମାନ୍ତରୀକରଣ କରା ଯାଉଥିଲା । ତାହାକୁ ବନ୍ଦ କରିବାକୁ ଯାଇ ସ୍ୱାମୀ ଲକ୍ଷ୍ମଣାନନ୍ଦ ଓ ଅନ୍ୟମାନେ ସେହି ହତ୍ୟାକାଣ୍ଡର ଶିକାର ହୋଇଥିଲେ ବୋଲି ଜାଣିବାକୁ ମିଳିଛି । ମାତ୍ର ସେହି ତଦନ୍ତ ରିପୋର୍ଟ ଏବେ ଗାଏବ । ଏଥିପାଇଁ ଗୃହ ବିଭାଗ ପକ୍ଷରୁ କ୍ୟାପିଟାଲ ଥାନାରେ ଏତଲା ମଧ୍ୟ ଦିଆ ଯାଇଛି ।

୨୦୦୮ ମସିହାରେ ବିଶ୍ୱ ହିନ୍ଦୁ ପରିଷଦର ନେତା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସମେତ ଆଉ କେତେକ ସାଧୁଙ୍କୁ କନ୍ଧମାଳ ଜିଲ୍ଲାର ଚକାପାଦର ଆଶ୍ରମଠାରେ ଅତି ବର୍ବୋରୋଚିତ ଭାବରେ ଯେପରି ହତ୍ୟା କରାଯାଇଥିଲା, ତାହା ଥିଲା ଏକ ହୃଦୟ ବିଦାରକ ଘଟଣା । ଏହା ପରେ ତତ୍କାଳୀନ ବିଜେଡ଼ି-ବିଜେପି ମିଳିତ ସରକାରଙ୍କ ନେତୃତ୍ୱ ନେଉଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେହି ଘଟଣାରେ ବିଚାର ବିଭାଗୀୟ ଜଣିକିଆ ତଦନ୍ତ କମିଶନ ପାଇଁ ୨୦୦୮ରେ ନିର୍ଦ୍ଦେଶ ଦେଇଥିଲେ । ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଶରତଚନ୍ଦ୍ର ମହାପାତ୍ର ଏହି ତଦନ୍ତ କମିଶନର ଦାୟିତ୍ୱ ନେଇଥିଲେ । ମାତ୍ର ତାଙ୍କ ମୃତ୍ୟୁ ପରେ ଓଡ଼ିଶା ହାଇକୋର୍ଟର ଆଉ ଜଣେ ଅବସାପ୍ରାପ୍ତ ବିଚାରପତି ଏ.ଏସ୍. ନାଇଡୁ ସେହି ତଦନ୍ତ କମିଶନର ଦାୟିତ୍ୱ ନେଲେ ।

ଦୁଃଖର କଥା, ସେହି ତଦନ୍ତ ରିପୋର୍ଟ ବହୁ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲେ ମଧ୍ୟ ତାହା ରାଜ୍ୟ ଗୃହ ବିଭାଗରୁ ହଜି ଯାଇଛି ବା ଚୋରି ହୋଇ ଯାଇଛି । ନିରୀହ ଆଦିବାସୀମାନଙ୍କୁ ଧର୍ମାନ୍ତରୀକରଣ କରା ଯାଉଥିଲା । ତାହାକୁ ବନ୍ଦ କରିବାକୁ ଯାଇ ସ୍ୱାମୀ ଲକ୍ଷ୍ମଣାନନ୍ଦ ଓ ଅନ୍ୟମାନେ ସେହି ହତ୍ୟାକାଣ୍ଡର ଶିକାର ହୋଇଥିଲେ ବୋଲି ଜାଣିବାକୁ ମିଳିଛି । ମାତ୍ର ସେହି ତଦନ୍ତ ରିପୋର୍ଟ ଏବେ ଗାଏବ । ଏଥିପାଇଁ ଗୃହ ବିଭାଗ ପକ୍ଷରୁ କ୍ୟାପିଟାଲ ଥାନାରେ ଏତଲା ମଧ୍ୟ ଦିଆ ଯାଇଛି ।

ସେହିପରି ଭୁବନେଶ୍ୱର ସମ୍ ହସ୍‌ପିଟାଲ ଅଗ୍ନିକାଣ୍ଡ ସଂକ୍ରାନ୍ତରେ ଆର୍.ଡି.ସି.ଙ୍କ ତଦନ୍ତ ରିପୋର୍ଟ ଗାଏବ ହୋଇଯାଇଛି । ଏଥିପାଇଁ ମଧ୍ୟ ଗୃହ ବିଭାଗ ପକ୍ଷରୁ କ୍ୟାପିଟାଲ ଥାନାରେ ଏତଲା ଦିଆ ଯାଇଛି । ବିଗତ ନବୀନ ସରକାରଙ୍କ ଉପରେ ଏଥିପାଇଁ ଦୋଷାରୋପ କରାଯାଉଛି ।

ଯେଉଁ ଜିନିଷ ମୋର ତୁରନ୍ତ ପ୍ରୟୋଜନ ନୁହେଁ,
ମୁଁ ସେ ଜିନିଷ ନେଇ ଯଦି ରଖେ, ତାହାହେଲେ
ମୁଁ ଚୋରିକଲି ବୋଲି କହିବାକୁ ହେବ ।
(ମହାତ୍ମା ଗାନ୍ଧି)

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ଓଡ଼ିଶାରେ ସ୍ୱତନ୍ତ୍ର ନିବିଡ଼ ଭୋଟର ତାଲିକା ସଂଶୋଧନ :ଏକ ଦୃଷ୍ଟିପାତ



ମଧୁସୂଦନ ମିଶ୍ର

ଭାରତ ବିଶ୍ୱର ସର୍ବବୃହତ ଗଣତନ୍ତ୍ର । ଏହି ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳ ଆଧାର ହେଉଛି ନିରପେକ୍ଷ, ସ୍ୱଚ୍ଛ ଏବଂ ବିଶ୍ୱସନୀୟ ନିର୍ବାଚନ ପ୍ରକ୍ରିୟା । କିନ୍ତୁ ଏକ ସଫଳ ନିର୍ବାଚନ କେବଳ ଭୋଟ ଗ୍ରହଣ କିମ୍ବା ଭୋଟ ଗଣନା ଉପରେ ନିର୍ଭର କରେ ନାହିଁ ଏହାର ପ୍ରକୃତ ଭିତ୍ତି ହେଉଛି ଏକ ଠିକ୍, ଅଦ୍ୟତନ ଏବଂ ତ୍ରୁଟିମୁକ୍ତ ଭୋଟର ତାଲିକା । ଏହି ଦୃଷ୍ଟିକୋଣରୁ ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ନିବିଡ଼ ସଂଶୋଧନ (Special Intensive Revision-SIR) କାର୍ଯ୍ୟକ୍ରମ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ ଏବଂ ବିଶ୍ୱସନୀୟ କରିବାର ଏକ ମହତ୍ତ୍ୱପୂର୍ଣ୍ଣ ପ୍ରୟାସ ।

ଭୋଟର ତାଲିକା କୌଣସି ସ୍ଥିର ଦଲିଲ ନୁହେଁ । ସମୟ ସହିତ ଜନସଂଖ୍ୟାରେ ପରିବର୍ତ୍ତନ, ଗ୍ରାମରୁ ସହରକୁ ସ୍ଥାନାନ୍ତରଣ, ଚାକିରି କିମ୍ବା ଶିକ୍ଷା ପାଇଁ ଅନ୍ୟତ୍ର ଗମନ, ମୃତ୍ୟୁ ଏବଂ ନୂତନ ଭୋଟରଙ୍କ ଅନ୍ତର୍ଭୁକ୍ତି ଭୋଟର ତାଲିକାର ଗଠନକୁ ନିରନ୍ତର ବଦଳାଇଥାଏ ।

ଏହି କାରଣରୁ ତାଲିକାରେ ଭୁଲ ନାମ, ଦ୍ୱିତୀୟ ଥର ପଞ୍ଜୀକରଣ, ମୃତ ବ୍ୟକ୍ତିଙ୍କ ନାମ, ଭୁଲ ଠିକଣା ଏବଂ ଅନ୍ୟାନ୍ୟ ତ୍ରୁଟି ପ୍ରବେଶ କରିବା ସ୍ୱାଭାବିକ । ଯଦି ଏହି ତ୍ରୁଟିଗୁଡ଼ିକୁ ସମୟମତେ ସଂଶୋଧନ କରାଯିବ ନାହିଁ, ତେବେ ନିର୍ବାଚନର ସ୍ୱଚ୍ଛତା ଓ ବିଶ୍ୱସନୀୟତା ପ୍ରଶ୍ନର ସମ୍ମୁଖୀନ ହୋଇପାରେ ।

ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ନିବିଡ଼ ସଂଶୋଧନ କାର୍ଯ୍ୟକ୍ରମ ଏହି ସମସ୍ତ ସମସ୍ୟାର ସମାଧାନ ଦିଗରେ ଏକ ସମନ୍ୱିତ ପ୍ରୟାସ । ନିର୍ବାଚନ ଆୟୋଗଙ୍କ ସୂଚନା ଅନୁଯାୟୀ, ରାଜ୍ୟରେ ପ୍ରାୟ ୯୫ ପ୍ରତିଶତ ଭୋଟର ମ୍ୟାପିଂ କାର୍ଯ୍ୟ ସମାପ୍ତ ହୋଇସାରିଛି । ଏହା ନିର୍ବାଚନ ଅଧିକାରୀ, ବୁଥ୍ ଲେଭେଲ୍ ଅଫିସର (BLO), ସ୍ଥାନୀୟ ପ୍ରଶାସନ ଏବଂ କ୍ଷେତ୍ରସ୍ତରରେ କାର୍ଯ୍ୟରତ କର୍ମଚାରୀମାନଙ୍କର ନିଷ୍ଠା ଓ ପରିଶ୍ରମର ଏକ ଉଜ୍ଜ୍ୱଳ ଉଦାହରଣ ।

ସହରାଞ୍ଚଳ, ଉପକୂଳ ଅଞ୍ଚଳ, ଦୁର୍ଗମ ଆଦିବାସୀ ଅଞ୍ଚଳ ଏବଂ ପାହାଡ଼ିଆ ଗ୍ରାମଗୁଡ଼ିକୁ ଅନ୍ତର୍ଭୁକ୍ତ କରି ଏତେ ବ୍ୟାପକ କାର୍ଯ୍ୟ ସଫଳତାର ସହ ସମ୍ପନ୍ନ କରିବା ନିଶ୍ଚିତ ଭାବରେ ପ୍ରଶଂସନୀୟ ।

ଏହି ସଂଶୋଧନ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି । ଯାଞ୍ଚ ହୋଇଥିବା ପ୍ରାୟ ୧୭ ପ୍ରତିଶତ ଭୋଟର ରେକର୍ଡରେ ବିଭିନ୍ନ ପ୍ରକାରର ତ୍ରୁଟି ଚିହ୍ନଟ ହୋଇଛି । ଏଥିରେ ଦ୍ୱିତୀୟ ପଞ୍ଜୀକରଣ, ମୃତ ଭୋଟରଙ୍କ ନାମ, ଭୁଲ ଠିକଣା, ଭୁଲ ବ୍ୟକ୍ତିଗତ ସୂଚନା ଏବଂ ଅନ୍ୟାନ୍ୟ ଅସଙ୍ଗତି ରହିଛି । ଏହି ସଂଖ୍ୟା ଚିନ୍ତାର ବିଷୟ ନୁହେଁ ବରଂ ଏହା ପ୍ରମାଣ କରୁଛି ଯେ ଏପରି ନିବିଡ଼ ସଂଶୋଧନ କାର୍ଯ୍ୟକ୍ରମ କେତେ ଆବଶ୍ୟକ । ତ୍ରୁଟି ଚିହ୍ନଟ ହେବାର ଅର୍ଥ ବ୍ୟବସ୍ଥା ଠିକ୍ ଭାବେ କାମ କରୁଛି ଏବଂ ଭୋଟର ତାଲିକାକୁ ଅଧିକ ବିଶ୍ୱସନୀୟ କରିବା ଦିଗରେ ଏହା ଗତି କରୁଛି ।

ଏହି ସଂଶୋଧନ ପ୍ରକ୍ରିୟାର ଏକ ବଡ଼ ବିଶେଷତ୍ୱ ହେଉଛି ଏହାର ଜନସହଭାଗିତା ଭିତ୍ତିକ ଦୃଷ୍ଟିକୋଣ । ବୁଥ୍ ଲେଭେଲ୍ ଅଫିସରମାନେ ଘରକୁ ଘର ବୁଲି ଭୋଟରଙ୍କ ତଥ୍ୟ ଯାଞ୍ଚ କରୁଛନ୍ତି । ନାଗରିକମାନଙ୍କୁ ନିଜ ନାମ, ଠିକଣା ଏବଂ ଅନ୍ୟାନ୍ୟ ସୂଚନା ଯାଞ୍ଚ କରିବାକୁ ଏବଂ ଆବଶ୍ୟକ ସଂଶୋଧନ କରିବାକୁ ଉତ୍ସାହିତ କରାଯାଉଛି ।

ଡିଜିଟାଲ ପୋର୍ଟାଲ, ମୋବାଇଲ ଆପ୍ଲିକେସନ ଏବଂ ଅନଲାଇନ ସେବାର ବ୍ୟବହାର ଏହି ପ୍ରକ୍ରିୟାକୁ ଅଧିକ ସହଜ ଏବଂ ଜନାଦୃତ କରିଛି । ଏହା ଡିଜିଟାଲ ଶାସନ ଏବଂ ପାରମ୍ପରିକ କ୍ଷେତ୍ରସ୍ତରୀୟ ଯାଞ୍ଚର ଏକ ସୁନ୍ଦର ସମନ୍ୱୟ ।

ଗଣତନ୍ତ୍ର ବିଷୟରେ ବିଶ୍ୱସ୍ତରୀୟ ଗବେଷଣା ସ୍ପଷ୍ଟ କରିଛି ଯେ ଏକ ଉନ୍ନତ ଭୋଟର ପଞ୍ଜୀକରଣ ବ୍ୟବସ୍ଥା ନାଗରିକଙ୍କ ବିଶ୍ୱାସ ବୃଦ୍ଧି କରେ, ଭୋଟଦାନ ହାରକୁ ଉନ୍ନତ କରେ ଏବଂ ଗଣତାନ୍ତ୍ରିକ ସଂସ୍ଥା ପ୍ରତି ଆସ୍ଥାକୁ ସୁଦୃଢ଼ କରେ । କାନାଡା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଏବଂ ବ୍ରିଟେନ ପରି ଦେଶଗୁଡ଼ିକ ନିୟମିତ ଭାବେ ଭୋଟର ତାଲିକାର ସଂଶୋଧନ କରିଥାନ୍ତି । ଭାରତ ଭଳି ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶରେ ଏହି କାର୍ଯ୍ୟ ଅଧିକ ଜଟିଳ ଏବଂ ଆହ୍ୱାନପୂର୍ଣ୍ଣ । ସେଥିପାଇଁ ଓଡ଼ିଶାରେ ଚାଲିଥିବା ଏହି ସ୍ୱତନ୍ତ୍ର ନିବିଡ଼ ସଂଶୋଧନ ଅଭିଯାନ ଅତ୍ୟନ୍ତ ସମୟୋପଯୋଗୀ ଏବଂ ଆବଶ୍ୟକ ।

ଏହି କାର୍ଯ୍ୟକ୍ରମର ପ୍ରଭାବ କେବଳ ନିର୍ବାଚନରେ ସୀମିତ ନୁହେଁ । ଏକ ଅଦ୍ୟତନ ଏବଂ ସଠିକ୍ ଭୋଟର ତାଲିକା ଶାସନ ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରିଥାଏ । ଅନେକ ସମୟରେ ଜନସଂଖ୍ୟା ସମ୍ବନ୍ଧୀୟ ନୀତି ପ୍ରସ୍ତୁତି, ସାମାଜିକ ଯୋଜନା ଏବଂ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ପାଇଁ ଭୋଟର ତାଲିକା ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଦର୍ଭ ଭାବେ ବ୍ୟବହୃତ ହୁଏ । ତେଣୁ ଏକ ଠିକ୍ ଭୋଟର ତାଲିକା ଶାସନର ଗୁଣବତ୍ତାକୁ ମଧ୍ୟ ଉନ୍ନତ କରିପାରେ ।

ତଥାପି ଏହି ପ୍ରକ୍ରିୟା କିଛି ଚ୍ୟାଲେଞ୍ଜରୁ ମୁକ୍ତ ନୁହେଁ । ଅନେକ ଦୂରଦୁରାନ୍ତ ଅଞ୍ଚଳରେ ଲୋକମାନଙ୍କ ମଧ୍ୟରେ ସଚେତନତାର ଅଭାବ ରହିଛି । ପ୍ରବାସୀ ଶ୍ରମିକ, ଅନ୍ୟ ଜିଲ୍ଲାରେ ପଢୁଥିବା ଛାତ୍ରଛାତ୍ରୀ, ବୟସ୍କ ନାଗରିକ ଏବଂ ଦୁର୍ଗମ ଅଞ୍ଚଳର ବାସିନ୍ଦାମାନେ ନିଜ ନିଜର ତଥ୍ୟ ଅଦ୍ୟତନ କରିବାରେ ବହୁ ସମୟରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏହି ସମସ୍ୟାର ସମାଧାନ ପାଇଁ ବ୍ୟାପକ ଜନସଚେତନତା ଅଭିଯାନ, ସ୍ଥାନୀୟ ସଂଗଠନମାନଙ୍କ ସହଯୋଗ ଏବଂ ପ୍ରଶାସନିକ ସମ୍ବେଦନଶୀଳତା ଆବଶ୍ୟକ ।

ଏହି କ୍ଷେତ୍ରରେ ଗଣମାଧ୍ୟମ, ସ୍ୱେଚ୍ଛାସେବୀ ସଂଗଠନ, ପଞ୍ଚାୟତ ଅନୁଷ୍ଠାନ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟମାନେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇପାରିବେ । ପ୍ରଥମ ଥର ଭୋଟ ଦେବାକୁ ଯାଉଥିବା ଯୁବପିଢ଼ିଙ୍କୁ ପଞ୍ଜୀକରଣ ପାଇଁ ଅନୁପ୍ରାଣୀତ କରିବା, ଅସହାୟ ଏବଂ ପ୍ରାନ୍ତିକ ବର୍ଗଙ୍କୁ ଆବଶ୍ୟକ ଦଲିଲ ସଂଗ୍ରହରେ ସହାୟତା କରିବା ଏବଂ ଭୋଟର ସଚେତନତା ବୃଦ୍ଧି କରିବା ଗଣତନ୍ତ୍ରକୁ ଆହୁରି ସୁଦୃଢ଼ କରିବ ।

ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତ୍ତା (AI), ଭୌଗୋଳିକ ସୂଚନା ପ୍ରଣାଳୀ (GIS), ତଥ୍ୟ ବିଶ୍ଳେଷଣ ଏବଂ ଉନ୍ନତ ଡିଜିଟାଲ ସତ୍ୟାପନ ପ୍ରଣାଳୀର ବ୍ୟବହାର ଭୋଟର ତାଲିକା ପରିଚାଳନାକୁ ଅଧିକ ଦକ୍ଷ କରିପାରିବ । ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ବ୍ୟବସ୍ଥା ସହ ଭୋଟର ତଥ୍ୟର ସମନ୍ୱୟ ହେଲେ ଅନେକ ତ୍ରୁଟି ସ୍ୱୟଂଚାଳିତ ଭାବେ ସଂଶୋଧିତ ହୋଇପାରିବ । ତେବେ ଏହି ସମସ୍ତ ପ୍ରଯୁକ୍ତିଗତ ଉନ୍ନତି ସହିତ ବ୍ୟକ୍ତିଗତ ଗୋପନୀୟତା ଓ ନାଗରିକ ଅଧିକାରର ସୁରକ୍ଷାକୁ ସମାନ ଗୁରୁତ୍ୱ ଦେବା ଆବଶ୍ୟକ ।

ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତ୍ତା (AI), ଭୌଗୋଳିକ ସୂଚନା ପ୍ରଣାଳୀ (GIS), ତଥ୍ୟ ବିଶ୍ଳେଷଣ ଏବଂ ଉନ୍ନତ ଡିଜିଟାଲ ସତ୍ୟାପନ ପ୍ରଣାଳୀର ବ୍ୟବହାର ଭୋଟର ତାଲିକା ପରିଚାଳନାକୁ ଅଧିକ ଦକ୍ଷ କରିପାରିବ । ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ବ୍ୟବସ୍ଥା ସହ ଭୋଟର ତଥ୍ୟର ସମନ୍ୱୟ ହେଲେ ଅନେକ ତ୍ରୁଟି ସ୍ୱୟଂଚାଳିତ ଭାବେ ସଂଶୋଧିତ ହୋଇପାରିବ । ତେବେ ଏହି ସମସ୍ତ ପ୍ରଯୁକ୍ତିଗତ ଉନ୍ନତି ସହିତ ବ୍ୟକ୍ତିଗତ ଗୋପନୀୟତା ଓ ନାଗରିକ ଅଧିକାରର ସୁରକ୍ଷାକୁ ସମାନ ଗୁରୁତ୍ୱ ଦେବା ଆବଶ୍ୟକ ।

(ଶ୍ରୀ ମିଶ୍ର ଭାରତୀୟ ପ୍ରଶାସନିକ ସେବାର ଜଣେ ଅଭିଜ୍ଞ ଅବସରପ୍ରାପ୍ତ ଅଧିକାରୀ ଓ ଲେଖକ)

# ସାଂସାରିକ ଜୀବନରେ ନବଧା ଭକ୍ତିର ପ୍ରୟୋଗ

ଡ. ସନ୍ତୋଷ କୁମାର ପଣ୍ଡା

ଆଜିର ବ୍ୟସ୍ତବହୁଳ, ଯାନ୍ତ୍ରିକ ଓ ମାନସିକ ଚାପଗ୍ରସ୍ତ ସଂସାରରେ ମଣିଷ ସୁଖ-ଶାନ୍ତି ଖୋଜି ବ୍ୟାକୁଳ ହେଉଛି । ଆଧୁନିକ ଜୀବନଶୈଳୀ ଆମକୁ ଭୌତିକ ସମୃଦ୍ଧି ତ ଦେଇଛି, କିନ୍ତୁ ଭିତରର ଆଧ୍ୟାତ୍ମିକ ଶୂନ୍ୟତାକୁ ଦୂର କରିପାରିନାହିଁ । ଏହି ପରିପ୍ରେକ୍ଷୀରେ, ଶ୍ରୀମଦ୍ଭାଗବତ ମହାପୁରାଣରେ ବର୍ଣ୍ଣିତ 'ନବଧା ଭକ୍ତି' କେବଳ ପୂଜାଗୃହରେ ସୀମିତ ନରହି, ଆମର ଦୈନନ୍ଦିନ ସାଂସାରିକ ଜୀବନକୁ ସରସ, ସୁନ୍ଦର ଓ ଶାନ୍ତିପୂର୍ଣ୍ଣ କରିବାର ଏକ ଅମୋଘ ମାଧ୍ୟମ ହୋଇପାରେ ।

ଶ୍ରୀମଦ୍ଭାଗବତର ସପ୍ତମ ସ୍କନ୍ଧରେ ଭକ୍ତ ପ୍ରହ୍ଲାଦଙ୍କ ମୁଖରେ ନବଧା ଭକ୍ତିର ସ୍ୱରୂପ ଏପରି ବର୍ଣ୍ଣନା କରାଯାଇଛି:-ଶ୍ରୀମଦ୍ ଭାଗବତ (୭ମ ସ୍କନ୍ଧ, ୫ମ ଅଧ୍ୟାୟ, ଶ୍ଳୋକ ୨୩ ଓ ୨୪):-

ଶ୍ରବଣଂ କୀର୍ତ୍ତନଂ ବିଷ୍ଣୋଃ ସ୍ମରଣଂ ପାଦସେବନମ୍ ।
ଅର୍ଚ୍ଚନଂ ବନ୍ଦନଂ ଦାସ୍ୟଂ ସଖ୍ୟମାତ୍ମନିବେଦନମ ।
ଇତି ପୁଂସାର୍ପିତା ବିଷ୍ଣୌ ଭକ୍ତିଶ୍ଚେନ୍ନବଲକ୍ଷଣା ।
କ୍ରିୟେତ ଭଗବତ୍ୟଦ୍ଧା ତନ୍ମନ୍ୟେଧୀତମୁତ୍ତମମ୍ଭ

ସହଜ ଓଡ଼ିଆ ଅର୍ଥ:ଭଗବାନ ବିଷ୍ଣୁଙ୍କ ସମ୍ବନ୍ଧରେ ଶ୍ରବଣ, କୀର୍ତ୍ତନ, ସ୍ମରଣ, ପାଦସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟ, ସଖ୍ୟ ଏବଂ ଆତ୍ମନିବେଦନ - ଏହି ନଅ ପ୍ରକାର ଲକ୍ଷଣଯୁକ୍ତ ଭକ୍ତିକୁ ଯଦି ଜଣେ ମଣିଷ ସିଧାସଳଖ ଭଗବାନଙ୍କଠାରେ ଅର୍ପଣ କରେ, ତେବେ ମୁଁ ତାହାକୁ ହିଁ ସବୁଠାରୁ ଉତ୍ତମ ଶିକ୍ଷା ବୋଲି ମନେକରେ । (ଏହା ଭକ୍ତ ପ୍ରହ୍ଲାଦ ନିଜ ପିତାଙ୍କୁ କହିଥିଲେ) ।

ଏହି ନଅଟି ଭକ୍ତିର ଅଙ୍ଗକୁ ଆମେ ଆଜିର ସାଂସାରିକ ଜୀବନରେ କିପରି ପ୍ରୟୋଗ କରିପାରିବା, ଆସନ୍ତୁ ପୁରାଣର ଉଦାହରଣ ସହ ଆଲୋଚନା କରିବା ।

୧) ଶ୍ରବଣମ୍ (ଭଗବତ୍ କଥା ଓ ସଦ୍‌ଗୁଣ ଶ୍ରବଣ)- ସାଂସାରିକ ଜୀବନରେ ଆମେ ପ୍ରତିଦିନ ଅନେକ ନକାରାତ୍ମକ ଖବର, ସମାଲୋଚନା ଓ କୋଳାହଳ ଶୁଣୁ, ଯାହା ଆମ ମନକୁ ବିଚଳିତ କରେ । 'ଶ୍ରବଣ' ଭକ୍ତିର ଅର୍ଥ ହେଉଛି ଜାଣିଶୁଣି ମନକୁ ସକାରାତ୍ମକ ଓ ଆଧ୍ୟାତ୍ମିକ ଚିନ୍ତାଧାରା ଆଡ଼କୁ ମୋଡ଼ିବା ।

ପୁରାଣର ଉଦାହରଣ: ମହାରାଜା ପରୀକ୍ଷିତ ମାତ୍ର ସାତ ଦିନର ଆୟୁଷ ଥାଇ ସୁଦ୍ଧା ଶୁକଦେବଙ୍କ ମୁଖରୁ କେବଳ ଶ୍ରୀମଦ୍ଭାଗବତ ଶ୍ରବଣ କରି ମୋକ୍ଷ ଲାଭ କରିଥିଲେ ।

ଆଧୁନିକ ପ୍ରୟୋଗ: ଆଜିର ସମୟରେ ଗାଡ଼ି ଚଳାଇବା ବେଳେ, ରୋଷେଇ କରିବା ବେଳେ ବା ବିଶ୍ରାମ ସମୟରେ ମୋବାଇଲରେ କୌଣସି ଅପ୍ରାସଙ୍ଗିକ ଜିନିଷ ନଶୁଣି ସୁନ୍ଦର ଭଜନ, ପ୍ରବଚନ କିମ୍ବା ମନକୁ ଶାନ୍ତି ଦେଉଥିବା ସାହିତ୍ୟ ଶ୍ରବଣ କରିବା ଉଚିତ । ଏହା ମାନସିକ ଚାପ ହ୍ରାସ କରେ ।

୨) କୀର୍ତ୍ତନମ୍ (ନାମ ଓ ଗୁଣ ସଂକୀର୍ତ୍ତନ)- କୀର୍ତ୍ତନର ଅର୍ଥ କେବଳ ତାଳ-ମୃଦଙ୍ଗ ନେଇ ଗାଇବା ନୁହେଁ, ବରଂ ନିଜର ବାଣୀକୁ ପବିତ୍ର ରଖିବା । ସଂସାରରେ ରହି ସତ୍ୟ ଓ ମଧୁର ବଚନ କହିବା ମଧ୍ୟ କୀର୍ତ୍ତନ ।

ପୁରାଣର ଉଦାହରଣ: ଦେବର୍ଷି ନାରଦ ନିରନ୍ତର 'ନାରାୟଣ ନାରାୟଣ' ଗାନ କରି ତ୍ରିଲୋକରେ ଭକ୍ତିର ପ୍ରସାର କରୁଥିଲେ ।

ଆଧୁନିକ ପ୍ରୟୋଗ: ପରିବାର ଓ କର୍ମକ୍ଷେତ୍ରରେ ପରନିନ୍ଦା, ଗୁଜବ ଓ କଟୁ ବାକ୍ୟ ପରିହାର କରି ଅନ୍ୟମାନଙ୍କ ସଦ୍‌ଗୁଣର ପ୍ରଶଂସା କରିବା ଏବଂ କିଛି ସମୟ ଈଶ୍ୱରଙ୍କ ନାମ ଜପ କରିବା ହେଉଛି ଆଜିର କୀର୍ତ୍ତନ ।

୩) ସ୍ମରଣମ୍ (ନିରନ୍ତର ସ୍ମରଣ)- କର୍ମମୟ ଜୀବନରେ ଈଶ୍ୱରଙ୍କୁ ଭୁଲିଯିବା ସ୍ୱାଭାବିକ । କିନ୍ତୁ ପ୍ରତିଟି କାର୍ଯ୍ୟ ମଧ୍ୟରେ ଈଶ୍ୱରୀୟ ସତ୍ତାକୁ ମନେରଖିବା ହିଁ ସ୍ମରଣ ।

ପୁରାଣର ଉଦାହରଣ: ଭକ୍ତ ପ୍ରହ୍ଲାଦଙ୍କ ପିତା ହିରଣ୍ୟକଶିପୁ ଅନେକ ନିର୍ଯାତନା ଦେଇଥିଲେ ମଧ୍ୟ ସେ ପ୍ରତିଟି ମୁହୂର୍ତ୍ତରେ, ପ୍ରତିଟି ବିପଦରେ କେବଳ ଭଗବାନ ହରିଙ୍କୁ ହିଁ ସ୍ମରଣ କରୁଥିଲେ ।

ଆଧୁନିକ ପ୍ରୟୋଗ: କାର୍ଯ୍ୟାଳୟରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ବା ପରୀକ୍ଷା ହଲକୁ ଯିବା ପୂର୍ବରୁ ଆଖି ବନ୍ଦ କରି ଏକ ମିନିଟ୍ ପାଇଁ ସେହି ପରମଶକ୍ତିଙ୍କୁ ସ୍ମରଣ କରିବା । ଏହା ଆତ୍ମବିଶ୍ୱାସ ବଢ଼ାଇଥାଏ ।

୪) ପାଦସେବନମ୍ (ସେବା ମନୋଭାବ)- ଭଗବାନଙ୍କ ଚରଣ ସେବାର ବ୍ୟାପକ ଅର୍ଥ ହେଉଛି ଏହି ସୃଷ୍ଟିର ପ୍ରତିଟି ଜୀବ ମଧ୍ୟରେ ଈଶ୍ୱରଙ୍କୁ ଦେଖି ସେମାନଙ୍କର ସେବା କରିବା ।

ପୁରାଣର ଉଦାହରଣ: ମାତା ଲକ୍ଷ୍ମୀ ନିରନ୍ତର ସେବା ମନୋଭାବରେ ପ୍ରଭୁ ବିଷ୍ଣୁଙ୍କ ପାଦସେବା କରନ୍ତି ।

ଆଧୁନିକ ପ୍ରୟୋଗ: ନିଜ ବୃଦ୍ଧ ପିତାମାତାଙ୍କ ସେବା କରିବା, କାର୍ଯ୍ୟକ୍ଷେତ୍ରରେ ନିଜ ଦାୟିତ୍ୱକୁ ନିଷ୍ଠାର ସହ ତୁଲାଇବା ଏବଂ ସମାଜର ଅବହେଳିତ ଶ୍ରେଣୀକୁ ସାହାଯ୍ୟ କରିବା ହିଁ ପ୍ରକୃତ ପାଦସେବନ ।

୫) ଅର୍ଚ୍ଚନମ୍ (ପୂଜା ଓ ବିଧିବିଧାନ)-ଆମର ସାଧନ ଓ ସାମର୍ଥ୍ୟ ଅନୁସାରେ ଈଶ୍ୱରଙ୍କୁ ଶ୍ରଦ୍ଧା ଅର୍ପଣ କରିବା । ସାଂସାରିକ ଜୀବନରେ ଆମେ ଯାହା ବି ଉପାର୍ଜନ କରୁଛୁ, ତାହାକୁ ପବିତ୍ର ଭାବରେ ବ୍ୟବହାର କରିବା ଅର୍ଚ୍ଚନର ଅନ୍ତର୍ଗତ ।

ପୁରାଣର ଉଦାହରଣ: ମହାରାଜା ପୃଥୁ ନିଜର ଶାସନକାଳ ମଧ୍ୟରେ ଯଜ୍ଞ ଓ ପୂଜାର୍ଚ୍ଚନା ଦ୍ୱାରା ଭଗବାନଙ୍କୁ ସନ୍ତୁଷ୍ଟ କରିଥିଲେ ।

ଆଧୁନିକ ପ୍ରୟୋଗ: ଘରେ ପରିଷ୍କାର-ପରିଚ୍ଛନ୍ନତା ରଖିବା, ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଏକ ଦୀପ ଜାଳି ପରିବାର ସହ ସମବେତ ପ୍ରାର୍ଥନା କରିବା । ଏହାଦ୍ୱାରା ଗୃହରେ ସକରାତ୍ମକ ଶକ୍ତିର ସଞ୍ଚାର ହୁଏ ।

୬) ବନ୍ଦନମ୍ (ନତମସ୍ତକ ହେବା/କୃତଜ୍ଞତା)-ଅହଂକାରର ତ୍ୟାଗ କରି ସମସ୍ତଙ୍କ ସମ୍ମୁଖରେ ନମ୍ର ହେବା ଏବଂ ପ୍ରକୃତି ତଥା ଈଶ୍ୱରଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ହେଉଛି ବନ୍ଦନା ।

ପୁରାଣର ଉଦାହରଣ: ଭକ୍ତ ଅକ୍ରୁର ଯେତେବେଳେ ଶ୍ରୀକୃଷ୍ଣଙ୍କୁ ଆଣିବାକୁ ବୃନ୍ଦାବନ ଗଲେ, ସେ ସେଠାକାର ମାଟିରେ ଶ୍ରୀକୃଷ୍ଣଙ୍କ ପାଦଚିହ୍ନ ଦେଖି ସେହି ଧୂଳିରେ ଲୋଟିପଡ଼ି ବନ୍ଦନା କରିଥିଲେ ।

ଆଧୁନିକ ପ୍ରୟୋଗ: ପ୍ରତିଦିନ ସକାଳେ ଉଠିବା ପରେ ଏହି ସୁନ୍ଦର ଜୀବନ ପାଇଁ ଭଗବାନଙ୍କୁ ଧନ୍ୟବାଦ ଦେବା । ନିଜର ସଫଳତା ପାଇଁ ଅହଂକାର ନକରି ନମ୍ର ରହିବା ।

୭) ଦାସ୍ୟମ୍ (ସେବକ ଭାବ)-ଆମେ ନିଜକୁ ସଂସାରର ମାଲିକ ନଭାବି ଭଗବାନଙ୍କର ଜଣେ ନିମିତ୍ତ ମାତ୍ର ବା ସେବକ ବୋଲି ଭାବିବା ଉଚିତ ।

ପୁରାଣର ଉଦାହରଣ: ମହାବୀର ହନୁମାନଙ୍କ ଦାସ୍ୟ ଭକ୍ତି ଅତୁଳନୀୟ । ସେ ନିଜକୁ ସର୍ବଦା ପ୍ରଭୁ ଶ୍ରୀରାମଙ୍କ ଦାସ ବୋଲି ପରିଚୟ ଦେଉଥିଲେ ।

ଆଧୁନିକ ପ୍ରୟୋଗ: ଶିକ୍ଷକ ନିଜକୁ ଶିକ୍ଷାର ସେବକ, ଡାକ୍ତର ନିଜକୁ ରୋଗୀର ସେବକ ଏବଂ ପରିବାରର ମୁଖ୍ୟ ନିଜକୁ ପରିବାରର ସେବକ ମନେକରି କାର୍ଯ୍ୟ କଲେ କୌଣସି କାର୍ଯ୍ୟ ବୋଝ ପରି ମନେହେବ ନାହିଁ ।

୮) ସଖ୍ୟମ୍ (ମିତ୍ରତା ଭାବ)-ଭଗବାନଙ୍କୁ ଦୂରରେ ନଖୋଜି ତାଙ୍କୁ ନିଜର ସବୁଠାରୁ ଆପଣାର ସଖା ବା ବନ୍ଧୁ ଭାବରେ ଗ୍ରହଣ କରିବା ।

ପୁରାଣର ଉଦାହରଣ: ଅର୍ଜୁନ ଓ ସୁଦାମା ଭଗବାନ ଶ୍ରୀକୃଷ୍ଣଙ୍କୁ ନିଜର ସଖା ଭାବେ ପାଇଥିଲେ । ସେଥିପାଇଁ ଅର୍ଜୁନ ଯୁଦ୍ଧକ୍ଷେତ୍ରରେ ନିଜର ସମସ୍ତ ସନ୍ଦେହ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ପ୍ରକାଶ କରିପାରିଥିଲେ ।

ଆଧୁନିକ ପ୍ରୟୋଗ: ଯେତେବେଳେ ଆମେ ସଂସାରରେ ନିଜକୁ ଏକା ଅନୁଭବ କରୁ କିମ୍ବା କୌଣସି ଦୁଃଖ କାହାକୁ କହି ପାରୁନାହୁଁ, ସେତେବେଳେ ଈଶ୍ୱରଙ୍କୁ ନିଜର ସଖା ଭାବି ମନର ସବୁ କଥା କହିଦେବା ଉଚିତ । ଏହାଦ୍ୱାରା ମନ ହାଲୁକା ହୁଏ ।

୯) ଆତ୍ମନିବେଦନମ୍ (ପୂର୍ଣ୍ଣ ସମର୍ପଣ)- ନିଜର ସମସ୍ତ ସଫଳତା, ବିଫଳତା, ସୁଖ ଓ ଦୁଃଖକୁ ଈଶ୍ୱରଙ୍କ ଚରଣରେ ସମର୍ପଣ କରିଦେବା । ଗୀତାରେ ଭଗବାନ କହିଛନ୍ତି- 'କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ' ।

ପୁରାଣର ଉଦାହରଣ: ଭକ୍ତବର ବଳି ମହାରାଜା ଭଗବାନ ବାମନଦେବଙ୍କୁ ନିଜର ସମସ୍ତ ସମ୍ପତ୍ତି ସହ ନିଜକୁ ମଧ୍ୟ ସମର୍ପଣ କରି ଦେଇଥିଲେ ।

ଆଧୁନିକ ପ୍ରୟୋଗ: ନିଜର ସର୍ବଶ୍ରେଷ୍ଠ ପ୍ରଚେଷ୍ଟା କରିବା ପରେ ଫଳାଫଳକୁ ଚିନ୍ତା ନକରି ଭଗବାନଙ୍କ ଉପରେ ଛାଡ଼ିଦେବା । ଏହି ମନୋଭାବ ଆମକୁ ମାନସିକ ଅବସାଦ ଓ ଚିନ୍ତାରୁ ମୁକ୍ତି ଦିଏ ।

ନବଧା ଭକ୍ତି କେବଳ ସନ୍ନ୍ୟାସୀ ବା ଜଙ୍ଗଲକୁ ଯାଉଥିବା ଲୋକଙ୍କ ପାଇଁ ନୁହେଁ । ଏହା ସଂସାରରେ ରହି ସୁସ୍ଥ ମାନସିକତା ସହ ଜୀବନ ଜିଇଁବାର ଏକ ମନୋବୈଜ୍ଞାନିକ ଓ ପ୍ରାୟୋଗିକ ମାର୍ଗ । ଯଦି ଆମେ ଆଜିର ସମୟରେ ଏହି ନଅଟି ସୂତ୍ରରୁ କେବଳ ଗୋଟିଏ ବା ଦୁଇଟିକୁ ମଧ୍ୟ ଆମ ଆଚରଣରେ ପ୍ରୟୋଗ କରିପାରିବା, ତେବେ ଆମର ସାଂସାରିକ ଜୀବନ କ୍ରୋଧ, ଈର୍ଷା ଓ ଚାପରୁ ମୁକ୍ତ ହୋଇ ପ୍ରେମ, ଶାନ୍ତି ଓ ଆନନ୍ଦରେ ଭରିଯିବ ।

କଟକ, ମୋ-୮୨୪୯୦୨୧୪୨୪

# ଅନ୍ତରର ଶୁଦ୍ଧତା ଲୋଡ଼ା

ଅଜିତ କୁମାର ଶବର

ଜଣେ ସନ୍ଥ ଶିଷ୍ୟଙ୍କ ସହ ଗଙ୍ଗା ନଦୀ କୂଳରେ ବସିଥିଲେ । ସେମାନଙ୍କର ଅନତି ଦୂରରେ ଜଣେ ବ୍ୟକ୍ତି ଗଙ୍ଗାରେ ସ୍ନାନ କରୁଥାନ୍ତି । ବେଶ୍ ଦୀର୍ଘ ସମୟ ଗଙ୍ଗାରେ ବୁଡ଼ ପକାଇବା ପରେ ଉପରକୁ ଆସି ଲୁଗାପଟା ପିନ୍ଧି ଭୋଜନ ଉଦ୍ଦେଶ୍ୟରେ ବସି ପଡ଼ିଲେ । ଠିକ୍ ଏହି ସମୟରେ ଜଣେ ଭିକାରୀ ଆସି ପହଞ୍ଚିଲା ତାଙ୍କ ପାଖରେ । ସେ କିଛି ଖାଇବାକୁ ମାଗିଲା ।

ବିଚରା ବ୍ୟକ୍ତି ଜଣକ ବିରକ୍ତ ହୋଇ ଭିକାରୀକୁ ଧିକ୍କାର କଲେ । ଏମିତିକି ତାଙ୍କୁ ଠେଲି ବିଦା କରିଦେଲେ । ଏହା ଦେଖି ସନ୍ଥ ଜଣକ କହିଲେ- ଗଙ୍ଗା ସ୍ନାନର ପୁଣ୍ୟ ତ ବହୁତ ଦେଖିଛି, ଆଜି ପାପ ବି ଦେଖିଲି ।

ଶିଷ୍ୟ କୌତୁହଳି ହୋଇ ଗୁରୁଙ୍କ କଥାର ରହସ୍ୟ ଜାଣିବାକୁ ଚାହିଁବାରୁ ସନ୍ଥ କହିଲେ- 'କେବଳ ବାହାର ଶରୀର ପରିଷ୍କାର ହେଲେ କିଛି ଫଳ ମିଳେନା, ମନ ଭିତରେ ଜମିଥିବା ମଇଳା ପରିଷ୍କାର ହେବା ଦରକାର, ଯାହା ହୃଦୟରେ, ଦୁଃଖୀରଙ୍କି ପାଇଁ ଦୟା ଟିକେ ନାହିଁ, ସେ ପୁଣ୍ୟ ନୁହେଁ, କେବଳ ପାପ ଅର୍ଜନ କରିଥାନ୍ତି । ଆଧ୍ୟାତ୍ମିକତାର ସାଥୀ, ଜମାକରି ରଖିଥିବା ଟଙ୍କା ନୁହେଁ । ଅନ୍ତରାତ୍ମାର ଶୁଦ୍ଧତା ହିଁ ଟଙ୍କାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ।

ଗବେଷକ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର, ମୋ-୬୩୭୦୩୯୩୨୫୨

# ଜାତୀୟ ସିଏ ଛାତ୍ର ସମ୍ମିଳନୀ "ଲକ୍ଷ୍ୟ ୨୦୨୬"ର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଦି ଇନ୍ସଟିଚିଉଟ ଅଫ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ ଅଫ ଇଣ୍ଡିଆ (ଆଇସିଏଆଇ)ର ବୋର୍ଡ ଅଫ୍ ଷ୍ଟଡିଜ୍




(ଅପରେସନ୍ସ) ଦ୍ୱାରା ଆୟୋଜିତ ଏବଂ ଆଇସିଏଆଇ ଭୁବନେଶ୍ୱର ଶାଖା ପକ୍ଷରୁ ଆୟୋଜିତ ଦୁଇ ଦିନିଆ ଜାତୀୟ ସିଏ ଛାତ୍ର ସମ୍ମିଳନୀ – "ଲକ୍ଷ୍ୟ ୨୦୨୬" ଆଜି ଭୁବନେଶ୍ୱରସ୍ଥିତ କିଟ୍ ଅଡିଟୋରିୟମ୍ ଠାରେ ଭବ୍ୟ ଭାବରେ ଆରମ୍ଭ ହୋଇଛି । ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ଏକ ହଜାରରୁ ଅଧିକ ସିଏ ଛାତ୍ରଛାତ୍ରୀ ଏଥିରେ ଯୋଗଦେଇଛନ୍ତି । ଏହି ସମ୍ମିଳନୀକୁ ଓଡିଶାର ମହାମହିମ ରାଜ୍ୟପାଳ ଡ଼ଃ ହରି ବାବୁ କାମ୍ଭମପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ନିଜ ଅଭିଭାଷଣରେ ସେ କହିଥିଲେ ଯେ ଭବିଷ୍ୟତରେ ସଫଳ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶୃଙ୍ଖଳା, ନୈତିକତା, ନିଷ୍ଠା ଓ ନିରନ୍ତର ଶିକ୍ଷା ଗ୍ରହଣର ମନୋଭାବ ରହିବା ଅତ୍ୟନ୍ତ ଆବଶ୍ୟକ । ସେ ଯୁବ ସିଏମାନଙ୍କୁ ଭାରତର ଆର୍ଥିକ ବିକାଶରେ ନିଜ ଭୂମିକା ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ । ଉଦଘାଟନ ପରେ ଦୁଇ ଦିନିଆ ସମ୍ମିଳନୀର ବିଭିନ୍ନ ଜ୍ଞାନବର୍ଦ୍ଧକ ଓ ବୃତ୍ତିଗତ ଅଧିବେଶନ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଡାଇରେକ୍ଟ ଟ୍ୟାକ୍ସେସନ୍, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ଅଡିଟ୍ ଆଣ୍ଡ ଆସ୍ୟୁରେନ୍ସ ଉପରେ ବିଶେଷ ଅଧିବେଶନ ହେଉଛି । ଏଥିରେ ଇନକମ ଟ୍ୟାକ୍ସ ଆକ୍ଟ ୨୦୨୫, ଭର୍ଚୁଆଲ ଆସେଟ୍ସ ଟ୍ୟାକ୍ସେସନ୍, ଇଓ ଆଧାରିତ କମ୍ପ୍ଲାଏନ୍ସ, ଫରେନ୍ସିକ ଆକାଉଣ୍ଟିଂ, ଫ୍ରଡ୍ ଡିଟେକ୍ସନ୍ ଓ ଷ୍ଟାଟ୍ୟୁଟୋରି ଅଡିଟ୍ ଭଳି ବିଷୟ ଉପରେ ଆଲୋଚନା କରାଯାଉଛି । ସନ୍ଧ୍ୟାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ଦ୍ୱିତୀୟ ଦିନ (୧୩ ଜୁନ) ରେ ଅଭ୍ୟାସ ବ୍ୟତୀତ କ୍ୟାରିଅର ସୁଯୋଗ, ଆର୍ଥିକ ରିପୋର୍ଟିଂ, ଋଝଏ ଏବଂ ସ୍ଥିରତା, ଭାରତ ବିକାଶ କାହାଣୀ ୨୦୪୭, ପ୍ରେରଣା ଏବଂ ବୃତ୍ତିଗତ ଶୃଙ୍ଖଳାଉପରେ ଅଧିବେଶନ ହେବ । ଏହାସହ "ସଂଖ୍ୟା ଏବଂ ଆଖ୍ୟାନ: ଲକ୍ଷ୍ୟର ପୁନଃକଳ୍ପନା"ଉପରେ ବିଶେଷ ସେସନ୍ ଓ ସନ୍ଧ୍ୟାରେ ଭାଲେଡିକ୍ଟୋରି ସେସନ୍ ସହ ସମ୍ମିଳନୀର ସମାପନ ହେବ । ଦେଶର ବିଭିନ୍ନ ପ୍ରାନ୍ତରୁ ଏକ ହଜାରରୁ ଅଧିକ ସି.ଏ. ଛାତ୍ରଛାତ୍ରୀଙ୍କୁ ଏକତ୍ର କରିଥିବା ଏହି ସମ୍ମିଳନୀର ଲକ୍ଷ୍ୟ ହେଉଛି ଯୁବ ସି.ଏ. ମାନଙ୍କୁ ଆଧୁନିକ ବୃତ୍ତିଗତ ଜ୍ଞାନ, ନୂତନ ପ୍ରଯୁକ୍ତି ଓ ଭବିଷ୍ୟତ ସୁଯୋଗ ସମ୍ବନ୍ଧରେ ସଚେତନ କରାଇବା ।

## ଗଛରେ ପିଟି ହୋଇ କେନାଲରେ ପଶିଗଲା ହାଇୱା

ବାରଙ୍ଗ,(ସବ୍ୟୁ): ଭାରସାମ୍ୟ ହରାଇ କେନାଲ ଭିତରକୁ ପଶିଲା ହାଇୱା। ଗୁରୁବାର ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ଏକ ଦୃତଗାମୀ ହାଇୱା ଷଣ୍ଢପୁର ନିକଟରେ ପୁରୀ ମେନ କେନାଲ ଭିତରକୁ ପଶିଯାଇଛି । ଗାଡ଼ିଟି ଦୃତଗତିରେ ବାରଙ୍ଗରୁ ଗୋଡିସାହି ପଟକୁ ଆସିବା ବେଳେ ଏହି ଦୁର୍ଘଟଣା ଘଟିଛି ।ତେବେ ଅଧିକ ରାତି ହୋଇଥିବାରୁ ଚାଳକର ଆଖି ଲାଗିଯିବାରୁ ଗାଡ଼ିଟି ରାସ୍ତା କଡ଼ରେ ଥିବା ଏକ ଗଛରେ ମାଡ ହୋଇ କେନାଲ ମଧ୍ୟକୁ ପଶିଯାଇଥିବାର କୁହାଯାଇଛି । ସୌଭାଗ୍ୟବଶତଃ ଦୁର୍ଘଟଣାରେ କାହାର କୌଣସି କ୍ଷତି ହୋଇନାହିଁ । ଦୁର୍ଘଟଣା ପରେ ଚାଳକ ଫେରାର ହୋଇଯାଇଥିବାର ଜଣାପଡିଛି । ଖବର ପାଇ ଗୋଡିସାହି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି ।

### ଆଇଏନ୍‌ଡବ୍ଲ୍ୟୁଇସି ରଜ ମଉଜ ଉଦ୍‌ଘାଟିତ

## ସାମିଲ ହେଲେ ରାଜନେତା, କଳାକାର, ମହିଳା ଉଦ୍ୟୋଗୀ

ଭୁବନେଶ୍ୱର, (ସବ୍ୟୁ): ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ମହିଳା ଉଦ୍ୟୋଗୀତା ପରିଷଦ (ଆଇଏନଡବ୍ଲ୍ୟୁଇସି) ପକ୍ଷରୁ ଜୟଦେବ ବିହାର ସ୍ଥିତ ହୋଟେଲ ପାଲ ହାଇଟ୍ସରେ ତନି ଦିନିଆ ରଜ ମଉଜ ଉଦଘାଟିତ ହୋଇଯାଇଛି। ଏହି ମହୋତ୍ସବ ମହିଳା ଉଦ୍ୟୋଗୀ, ପ୍ରିୟଦର୍ଶୀ ମିଶ୍ର, ଆଇସିସି ଅଧ୍ୟକ୍ଷ ରାଜୀବ ସାହୁ, ଆଇଏନଡବ୍ଲ୍ୟୁଇସି ଆବାହିକା ସ୍ୱାତୀ କେଜରିୱାଲ, ସହ ଆବାହିକା ସୁମା ଦେବୀ ଦାଶ ଏବଂ ଆଇସିସି ଓଡିଶା ଶାଖା ଆଞ୍ଚଳିକ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ପାଲ ଯୋଗଦେଇଥିଲେ। ସମାବେଶକୁ ସମ୍ବୋଧିତ କରି ସାଂସଦ ଶ୍ରୀମତୀ




କାରିଗର, କଳାକାର, ସାଂସ୍କୃତିକ ଅଭ୍ୟାସକାରୀ, ନୀତି ନିର୍ଦ୍ଧାରକ ଏବଂ ଶିଳ୍ପ ନେତୃବୃନ୍ଦଙ୍କୁ ଗୋଟିଏ ମଞ୍ଚରେ ଏକତ୍ରିତ କରି ଓଡ଼ିଶାର ଐତିହ୍ୟକୁ ପାଳନ କରିବା ସହିତ ଉଦ୍ୟୋଗୀତା, ଆର୍ଥିକ ସଶକ୍ତିକରଣ ଏବଂ ଭୋକାଲ ଫର ଲୋକାଲ ଭାବନାକୁ ପ୍ରୋତ୍ସାହିତ କରିବ। ଉଦ୍‌ଘାଟନୀ ଉତ୍ସବରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭୁବନେଶ୍ୱର ମେୟର ସୁଲୋଚନା ଦାସ, କଟକ-ବାରବାଟୀ ବିଧାୟକ ସୋଫିଆ ଫିରଦୌସ,ପୂର୍ବତନ ବିଧାୟକ ତଥା ବିଜେପି ନେତା ଷଡ଼ଙ୍ଗୀ କହିଥିଲେ, 'ଓଡିଶାର ସାଂସ୍କୃତିକ ଐତିହ୍ୟ ଆମର ସବୁଠାରୁ ବଡ଼ ଶକ୍ତି ମଧ୍ୟରୁ ଗୋଟିଏ। ରଜ ମଉଜ ଭଳି ପଦକ୍ଷେପ କେବଳ ଆମର ପରମ୍ପରାକୁ ସଂରକ୍ଷଣ ଏବଂ ପ୍ରୋତ୍ସାହିତ କରେ ନାହିଁ ବରଂ ମହିଳା ଉଦ୍ୟୋଗୀ ଏବଂ ସ୍ଥାନୀୟ ବ୍ୟବସାୟ ପାଇଁ ଅର୍ଥପୂର୍ଣ୍ଣ ଆର୍ଥିକ ସୁଯୋଗ ମଧ୍ୟ ସୃଷ୍ଟି କରେ। ଆମର ସାଂସ୍କୃତିକ ପରିଚୟ ଏବଂ ଓଡ଼ିଶାର ଭବିଷ୍ୟତ ଗଠନରେ ମହିଳାମାନଙ୍କ ବର୍ଦ୍ଧିତ ଅବଦାନକୁ ପାଳନ କରୁଥିବା ଏକ ମଞ୍ଚ ଦେଖିବା ଉତ୍ସାହଜନକ।

ସମାବେଶରେ ଆଇସିସି ଅଧ୍ୟକ୍ଷ ରାଜୀବ ସାହୁ ଏକ ପ୍ରଗତିଶୀଳ ଓଡ଼ିଶା ଗଠନରେ ଉଦ୍ୟୋଗିତା, ସହଯୋଗ ଏବଂ ସାଂସ୍କୃତିକ ସଂରକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସ୍ୱାତୀ କେଜରିୱାଲ କହିଥିଲେ ଯେ ରଜ ମଉଜକୁ ଏକ ଉତ୍ସବ ଭାବରେ କଳ୍ପନା କରାଯାଇଛି ଯାହା ମହିଳା ଉଦ୍ୟୋଗୀ, କାରିଗର ଏବଂ ସ୍ରଷ୍ଟାଙ୍କ ପାଇଁ ଅର୍ଥପୂର୍ଣ୍ଣ ସୁଯୋଗ ସୃଷ୍ଟି କରିବା ସହିତ ଓଡ଼ିଶାର ସାଂସ୍କୃତିକ ପରିଚୟକୁ ମଜବୁତ କରିଥାଏ। ସମ୍ମାନିତ ଅତିଥିମାନେ ସଂସ୍କୃତି, ବାଣିଜ୍ୟ ଏବଂ ସମ୍ପ୍ରଦାୟ ସମ୍ପୃକ୍ତିକୁ ସୁଗମ ଭାବରେ ମିଶ୍ରଣ କରୁଥିବା ଏକ ଅନନ୍ୟ ପ୍ଲାଟଫର୍ମ ସୃଷ୍ଟି କରିବାରେ ଆଇଏନଡବ୍ଲ୍ୟୁଇସିର ପ୍ରୟାସକୁ ପ୍ରଶଂସା କରିଥିଲେ। ମହୋତ୍ସବରେ 'ଏଣ୍ଟରପ୍ରାଇଜ୍ ଓଡ଼ିଶା: ମହିଳା, ବଜାର ଏବଂ ଆଗକୁ ରାସ୍ତା ବିଷୟର ଚିନ୍ତାପ୍ରବଣ ପ୍ୟାନେଲ୍ ଆଲୋଚନା ମଧ୍ୟ ଆୟୋଜନ କରାଯାଇଥିଲା। ସୃଜନଶୀଳ ଏବଂ ସାଂସ୍କୃତିକ ଆଲୋଚନା 'ଓଡ଼ିଆ ସଂସ୍କୃତିରେ ସଙ୍ଗୀତ ଏବଂ ସିନେମାର ଭୂମିକା' ପ୍ୟାନେଲ୍ ଆଲୋଚନା ସହିତ ଜାରି ରହିଥିଲା। ଯେଉଥିରେ ପ୍ରଶଂସିତ ଚଳଚ୍ଚିତ୍ର ନିର୍ମାତା ଏବଂ ପ୍ରଯୋଜକ ଜିତେନ୍ଦ୍ର ମିଶ୍ର, ବରିଷ୍ଠ ଅଭିନେତା ସିଦ୍ଧାନ୍ତ ମହାପାତ୍ର ଏବଂ ନୃତ୍ୟଗୁରୁ ଶାଶ୍ୱତ ଯୋଶୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ପ୍ରାକ୍-ରେରା ପ୍ରକଳ୍ପ ଗୁଡ଼ିକ ପାଇଁ ଆପାର୍ଟମେଣ୍ଟ ପଞ୍ଜୀକରଣ ପ୍ରକ୍ରିୟା ସରଳୀକରଣ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଘର କ୍ରେତା, ଜମି ମାଲିକ ଏବଂ ପ୍ରମୋଟରମାନଙ୍କୁ ଏକ ବଡ଼ ଆଶ୍ୱସ୍ତି ଦେଇ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାଦ୍ୱାରା ୫ ଅକ୍ଟୋବର, ୨୦୧୬ ରେ ରିଅଲ୍ ଇଷ୍ଟେଟ୍ (ରେଗୁଲେସନ୍ ଆଣ୍ଡ ଡେଭେଲପମେଣ୍ଟ) ଆକ୍ଟ ବା 'ରେରା' ଲାଗୁ ହେବା ପୂର୍ବରୁ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପଗୁଡ଼ିକରେ ଆପାର୍ଟମେଣ୍ଟ ୟୁନିଟ୍ ଗୁଡ଼ିକର ପଞ୍ଜୀକରଣ ସହଜ ହୋଇପାରିବ । ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ପୁରୁଣା ଆପାର୍ଟମେଣ୍ଟ ପ୍ରକଳ୍ପଗୁଡ଼ିକରେ କ୍ରେତା ଏବଂ ଅଂଶୀଦାରମାନେ ସାମ୍ନା କରୁଥିବା ଦୀର୍ଘଦିନର ପଞ୍ଜୀକରଣ ସମସ୍ୟାର ସମାଧାନ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ । ଓଡ଼ିଶା ଗେଜେଟ୍‌ର ଅସାଧାରଣ ସଂଖ୍ୟାରେ ପ୍ରକାଶିତ ଏହି ସ୍ୱତନ୍ତ୍ର ନିର୍ଦ୍ଦେଶନାମା, ପୂର୍ବରୁ ଥିବା ଦସ୍ତାବିଜ୍ ଏବଂ ନିୟମାନୁପାଳନ ଜନିତ ସମସ୍ୟାଗୁଡ଼ିକୁ ଦୂର କରିବା ପାଇଁ ଏକ ସ୍ପଷ୍ଟ ଆଇନଗତ ଆଧାର ପ୍ରଦାନ କରୁଛି, ଯାହା ଅନେକ ଆପାର୍ଟମେଣ୍ଟ ୟୁନିଟ୍‌ର ପଞ୍ଜୀକରଣରେ ବାଧା ସୃଷ୍ଟି କରୁଥିଲା ।

ମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ, ଆପାର୍ଟମେଣ୍ଟ ମାଲିକାନା ଏବଂ ପରିଚାଳନାରେ ଅଧିକ ସ୍ୱଚ୍ଛତା ଓ ଦକ୍ଷତା ଆଣିବା ପାଇଁ ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଏବଂ ପରିଚାଳନା) ଅଧିନିୟମ, ୨୦୨୩ ପ୍ରଣୟନ କରାଯାଇଥିଲା। ତଥାପି, ପ୍ରାକ୍-ରେରା ପ୍ରକଳ୍ପଗୁଡ଼ିକରେ ବହୁ ସଂଖ୍ୟକ ଆପାର୍ଟମେଣ୍ଟ କ୍ରେତା ହସ୍ତାନ୍ତର ଦଲିଲ ପଞ୍ଜୀକରଣ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଯଦିଓ ୩ ଡିସେମ୍ବର, ୨୦୨୫ ରେ ଜାରି ହୋଇଥିବା ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ବ୍ୟକ୍ତିଗତ ଆଲଟିମାନଙ୍କୁ ଆଶ୍ୱସ୍ତି ଦେଇଥିଲା, କିନ୍ତୁ ପ୍ରମୋଟର ଏବଂ ଜମି ମାଲିକଙ୍କ ପାଖରେ ରହିଯାଇଥିବା ଆପାର୍ଟମେଣ୍ଟଗୁଡ଼ିକ ଏହାର ପରିସରଭୁକ୍ତ ହୋଇନଥିଲା ।

ଏହି ସମସ୍ୟାର ସମାଧାନ ପାଇଁ ସରକାର 'ଓଡ଼ିଶା ଆପାର୍ଟମେଣ୍ଟ ଆକ୍ଟ, ୨୦୨୩' ର ଧାରା ୩୫ ଅନ୍ତର୍ଗତ ତାଙ୍କ କ୍ଷମତାର ପ୍ରୟୋଗ କରିଛନ୍ତି ଏବଂ ଯୋଗ୍ୟ ପ୍ରକଳ୍ପଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର ଛାଡ଼ ବ୍ୟବସ୍ଥା ଆରମ୍ଭ କରିଛନ୍ତି, ଯାହାଫଳରେ ଏଭଳି ଆପାର୍ଟମେଣ୍ଟଗୁଡ଼ିକର ପଞ୍ଜୀକରଣ ସମ୍ଭବ ହେବ ଏବଂ ଦୀର୍ଘ ଦିନରୁ ପଡ଼ି ରହିଥିବା ପୁରୁଣା ମାମଲାଗୁଡ଼ିକର ସମାଧାନ ହୋଇପାରିବ । ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଅନୁଯାୟୀ, ଏହି କୋହଳ ବ୍ୟବସ୍ଥା କେବଳ ୫ ଅକ୍ଟୋବର, ୨୦୧୬ ପୂର୍ବରୁ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପଗୁଡ଼ିକର ଆପାର୍ଟମେଣ୍ଟ ପାଇଁ ଲାଗୁ ହେବ । ଏହି ସୁବିଧା କେବଳ ସେହି କ୍ଷେତ୍ରରେ ଉପଲବ୍ଧ ହେବ ଯେଉଁଠାରେ ପ୍ରକଳ୍ପର ଅତିକମରେ ୫୦ ପ୍ରତିଶତ ଆପାର୍ଟମେଣ୍ଟ ୟୁନିଟ୍ ରେରା କଟ୍-ଅଫ୍ ତାରିଖ କିମ୍ବା ତା' ପୂର୍ବରୁ ପଞ୍ଜୀକୃତ ବିକ୍ରୟ ଦଲିଲ ମାଧ୍ୟମରେ ହସ୍ତାନ୍ତର କରାଯାଇ ସାରିଥିବ । ସ୍ୱଚ୍ଛତା ସୁନିଶ୍ଚିତ କରିବା ଏବଂ କ୍ରେତାମାନଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ, ପ୍ରମୋଟର କିମ୍ବା ଜମି ମାଲିକମାନଙ୍କୁ ପ୍ରକଳ୍ପ ପରିସର ମଧ୍ୟରେ ଅନୁମୋଦିତ ବିଲ୍ଡିଂ ପ୍ଲାନକୁ ସ୍ପଷ୍ଟ ଭାବରେ ପ୍ରଦର୍ଶିତ କରିବାକୁ ହେବ । ଅବଶିଷ୍ଟ ବିକ୍ରି ହୋଇନଥିବା ଆପାର୍ଟମେଣ୍ଟର ପ୍ରଥମ ବିକ୍ରୟ ଦଲିଲ ପଞ୍ଜୀକରଣ ପୂର୍ବରୁ, ଆଲଟି ଆସୋସିଏସନ ଠାରୁ ଏକ ଅନାପତ୍ତି ପ୍ରମାଣପତ୍ର ହାସଲ କରିବାକୁ ହେବ, ଯାହା ପ୍ରମାଣିତ କରିବ ଯେ ଅନୁମୋଦିତ ପ୍ଲାନରେ ଥିବା ଆପାର୍ଟମେଣ୍ଟ ନମ୍ବର ସଠିକ୍ ଅଛି। ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ସମସ୍ତ ଯୋଗ୍ୟତା ସର୍ତ୍ତ ପୂରଣ କରୁଥିବା ନେଇ ଏକ ଅଣ୍ଡରଟେକିଂ ମଧ୍ୟ ଦାଖଲ କରିବାକୁ ହେବ ।

### ଶିଖରପୁରରେ ଖୋଲିଲା ରେଷ୍ଟୁରାଣ୍ଟ କସ୍ତୁରୀ

## ରଜରେ ରଜଦୋଳି ସହ ପୋଡ ପିଠାର ମଜା ନେବେ ଗ୍ରାହକ



କଟକ, (ସ୍ୱପ୍ର): ଶିଖରପୁର ସ୍ଥିତ ତଥାସ୍ତୁ କନଭେନସନ ଏବଂ ହୋଟେଲରେ କସ୍ତୁରୀ ରେଷ୍ଟୁରାଣ୍ଟ ଲୋକାର୍ପିତ ହୋଇଯାଇଛି । ଏହି ଲୋକାର୍ପିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ସୌର୍ଯ୍ୟ ସୁନ୍ଦର ଦାସ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକା ପ୍ରତିମା ଶତପଥୀ ପ୍ରମୁଖ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ । ୩ ହଜାର ବର୍ଗଫୁଟ ପରିମିତ ଜାଗାରେ ନିର୍ମିତ ଶୀତତାପ ରେଷ୍ଟୁରାଣ୍ଟରେ ଓଡ଼ିଆ, ଭାରତୀୟ, ଚାଇନିଜ୍, ଦକ୍ଷିଣ ଭାରତୀୟ, କଣ୍ଟିନେଣ୍ଟାଲ ପ୍ରଭୃତି ସୁସ୍ୱାଦୁ ବ୍ୟଞ୍ଜନର ରୋଷେଇ ଖାଦ୍ୟ ମିଳିପାରିବ । ରଜପର୍ବ ଅବସରରେ ଗ୍ରାହକମାନେ ସପରିବାର ଆସି ରଜ ଦୋଳି ସହ ପୋଡ଼ ପିଠା ଓ ରଜପାନର ମଜା ନେଇପାରିବେ ବୋଲି ହୋଟେଲର ଜେନେରାଲ ମ୍ୟାନେଜର ଦାମୋଦର ପତି କହିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଦୀପ ସିହ୍ନା ସଂଯୋଜନା କରିଥିଲେ ।

### ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି

## ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ, ପୋଷଣ ଅଭିଯାନରେ ସ୍ମାର୍ଟଫୋନ ବଣ୍ଟନ

କଟକ, (ସ୍ୱପ୍ର): ସ୍ଥାନୀୟ ଓଡିଆବଜାର ସ୍ଥିତ ନେତାଜୀ ସଂସ୍କୃତି ଭବନଠାରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଉଦଘାଟନ ସହ ପୋଷଣ ଅଭିଯାନ ଅଧୀନରେ ସ୍ମାର୍ଟ ଫୋନ ବଣ୍ଟନର ଶୁଭାରମ୍ଭ ହୋଇଛି । ଏଥିରେ ଅଙ୍ଗନବାଡି କର୍ମୀଙ୍କୁ ସ୍ମାର୍ଟ ଫୋନ ବଣ୍ଟନ କରାଯାଇଛି । ପ୍ରାରମ୍ଭରେ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ ହୋଇଥିବା ଭିଡ଼ିଓ ଏବଂ ସଂଗୀତ ପରିବେଷଣ କରାଯାଇଥିଲା । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବରେଣ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ବିଧାୟକ ଛବି ମଲ୍ଲିକ ଯୋଗଦେଇ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ସମସ୍ତ ଯୋଜନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସରକାରଙ୍କ ମୂଳଲକ୍ଷ୍ୟ । ଅନ୍ୟତମ ବରେଣ୍ୟ ଅତିଥି ଭାବେ ବିଧାୟକ ଇଂ.ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ସରକାରଙ୍କ ସମସ୍ତ ଯୋଜନାରେ ମା' ମାନେ କିଭଳି ଉପକୃତ ହୋଇ ସ୍ୱାବଲମ୍ବୀ ହୋଇ ପାରିଛନ୍ତି ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ମହିଳା ଏବଂ ଶିଶୁ ବିକାଶ ବିଭାଗର "ପୋଷଣ ଯୋଜନା' ଅଧୀନରେ ମହିଳାମାନଙ୍କୁ ସଶକ୍ତ ଓ ଡିଜିଟାଲ୍ ଦୁନିଆ ସହ ଯୋଡ଼ିବା ପାଇଁ ୧୦ ଟି ସ୍ମାର୍ଟଫୋନ୍ ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଉପସ୍ଥିତ ୫ ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି । ଏହି ଅବସରରେ କେନ୍ଦ୍ରାପଡା ସାଂସଦଙ୍କ ପ୍ରତିନିଧି ଚୌଧୁରୀ ହେମନ୍ତ କୁମାର ସାହୁ, ଜିଲ୍ଲା ଯୋଗାଣ ଅଧିକାରୀ ଚନ୍ଦ୍ରଶେଖର ପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରଶ୍ମିତା ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲାପାଳ ଡଃ ଇଂତା ପ୍ରିୟଦର୍ଶିନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ସିପେଟ୍ ପକ୍ଷରୁ ରକ୍ତଦାନ ଶିବିର



ଭୁବନେଶ୍ୱର (ସବ୍ୟୁ): ବିଶ୍ୱ ରକ୍ତଦାନ ଦିବସ ପାଳନ ହେବାକୁ ଥିବାବେଳେ ସିପେଟ୍:ସିଏସ୍ ଟିସ ପକ୍ଷରୁ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଛି । ଏହି ଅବସରରେ ସିପେଟ୍ ର ମୁଖ୍ୟ ତଥା ସେଣ୍ଟର ଇନ୍‌ଚାର୍ଜ ଜୟନ୍ତ କୁମାର ଦାସଙ୍କ ଉଦ୍ୟମରେ କେନ୍ଦ୍ରୀୟ ରେଡ୍ କ୍ରସ୍ ବ୍ଲଡ୍ ବ୍ୟାଙ୍କ, କଟକ ସହାୟତାରେ ଏହି ଶିବିରର ଅନୁଷ୍ଠିତ ହୋଇଥିଲା। ସିପେଟର ଛାତ୍ରଛାତ୍ରୀମାନେ ଏବଂ ଶିକ୍ଷ୍ୟକଗଣ ଉତ୍ସାହର ସହ ମିଳିତ ଭାବେ ରକ୍ତଦାନ କରିଥିଲେ। ଏହି ରକ୍ତଦାନ ଶିବିର କାର୍ଯ୍ୟକ୍ରମର ମୁଖ୍ୟଅତିଥି ଲଳିତେନ୍ଦୁ ମହାନ୍ତିଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା ଏବଂ ସିପେଟର ଏହି ସମୟୋ ଉପଯୋଗି ପଦକ୍ଷେପକୁ ସେ ଖୁବ୍ ପ୍ରଶଂସା କରିଥିଲେ। ଶାଖା ମୁଖ୍ୟ ଜୟନ୍ତ କୁମାର ଦାସ୍ ରକ୍ତଦାନର ମହତ୍ତ୍ୱ ଏବଂ ଜରୁରୀ କାଳିନ ପରିସ୍ଥିତିରେ ଏହା ବହୁମୁଲ୍ୟ ଜୀବନ ରକ୍ଷାରେ ସହାୟକ ବୋଲି ସମସ୍ତ ଛାତ୍ରଛାତ୍ରୀମାନରଙ୍କୁ ବୁଝାଇ ଥିଲେ । ରକ୍ତଦାନ କରିଥିବା ସମସ୍ତ ୩୦ ଜଣ ଛାତ୍ରଛାତ୍ରୀ ତଥା ଶିକ୍ଷାଗଣମାନଙ୍କୁ ଶ୍ରୀ ଦାସ ଧନ୍ୟବାଦ ଦେଇଥିଲେ ଏବଂ କାର୍ଯ୍ୟକ୍ରମର ପରିଶେଷରେ କେନ୍ଦ୍ରୀୟ ରେଡ୍ କ୍ରସ୍ ବ୍ଲଡ୍ ବ୍ୟାଙ୍କ, କଟକ ତରଫରୁ ସିପେଟକୁ ମାନପତ୍ର ଦ୍ୱାରା ସନ୍ନମାନିତ ମଧ୍ୟ କରାଯାଇଥିଲେ।

## ଦଶପଲ୍ଲା ବିଡ଼ିଓ ଙ୍କ ଅଫିସ ଗାଡି ଉପରେ ପଥର ମାଡ଼

ଦଶପଲ୍ଲା (ସବ୍ୟୁ): ଶୁକ୍ରବାର ମଧ୍ୟାହ୍ନ ସମୟ ରେ ଦଶପଲ୍ଲା ବିଡ଼ିଓ ଶରତ ଚନ୍ଦ୍ର ମଲ୍ଲିକ ଙ୍କ ଅଫିସ ଗାଡି ଉପରେ ହୋଇଛି ପଥର ମାଡ । ଦୁଇଜଣ ଦୁର୍ବୃତ୍ତ ବାଇକରେ ଆସି ଏହି ପଥର ମାଡ଼ କରି ଫେରାର ହୋଇ ଯାଇଥିବା ବେଳେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି ବିଡ଼ିଓ ଏବଂ ଗାଡି ଚଳାଉଥିବା ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି । ଘଟଣାରୁ ଜଣାଯାଏ ବିଡ଼ିଓ ଶ୍ରୀ ମଲ୍ଲିକ ଏସ ଆଇ ଆର କାମ ସହ ଘରପୋଡି ଯାଇଥିବା ନଛିପୁର ପଞ୍ଚାୟତ ବିଡାପାଙ୍କୁ ଗ୍ରାମର କବିରାଜ ମୁଦୁଲିଙ୍କ ଘରକୁ ଯାଇ କିଛି ସହାୟତା ପ୍ରଦାନ କରି ଫେରୁଥିବା ବେଳେ ନଛିପୁର ଛକ ଠାରେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ଗାଡି ଉପରକୁ ପଥର ଫୋପା ଥିଲେ ।ଫଳରେ ଗାଡି କାଚ ଭାଙ୍ଗି ଯିବା ସହ ଡ୍ରାଇଭର ସାମାନ୍ୟ ଆହତ ହୋଇଥିଲେ । ଅନ୍ୟ ପାଶ୍ୱର୍ରେ ବିଭିନ୍ନ ସମୟରେ ବିଡ଼ିଓ ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କ ନିକଟତର ହେଉଥିବା ବେଳେ ବ୍ଲକର ବିଭିନ୍ନ ଅଞ୍ଚଳରେ ହୋଇଥିବା ବିକାଶ ମୂଳକ କାର୍ଯ୍ୟର ତଦାରଖ କରୁଛନ୍ତି । ଏପରିକି ସେହି କାର୍ଯ୍ୟଗୁଡିକର ବିଲ ହେବାରେ ବିଳମ୍ବ ହେଉଛି । ଯାହାକୁ ନେଇ ବିଜେଡ଼ି ସମର୍ଥିତ ପଞ୍ଚାୟତ ସମିତି ଅଧ୍ୟକ୍ଷା ,ପଞ୍ଚାୟତ ପ୍ରତିନିଧି ଓ ଜିଲ୍ଲାପରିଷଦ ସଦସ୍ୟ ବିଡ଼ିଓଙ୍କ କାର୍ଯ୍ୟକୁ ବିରୋଧ କରି ଆସୁଛନ୍ତି । ଏପରିକି ଜିଲ୍ଲାପାଳ ଙ୍କ ନିକଟରେ ଅଧ୍ୟକ୍ଷା ବିଡ଼ିଓ ଙ୍କ ବିରୋଧ ରେ ଫେରାଦ ହୋଇଛନ୍ତି । ଏଣୁ ଅଧ୍ୟକ୍ଷା ସମର୍ଥିତ ଦୁର୍ବୃତ୍ତ ଏଭଳି କରିଥାଇ ପାରନ୍ତି ବୋଲି ବିଡ଼ିଓ ପ୍ରକାଶ କରିଛନ୍ତି । ଏପରିକି ଦଶପଲ୍ଲା ପଞ୍ଚାୟତ ସମିତିରେ ବିଡ଼ିଓ ଓ ଅଧ୍ୟକ୍ଷାଙ୍କ ମଧ୍ୟରେ ବିବାଦ ଲାଗି ରହିଥିବା ବେଳେ ଆଗକୁ ଏବେ ବିଡ଼ିଓ ଙ୍କ ଗାଡିକୁ ପଥର ମାଡ଼ କେଉଁ ମୋଡ଼ ନେଉଛି ତାହା ଦେଖିବାକୁ ବାକି ରହିଛି । ଏ ନେଇ ବିଡ଼ିଓ ଦଶପଲ୍ଲା ଥାନାରେ ଅଭିଯୋଗ କଲାପରେ ମାମଲା ରୁଜୁ କରାଯାଇଛି ।

## ସୋଆ ଏସ୍‌ଏଚ୍‌ଏମ୍ ପକ୍ଷରୁ ରଜ ପିଠା ପ୍ରତିଯୋଗିତା

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଗଣପର୍ବ ରଜ ଉପଲକ୍ଷେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଂଟ



(ଏସ୍‌ଏଚ୍‌ଏମ୍) ପକ୍ଷରୁ ଶୁକ୍ରବାର ରଜ ପିଠା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ଯୁବତୀ ଓ ମହିଳାମାନେ ପ୍ରସ୍ତୁତ କରି ଆଣିଥିବା ବିଭିନ୍ନ ପ୍ରକାର ପିଠା ପ୍ରଦର୍ଶିତ ହୋଇଥିଲା। ପ୍ରାୟ ୩୦ ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଭିନ୍ନ ପ୍ରକାରର ପୋଡପିଠା ଯଥା ସପୁରୀ ଚାଉଳ ପୋଡପିଠା, କଖାରୁ ପୋଡପିଠା, ଚାଉଳ ପୋଡପିଠା, କ୍ଷୀର ପୋଡପିଠା, ବିରି ପୋଡପିଠା, ଛତୁ ପୋଡପିଠା, ମହୁଲ ପୋଡପିଠା, ମାଣ୍ଡିଆ ପୋଡପିଠା, ଅମୃତ ଭଣ୍ଡା ପୋଡପିଠା ଓ ଲାଉ ପୋଡପିଠା ଏହି ପ୍ରତିଯୋଗିତାରେ ପ୍ରଦର୍ଶିତ କରାଯାଇଥିଲା। ସେହିପରି ବୁଢା ଚକୁଳି, ଛେନାମଣ୍ଡା, ବିରି ଖଜା, ସୋୟାବିନ୍ ଛୁଙ୍କ, ଜାମୁକୋଳି ଚିତଉ ପିଠା, ଆମ୍ବ କାକରା, ଚନ୍ଦ୍ରକାନ୍ତି, ସୁଜି ସିଝା ମଣ୍ଡା, ପୁରଦିଆ ମଣ୍ଡା, ସୁଜି କାକରା, ଗୁଡ଼ ଓ ଚିନି ଆରିଷା ପିଠା, ପାଲୁଅ ମଣ୍ଡା, କ୍ଷୀର ଗଇଁଠା, ଜାମୁକୋଳି ମିଠା, ଜାମୁନ୍ ମଣ୍ଡା, ଜାମୁନ୍ ମୋଦକ, ଗାଜର ଚିତଉ, ମାଣ୍ଡିଆ କନ୍ଦମୂଳ ରସାବଳୀ, ମାଣ୍ଡିଆ ଖିରି ଗଇଁଠା, ମାଣ୍ଡିଆ ପିଠା, ମାଣ୍ଡିଆ କାକରା, ଆମ୍ବ ଚିତଉ, ବେଲ ପିଠା, କଦମ୍ବ ପିଠା, ଆରିସା ମୁଆଁ ପିଠା, ଛେନା ଫୁଲ, ଏଣ୍ଡୁରୀ, ମାଣ୍ଡିଆ ମଣ୍ଡା, ନଡିଆ ମୋଦକ, ଖୁଆ ଗଇଁଠା ପିଠା, ଅପରାଜିତା ଗଇଁଠା ପିଠାଖିରୀ, ସାଗୁ ରସାବଳି, ଆମ୍ବ କାକରା, ଭୃଷଙ୍ଗ ପତ୍ର ଚକୁଳି ଭଳି ଅନେକ ପ୍ରକାରର ପିଠା ପ୍ରଦର୍ଶିତ ହୋଇଥିଲା।

ଏହି ମହିଳାମାନଙ୍କର ରୋଷେଇ ଦକ୍ଷତାକୁ ପରଖିବା ପାଇଁ ବିଚାରକ ଭାବେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଂଟର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି, ଲାଇଫ୍ ହୋଟେଲ ଭୁବନେଶ୍ୱରର ଏଚ୍‌ଆର ହେଡ୍ ଜଚ୍ଚିଦର ଜେନା, ସେଫ୍ ସତ୍ୟସୌଭନ ଲେଙ୍କା ଓ ପ୍ରଫେସର ପତିତପାବନ ଲେଙ୍କା ବିଚାରକ ଭାବେ ଯୋଗଦେଇ ଖାଦ୍ୟର ମାନ ନିରୂପଣ କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରତିଯୋଗୀ ମାନଙ୍କର ଖାଦ୍ୟର ସ୍ୱାଦ, ପ୍ରସ୍ତୁତି, ରୂପ, ପରିବେଷଣ ଓ ଭିନ୍ନତାକୁ ନେଇ ବିଚାର କରାଯାଇଥିଲା। ଏହି ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ପ୍ରୋଗାମ୍ କୋର୍ଡିନେଟର ତଥା ଏସ୍‌ଏଚ୍‌ଏମ୍‌ର ପ୍ରଫେସର (ଡକ୍ଟର) ସ୍ମିତା ସୁଚରିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଝାରସୁଗୁଡାରେ ଗ୍ରାମୀଣ ସମ୍ପ୍ରଦାୟରେ ପୋଷଣକୁ ତ୍ୱରାନ୍ୱିତ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡାରେ ଏହାର କୃଷି-କେନ୍ଦ୍ରିକ ବିକାଶ ପଦକ୍ଷେପ ପ୍ରୋଜେକ୍ଟ ଭେଦଗ୍ରାମ ମାଧ୍ୟମରେ ଏହାର ମୂଳ କାର୍ଯ୍ୟଠାରୁ ଅଧିକ ଅନ୍ତର୍ଭୁକ୍ତ ଅଭିବୃଦ୍ଧିକୁ ଆଗେଇ ନେଉଛି। ଆଧୁନିକ କୃଷି ଇନପୁଟ୍, ଜଳ ସଂରକ୍ଷଣ, ପଶୁପାଳନ ସହାୟତା ଏବଂ ଜୀବିକା ବିବିଧତାର ମିଶ୍ରଣ ମାଧ୍ୟମରେ, ଏହି କାର୍ଯ୍ୟକ୍ରମ ପ୍ରଗତି ପାଇଁ ନୂତନ, ସ୍ଥାୟୀ ପଥ ସୃଷ୍ଟି କରି ଗ୍ରାମୀଣ ସମ୍ପ୍ରଦାୟକୁ ସ୍ଥିରତା ଗଠନ କରିବାରେ ସାହାଯ୍ୟ କରୁଛି। ଗତ ବର୍ଷ ମଧ୍ୟରେ, ପ୍ରୋଜେକ୍ଟ ଭେଦଗ୍ରାମ ୱାଡି ପ୍ରତିଷ୍ଠା, ଧାନ ଚାଷ, ପଶୁପାଳନ ବିକାଶ, କୁକୁଡ଼ା କ୍ଷୁଦ୍ର ଉଦ୍ୟୋଗ ଏବଂ ମାଛ ଚାଷ ସମେତ ବିଭିନ୍ନ ହସ୍ତକ୍ଷେପ ମାଧ୍ୟମରେ ୧୦୦୦ ରୁ ଅଧିକ ଚାଷୀ ଏବଂ ଗ୍ରାମୀଣ ପରିବାରକୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି, ଯାହା ଚାଷୀଙ୍କ ବାର୍ଷିକ ଆୟରେ ଏକ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ଆଣିଛି। ସ୍ଥାୟୀ କୃଷିକୁ ପ୍ରୋତ୍ସାହିତ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ପାଇଁ, ବେଦାନ୍ତ ଆଲୁମିନିୟମ ସ୍ଥାନୀୟ ଚାଷୀଙ୍କ ପାଇଁ ଏକ ମୃତିକା ସଚେତନତା କାର୍ଯ୍ୟକ୍ରମ ଏବଂ ମୃତିକା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ସମ୍ପ୍ରତି ବିଶ୍ୱ କୃଷି ଦିବସ ପାଳନ କରିଛି।



ଏହି ପ୍ରୟାସଟି ମୃତିକା ସଂରକ୍ଷଣକୁ ପ୍ରୋତ୍ସାହିତ କରିବା, ବୈଜ୍ଞାନିକ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା ଏବଂ କୃଷି ଉତ୍ପାଦକତା ଏବଂ ଦୀର୍ଘକାଳୀନ କୃଷି ସ୍ଥାୟୀତ୍ୱରେ ମୃତିକା ସ୍ୱାସ୍ଥ୍ୟର ଭୂମିକା ବିଷୟରେ ସଚେତନତା ବୃଦ୍ଧି କରିବା ଉପରେ ଧ୍ୟାନ ଦେଇଥିଲା।

ଏହି ପଦକ୍ଷେପର ପ୍ରଭାବ ବିଷୟରେ ମତ ଦେଇ, ବେଦାନ୍ତ ଆଲୁମିନିୟମ, ଝାରସୁଗୁଡାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, "ନିରନ୍ତର ବିକାଶ ସମ୍ପ୍ରଦାୟଗୁଡ଼ିକୁ ଆତ୍ମନିର୍ଭରଶୀଳ କରିବା ସହିତ ଆରମ୍ଭ ହୁଏ। ପ୍ରୋଜେକ୍ଟ ଭେଦଗ୍ରାମ ମାଧ୍ୟମରେ, ଆମେ ଗ୍ରାମୀଣ ପରିବାର ସହିତ ଜୀବିକା ନିର୍ବାହକୁ ସୁଦୃଢ଼ କରିବା, କୃଷି ଉତ୍ପାଦକତା ବୃଦ୍ଧି କରିବା ଏବଂ ଦୀର୍ଘକାଳୀନ ସମୃଦ୍ଧି ପାଇଁ ସୁଯୋଗ ସୃଷ୍ଟି କରିବା ପାଇଁ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛୁ। ଆମର ପ୍ରତିବଦ୍ଧତା ଅର୍ଥନୈତିକ ଅଭିବୃଦ୍ଧିଠାରୁ ବିସ୍ତାରିତ, ଆଗାମୀ ପିଢ଼ି ପାଇଁ ଉନ୍ନତି କରିପାରୁଥିବା ସ୍ଥିର ସମ୍ପ୍ରଦାୟ ଗଠନ ଉପରେ ଧ୍ୟାନ ଦେଉଛି।" ଏହି ପ୍ରୟାସ ବିଷୟରେ ସିରିଆପାଲିଗ୍ରାମର ଜଣେ ଚାଷୀ ରାଜେଶ ମାରେଇ କହିଛନ୍ତି, "ଜଳସେଚନ ସହାୟତା ପାଇବା ପୂର୍ବରୁ, ମୋତେ ବର୍ଷା ଉପରେ ନିର୍ଭର କରିବାକୁ ପଡୁଥିଲା ଏବଂ ପ୍ରତିବର୍ଷ କେବଳ ଗୋଟିଏ ଫସଲ ଚାଷ କରିପାରୁଥିଲି। ଆଜି ବେଦାନ୍ତ ଏବଂ ପ୍ରୋଜେକ୍ଟ ଭେଦଗ୍ରାମ ସାହାଯ୍ୟରେ, ମୁଁ ବିଭିନ୍ନ ଋତୁରେ ଅନେକ ଫସଲ ଚାଷ କରିପାରୁଛି, ଯାହା ମୋର ଆୟକୁ ବୃଦ୍ଧି କରିଛି ଏବଂ ଚାଷ ବିପଦକୁ ହ୍ରାସ କରିଛି। ଏହି ସହାୟତା ମୋ ପରିବାରର ଜୀବିକା ଏବଂ ଭବିଷ୍ୟତରେ ପ୍ରକୃତ ପରିବର୍ତ୍ତନ ଆଣିଛି।"

ଆରମ୍ଭ ହେବା ପରଠାରୁ, ପ୍ରୋଜେକ୍ଟ ଭେଦଗ୍ରାମ ଝାରସୁଗୁଡାରେ ପ୍ରାୟ ୨୫ ଏକର ଜମିରେ ୫୦ ଟି ୱାଡି ପ୍ରତିଷ୍ଠା କରିବାରେ ସାହାଯ୍ୟ କରିଛି, ଯାହା ପୂର୍ବରୁ ଅନୁପଯୁକ୍ତ ଜମିକୁ ଆୟକାରୀ ଉଦ୍ୟାନରେ ପରିଣତ କରିଛି। ଜଳ ସୁରକ୍ଷାକୁ ଉନ୍ନତ କରିବା ପାଇଁ, ଏହି ପଦକ୍ଷେପ ୩୫ ଟି ସମ୍ପ୍ରଦାୟ ପୋଖରୀ ଏବଂ ୧୦ ଟି କୃଷି ପୋଖରୀ ନିର୍ମାଣକୁ ମଧ୍ୟ ସମର୍ଥନ କରିଛି, ଯାହା ଜଳସେଚନ ଏବଂ ଜଳ ସଂରକ୍ଷଣ ପାଇଁ ସମ୍ପ୍ରଦାୟର ପ୍ରବେଶକୁ ବୃଦ୍ଧି କରିଛି। ଏହି ପ୍ରକଳ୍ପ ସିରିଆପାଲି ଏବଂ କାଟିକେଲା ଗାଁରେ ସୌରଚାଳିତ ପାନୀୟ ଜଳ ବ୍ୟବସ୍ଥା ସ୍ଥାପନ ମାଧ୍ୟମରେ ଅତ୍ୟାବଶ୍ୟକୀୟ ସେବାଗୁଡ଼ିକର ପ୍ରବେଶକୁ ମଧ୍ୟ ଉନ୍ନତ କରିଛି। ପ୍ରୋଜେକ୍ଟ ଭେଦଗ୍ରାମ ଏହାର ପହଂଚକୁ ବିସ୍ତାର କରିବା ଜାରି ରଖିଥିବାରୁ, ଏହା ଆୟ ବୃଦ୍ଧି, ସମ୍ବଳର ଉପଲବ୍ଧତାକୁ ଉନ୍ନତ କରିବା ଏବଂ ସ୍ଥାୟୀ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରି ଦୃଢ଼ କୃଷି ପରିସଂସ୍ଥା ସୃଷ୍ଟି କରିବାରେ ସାହାଯ୍ୟ କରୁଛି। ଏହିପରି ପଦକ୍ଷେପ ମାଧ୍ୟମରେ, ବେଦାନ୍ତ ଆଲୁମିନିୟମ ଅନ୍ତର୍ଭୁକ୍ତ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ଏହାର ଆଖପାଖରେ ଥିବା ସମ୍ପ୍ରଦାୟ ପାଇଁ ସ୍ଥାୟୀ ମୂଲ୍ୟ ସୃଷ୍ଟି କରିବା ପାଇଁ ପ୍ରତିବଦ୍ଧ।

## ରାଜ୍ୟସଭା ନିର୍ବାଚନ ମାମଲା

# ହସ୍ତକ୍ଷେପ କରିବାକୁ ମନା କଲେ ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ:** ମଧ୍ୟପ୍ରଦେଶରେ ଚାଲିଥିବା ରାଜ୍ୟସଭା ନିର୍ବାଚନ ପ୍ରକ୍ରିୟା ଉପରେ ଅନ୍ତରୀଣ ରହିତାଦେଶ ଜାରି କରିବା ଓ ଫଳାଫଳ ଘୋଷଣା ଉପରେ ପ୍ରତିବନ୍ଧକ ଲଗାଇବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି ବୋଲି ମଧ୍ୟପ୍ରଦେଶରୁ ବିଜେପିର ରାଜ୍ୟସଭା ପ୍ରାର୍ଥୀ ମହେଶ କେୱଟଙ୍କ ଓକିଲ କହିଛନ୍ତି। ଅପରପକ୍ଷେ ଆଇନଜୀବୀ ସଙ୍କେତ ଗୁପ୍ତା ଗୁରୁବାର କହିଛନ୍ତି ଯେ କଂଗ୍ରେସ ନେତ୍ରୀ ମୀନାକ୍ଷୀ ନଟରାଜନଙ୍କ ନାମାଙ୍କନପତ୍ର ଖାରଜକୁ ଚ୍ୟାଲେଞ୍ଜ କରି ତାଙ୍କ ଆବେଦନକୁ ଶୁକ୍ରବାର ତାଲିକାଭୁକ୍ତ କରିବାକୁ କୋର୍ଟ ରାଜି ହୋଇଛନ୍ତି। ଗଣମାଧ୍ୟମକୁ ସମ୍ବୋଧିତ କରି ଆଡଭୋକେଟ୍ ଗୁପ୍ତା କହିଛନ୍ତି, ଅଭିଷେକ ମନୁ ସିଂଘଭି କୋର୍ଟରେ ଏହି ପ୍ରସଙ୍ଗ ଉଲ୍ଲେଖ କରିଥିଲେ, କିନ୍ତୁ କୋର୍ଟ ନିର୍ବାଚନ ପ୍ରକ୍ରିୟାରେ ହସ୍ତକ୍ଷେପ କରିବାକୁ ମନା କରିଦେଇଥିଲେ। କୋର୍ଟ କହିଛନ୍ତି, ଆମେ ଆସନ୍ତାକାଲି ଆପଣଙ୍କ ଶୁଣାଣି କରିବୁ। କିନ୍ତୁ ଆମେ ନିର୍ବାଚନ ପ୍ରକ୍ରିୟାରେ ହସ୍ତକ୍ଷେପ କରିବୁ ନାହିଁ। ଆସନ୍ତାକାଲି ସୁପ୍ରିମକୋର୍ଟରେ ମୀନାକ୍ଷୀ ନଟରାଜନଙ୍କ ଆବେଦନ ଉପରେ ଶୁଣାଣି ହେବାର କାର୍ଯ୍ୟକ୍ରମ ରହିଛି। ମଧ୍ୟପ୍ରଦେଶରେ ରାଜ୍ୟସଭା ନିର୍ବାଚନ ପାଇଁ ତାଙ୍କ ନାମାଙ୍କନପତ୍ର ଖାରଜ ହେବାକୁ ଚ୍ୟାଲେଞ୍ଜ କରି ନଟରାଜନ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ବଜ୍ରପାତ ନେଲା ୩ ଜୀବନ

କାଙ୍କେର୍: ଛତିଶଗଡ଼ର କାଙ୍କେର ଜିଲ୍ଲାରେ ଶୁକ୍ରବାର ସକାଳେ ବଜ୍ରପାତ ହେବାରୁ ଜଣେ ଉପ ସରପଞ୍ଚ ଓ ଅନ୍ୟ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପାଞ୍ଚ ଜଣ ମହିଳା ଆହତ ହୋଇଛନ୍ତି ବୋଲି ଅଧିକାରୀମାନେ କହିଛନ୍ତି। ଏହି ଘଟଣା ଅନ୍ତଗଡ଼ ବିକାଶ ବ୍ଲକ ଅନ୍ତର୍ଗତ କାଲଗାଁଓ ଗାଁରେ ଘଟିଛି।ଗ୍ରାମବାସୀମାନେ ସରକାରୀ ଯୋଜନାରେ ପୋଖରୀ ଖୋଳୁଥିଲେ ବୋଲି ଜଣେ ଅଧିକାରୀ କହିଛନ୍ତି। ବଜ୍ରପାତ ହେବା ସମୟରେ ପୋଖରୀ ଖୋଳା ଯିବା କାର୍ଯ୍ୟରେ ୭୦ ଜଣ ଗ୍ରାମବାସୀ ନିୟୋଜିତ ଥିଲେ। ମୃତକ ଉପ ସରପଞ୍ଚ ମନରାଜ ପଟେଲ, ସନ୍ତୋଷ ପଟେଲ ଓ ପ୍ରକାଶ ପଟେଲ ବୋଲି ଜଣାପଡ଼ିଛି।

## ଦିଲ୍ଲୀ ଆବାସିକ କୋଠାରେ ଭୟଙ୍କର ଅଗ୍ନିକାଣ୍ଡ, ୩ ମୃତ

**ନୂଆଦିଲ୍ଲୀ:** ଶୁକ୍ରବାର ଭୋର ସମୟରେ ଦକ୍ଷିଣ-ପୂର୍ବ ଦିଲ୍ଲୀର ତୁଗଲକାବାଦ ଅଞ୍ଚଳରେ ଥିବା ଏକ ବହୁତଳ ଆବାସିକ କୋଠାରେ ଅଗ୍ନିକାଣ୍ଡ ଘଟିବାରୁ ଜଣେ ୨୨ ବର୍ଷୀୟ ପୁରୁଷ ଓ ଦୁଇ ଜଣ ମହିଳାଙ୍କ ସମେତ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଅଧିକାରୀଙ୍କ କହିବାନୁସାରେ, ତୁଗଲକାବାଦର ଗଳି ନମ୍ବର ୧ରେ ରାତି ପ୍ରାୟ ୨ଟା ୩ ସମୟରେ ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଥିଲା। ଛଅ ମହଲା କୋଠାର ତଳ ମହଲାରେ ପାର୍କିଂ ଅଞ୍ଚଳରେ ନିଆଁ ଲାଗିଥିଲା। ପ୍ରବଳ ଧୂଆଁ ହେତୁ କୋଠା ଭିତରେ ଫସି ରହିଥିବା ଆଠ ଜଣ ବାସିନ୍ଦାଙ୍କୁ ଉଦ୍ଧାର କରାଯାଇ ସଫଦରଜଙ୍ଗ ଡାକ୍ତରଖାନା ଓ ଏମ୍ସ ଟ୍ରମା ସେଣ୍ଟରକୁ ନିଆଯାଇଥିଲା।ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି ଯେ ତଳ ମହଲାରେ ବୈଦ୍ୟୁତିକ ସର୍ଟ ସର୍କିଟ ହେତୁ ନିଆଁ ଲାଗିଥିଲା। ଏହି ନିଆଁ ଶୀଘ୍ର ପାର୍କିଂ ହୋଇଥିବା ସାତଟି ଦୁଇ ଚକିଆ ଯାନକୁ ଧରିଥିଲା, ଯେଉଁଥିରେ ଚାର୍ଜ କରାଯାଉଥିବା ଏକ ଇଲେକ୍ଟ୍ରିକ୍ ସ୍କୁଟର ମଧ୍ୟ ଥିଲା। ସ୍ଥାନୀୟ ପୁଲିସ, ଚାରୋଟି ଅଗ୍ନିଶମ ଦଳ, ସିଏଟିଏସ୍ ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଜରୁରିକାଳୀନ ସେବା ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଅଧିକାରୀମାନେ କହିଛନ୍ତି ଯେ



ଭୋର ପ୍ରାୟ ୩ଟା ୪୫ ସମୟରେ ନିଆଁକୁ ନିୟନ୍ତ୍ରଣକୁ ଅଣାଯାଇଥିଲା ଏବଂ ସକାଳ ୪ଟା ସୁଦ୍ଧା ନିଆଁ ସମ୍ପୂର୍ଣ୍ଣ ଲିଭିଯାଇଥିଲା। ଏବେ ଘଟଣାର ଅଧିକ ଅନୁସନ୍ଧାନ ଜାରି ରହିଛି।

## ଲକ୍ଷ୍ନୌ-ଦିଲ୍ଲୀ ଇଣ୍ଡିଗୋ ବିମାନକୁ ବୋମା ଧମକ

**ଲକ୍ଷ୍ନୌ:** ପ୍ରାୟ ୧୮୦ ଜଣ ଯାତ୍ରୀଙ୍କୁ ନେଇ ଲକ୍ଷ୍ନୌରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବାକୁ ଥିବା ଇଣ୍ଡିଗୋ ବିମାନରେ ବୋମା ଥିବା ନେଇ ଶୁକ୍ରବାର ଏକ ସାଂଘାତିକ ଗୁଜବ ସାମ୍ନାକୁ ଆସିଛି। ବିମାନର ଶୌଚାଳୟ ଭିତରେ ଥିବା ଏକ ଟିସୁ ପେପରରେ "ବମ୍" ଲେଖାଯାଇଥିବା ଦେଖିବାକୁ ମିଳିଥିଲା, ଯାହା ପରେ ବିମାନବନ୍ଦରରେ ସୁରକ୍ଷା ବ୍ୟବସ୍ଥାକୁ ହାଇ-ଆଲର୍ଟ କରାଯାଇଥିଲା। ସୁରକ୍ଷା ଏଜେନ୍ସିଗୁଡ଼ିକର କଡ଼ା ଯାଞ୍ଚ ପରେ ଏହି ଧମକ ସମ୍ପୂର୍ଣ୍ଣ ମିଥ୍ୟା ଓ ଏକ ଗୁଜବ ବୋଲି ପ୍ରମାଣିତ ହୋଇଛି। ସୂଚନା ଅନୁଯାୟୀ, ବିମାନଟି ସକାଳ ୧୦:୪୫ ମିନିଟରେ ଲକ୍ଷ୍ନୌରୁ ଉଡ଼ାଣ ଭରିବାର ଥିଲା, କିନ୍ତୁ ଯାତ୍ରା ଆରମ୍ଭ ହେବାର ଠିକ୍ ପୂର୍ବରୁ ବିମାନ କର୍ମଚାରୀଙ୍କୁ ଏହି ସୂଚନା ମିଳିଥିଲା। ବିମାନକୁ ରନୱେ ଆଡ଼କୁ ନିଆଯିବା ପରିବର୍ତ୍ତେ ତୁରନ୍ତ ଆପ୍ରନରେ ଅଟକାଇ ରଖାଯାଇଥିଲା। ସୁରକ୍ଷା କର୍ମୀ ଓ ବୋମା ... ଚିହ୍ନଟକାରୀ ଦଳ ବିମାନର ସମସ୍ତ ଅଂଶକୁ ସମ୍ପୂର୍ଣ୍ଣ ଭାବେ ସର୍ଚ୍ଚ କରିଥିଲେ ମଧ୍ୟ କୌଣସି ବିସ୍ଫୋରକ କିମ୍ବା ସନ୍ଦେହଜନକ ସାମଗ୍ରୀ ପାଇନଥିଲେ। ତେବେ ଏହି ବାଧ୍ୟତାମୂଳକ ସୁରକ୍ଷା ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଯାତ୍ରୀମାନଙ୍କୁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡ଼ିଥିଲା। ଉଲ୍ଲେଖଯୋଗ୍ୟ ଯେ, ଗତମାସରେ ମଧ୍ୟ ଡିବ୍ରୁଗଡ଼ରୁ କୋଲକାତା ଯାଉଥିବା ଏକ ବିମାନରେ ... ଲିପଷ୍ଟିକରେ ବୋମା ଧମକ ଲେଖାଯିବା ... ଯୋଗୁଁ ଜରୁରୀକାଳୀନ ଅବତରଣ କରିବାକୁ ପଡ଼ିଥିଲା। ଭାରତୀୟ ଆଇନ ଅନୁଯାୟୀ ବିମାନକୁ ଏଭଳି ମିଥ୍ୟା ବୋମା ଧମକ ଦେବା ଏକ ଗମ୍ଭୀର ଅପରାଧ ଏବଂ ଏହି ଘଟଣାରେ ପୋଲିସ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି।



## ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକର ଦୋମୁହାଁ ନୀତି: ବର୍ଷିଲେ ଜୟଶଙ୍କର



**ନୂଆଦିଲ୍ଲୀ:** ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କରପାଶ୍ଚାତ୍ୟ ଦେଶଗୁଡ଼ିକର ଦୋମୁହାଁ ନୀତି ଓ ଆମେରିକାର ବାରମ୍ବାର ବଦଳୁଥିବା ଆଭିମୁଖ୍ୟ ଉପରେ କଡ଼ା ପ୍ରହାର କରିଛନ୍ତି। ଫିନଲ୍ୟାଣ୍ଡ ଗସ୍ତ ସମୟରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସେ ୨୦୨୨ ମସିହାରେ ୟୁକ୍ରେନ ଯୁଦ୍ଧ ପରେ ଭାରତ ଦ୍ୱାରା ରୁଷିଆଠାରୁ ତେଲ କିଣିବା ନିର୍ଣ୍ଣୟକୁ ଜୋରଦାର ସମର୍ଥନ କରିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ ବିଶ୍ୱ ବଜାରରେ ଅଶୋଧିତ ତେଲର ମୂଲ୍ୟକୁ ନିୟନ୍ତ୍ରଣରେ ରଖିବା ପାଇଁ ସ୍ୱୟଂ ଆମେରିକା ହିଁ ଭାରତକୁ ରୁଷିଆଠାରୁ ତେଲ କିଣିବାକୁ ଅନୁରୋଧ କରିଥିଲା। କାର୍ଯ୍ୟକ୍ରମ ଅବସରରେ ଜଣେ ସାମ୍ବାଦିକ ଭାରତକୁ "ରୁଷିଆ ପ୍ରତି ଅଧିକ ସହାନୁଭୂତିଶୀଳ" ବୋଲି ଆକ୍ଷେପ କରିବାରୁ ଜୟଶଙ୍କର ତାଙ୍କୁ ଦୃଢ଼ ଜବାବ ଦେଇ କହିଥିଲେ ଯେ, "ମୁଁ ମୂଲ୍ୟ ଏବଂ ଉପଲବ୍ଧତାକୁ ଦେଖି ତେଲ କିଣିଥାଏ। ସେହି ସମୟରେ ୟୁରୋପୀୟ ଦେଶଗୁଡ଼ିକ ମଧ୍ୟପ୍ରାଚ୍ୟରୁ ମିଳୁଥିବା ତେଲକୁ ସମ୍ପୂର୍ଣ୍ଣ ଭାବେ ନିଜେ କିଣି ନେଇଥିଲେ, ଯାହା ଭାରତର ପାରମ୍ପରିକ ଉତ୍ସ ଥିଲା। ସ୍ଥିତି ଆମକୁ ସେହି ଦିଗକୁ ଯିବାକୁ ବାଧ୍ୟ କରିଥିଲା।" ଆମେରିକାର ପ୍ରତିବନ୍ଧକ ନୀତିକୁ ସମାଲୋଚନା କରି ସେ କହିଛନ୍ତି ଯେ ପ୍ରଥମେ ତେଲ କିଣିବା ପାଇଁ ଭାରତ ଉପରେ ଟାରିଫ୍ ଲଗାଗଲା ଏବଂ ପରେ ପୁଣି ନିଜେ ଆମେରିକା ଏହି କଟକଣା ହଟାଇ ଦେଲା, ତେଣୁ ଏଥିରେ କୌଣସି ମହାନ ନୀତିର ଆଦର୍ଶ ନାହିଁ ଏବଂ ଏହାକୁ ନେଇ ଅଯଥା ନୈତିକତାର ବାହାନା ଦେଖାଇବା ଉଚିତ୍ ନୁହେଁ। ଗତ ବର୍ଷ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ସୀମା ଶୁଳ୍କ ଲଗାଇବା ଯୋଗୁଁ ଭାରତ-ଆମେରିକା ବାଣିଜ୍ୟିକ ସମ୍ପର୍କରେ ସାମାନ୍ୟ ତିକ୍ତତା ଆସିଥିଲା, ଯେଉଁଥିରେ ରୁଷିଆ ତେଲ କିଣିବା ପାଇଁ ୨୫ ପ୍ରତିଶତ ଜରିମାନା ସାମିଲ ଥିଲା। ତେବେ ପରବର୍ତ୍ତୀ ସମୟରେ ଏକ ମଧ୍ୟବର୍ତ୍ତୀକାଳୀନ ଚୁକ୍ତି ଓ ଆମେରିକା ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ ଏହାକୁ କମାଇ ୧୦ ପ୍ରତିଶତ କରାଯାଇଥିଲା। ଇରାନ ଯୁଦ୍ଧ ଆରମ୍ଭ ହେବା ପରେ ବିଶ୍ୱ ବଜାରକୁ ସ୍ଥିର ରଖିବା ପାଇଁ ୱାଶିଂଟନ୍ ନିଜ ଆଡୁ ପ୍ରତିବନ୍ଧକ କୋହଳ କରିଥିଲା। ଭାରତୀୟ ପେଟ୍ରୋଲିୟମ ମନ୍ତ୍ରାଳୟର ସୁଜାତା ଶର୍ମାଙ୍କ କହିବା ଅନୁଯାୟୀ, ଆମେରିକାର ରିହାତି ଥାଉ ବା ନଥାଉ, ଭାରତ ନିଜର ଶକ୍ତି ସୁରକ୍ଷା ଓ ବ୍ୟବସାୟିକ ଲାଭକୁ ଦୃଷ୍ଟିରେ ରଖି ରୁଷିଆଠାରୁ ତେଲ କିଣିବା ଜାରି ରଖିଛି। ଜୟଶଙ୍କର ୟୁରୋପର ନୈତିକ ଆଭିମୁଖ୍ୟକୁ ମଧ୍ୟ ନିନ୍ଦା କରି କହିଛନ୍ତି ଯେ କୌଣସି ୟୁରୋପୀୟ ଦେଶ ଉପରେ ଭାରତୀୟ ଅସ୍ତ୍ରରେ ଆକ୍ରମଣ ହୋଇନାହିଁ, କିନ୍ତୁ ଭାରତ ଉପରେ ଆକ୍ରମଣ ପାଇଁ ୟୁରୋପର ଅସ୍ତ୍ରଶସ୍ତ୍ର ବହୁ ବର୍ଷ ଧରି ବ୍ୟବହାର କରାଯାଇ ଆସୁଛି।

### ବଢ଼ିଲା ଖୁଚୁରା ମୁଦ୍ରାସ୍ଫୀତି

**ନୂଆଦିଲ୍ଲୀ:** ଭାରତର ଖୁଚୁରା ମୁଦ୍ରାସ୍ଫୀତି ମା' ମାସରେ ୩.୯୩%ରେ ପହଞ୍ଚି ଯାଇଛି। ଏପ୍ରିଲରେ ଏହା ୩.୪୮% ରହିଥିଲା। ଦେଶରେ ଖାଦ୍ୟ ଓ ତୈଳ ଦର ବୃଦ୍ଧି ଯୋଗୁ ଏହାର ପ୍ରଭାବ ମୁଦ୍ରାସ୍ଫୀତି ଉପରେ ପଡ଼ିଛି। ଅର୍ଥାତ ଲୋକମାନେ ଆଗକୁ ମହଙ୍ଗା ମାଡ଼ର ସାମ୍ନା କରିବେ ବୋଲି ସରକାର ଦେଇଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି। ମେ' ମାସର ମୁଦ୍ରାସ୍ଫୀତି ଆରବିଆଇର ମଧ୍ୟବର୍ତ୍ତୀକାଳିନ ମୁଦ୍ରାସ୍ଫୀତି ଟାର୍ଗେଟ ପରିସୀମା ଭିତରେ ଏଯାଏ ରହିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଦେଶର ଖୁଚୁରା ମୁଦ୍ରାସ୍ଫୀତି ଫେବୃଆରୀ ମାସରୁ ବୃଦ୍ଧି ପାଇବାରେ ଲାଗିଛି। ଫେବୃଆରୀରେ ଖୁଚୁରା ମୁଦ୍ରାସ୍ଫୀତି ୩.୨୧% ରହିଥିଲା। ମାର୍ଚ୍ଚରେ ଏହା ୩.୪୦%ରେ ପହଞ୍ଚି ଥିଲା।



## ଟ୍ରମ୍ପଙ୍କୁ ମିଛୁଆ କହିଲା ଇରାନ

**ତେହେରାନ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଡିଲ୍ ବୟାନକୁ ମିଛ ବୋଲି ପୁଣି କହିଛି ଇରାନ। ଦିନକ ତଳେ ଇରାନକୁ ନାଲି ଆଖି ଦେଖାଇ ଗୁରୁବାର ରାତିରେ ସବୁଠାରୁ ବଡ଼ ହମଲାର ଧମକ ଦେଇଥିଲେ ଟ୍ରମ୍ପ। କିନ୍ତୁ ରାତି ସମୟରେ ସେ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ କରିଥିଲେ ଓ ଇରାନ ସହ ଗୋଟିଏ 'ମହାନ ବୁଝାମଣା' ଚୂଡ଼ାନ୍ତ ହୋଇଥିବା କହିଥିଲେ। ତେବେ ଟ୍ରମ୍ପଙ୍କ ଏହି ଡିଲ୍ ବୟାନରେ ଆଦୌ ସତ୍ୟତା ନଥିବା କହିଛି ଇରାନ। ଏଯାଏ କୌଣସି ବୁଝାମଣା ଚୂଡ଼ାନ୍ତ ହୋଇ ନାହିଁ ବୋଲି ଇରାନ ସ୍ପଷ୍ଟ କରିବା ସହ ଆମେରିକାକୁ ଚେତାବନୀ ଦେଇଛି। ଇରାନ କହିଛି ଯେ ଏବେ ବି ଶାନ୍ତି ପ୍ରସ୍ତାବ ଦେଶର ନିଷ୍ପତ୍ତି ନେଉଥିବା ନେତୃବୃନ୍ଦଙ୍କ ସମୀକ୍ଷା ପାଇଁ ପଡ଼ି ରହିଛି। ଏଯାଏ କୌଣସି ନିଷ୍ପତ୍ତି ହୋଇ ନାହିଁ। ଇରାନର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ଇସ୍ମାଇଲ ବାଘାଇଙ୍କ କହିବା କଥା ଯେ ବୁଝାମଣା ଚୂଡ଼ାନ୍ତ ହୋଇଥିବା ବେଳେ ଏହା ଦସ୍ତଖତ ଅପେକ୍ଷାରେ ରହିଥିବା ରିପୋର୍ଟ କେବଳ ଗୋଟିଏ ଆକଳନ। କୌଣସି ଚୂଡ଼ାନ୍ତ ବୁଝାମଣା ହୋଇନାହିଁ। ସେ ଆହୁରି କହିଛି ଯେ ବୁଝାମଣା ବିଷୟବସ୍ତୁର ଅଧିକାଂଶ ସର୍ତ୍ତରେ ଏକମତ ପ୍ରକାଶ ପାଇଛି। କିନ୍ତୁ ଆଲୋଚନା ବେଳେ ଆମେରିକା ନିୟମିତ ନିଜର ଆଭିମୁଖ୍ୟ ବଦଳାଇବାରେ ଲାଗିଛି। ଇରାନ କେବେ ହେଲେ ବି ଆମେରିକା ସହ ବୁଝାମଣା ଚୂଡ଼ାନ୍ତ କରିବା ବେଳେ ନିଜର ମୂଳ ଆଭିମୁଖ୍ୟକୁ ବଦଳାଇବ ନାହିଁ ବୋଲି ବାଘାଇ ସ୍ପଷ୍ଟ କରିଛନ୍ତି। ଏହି ବୟାନର କିଛି ଘଣ୍ଟା ପୂର୍ବରୁ ଟ୍ରମ୍ପ କହିଥିଲେ ଯେ ଇରାନ ସହ ବୁଝାମଣା ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଥିବାରୁ ସେ ସାମରିକ କାର୍ଯ୍ୟାନୁଷ୍ଠାନକୁ ବାତିଲ କରିବା ନିଷ୍ପତ୍ତି ନେଇଛନ୍ତି। ହ୍ୱାଇଟ ହାଉସରେ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରିବା ବେଳେ ଟ୍ରମ୍ପ କହିଥିଲେ ଯେ ଇରାନର ସୁପ୍ରିମ ଲିଡର ମୋଜତବା ଖାମେନେଇ ବୁଝାମଣାର ସର୍ତ୍ତରେ ଏକମତ ହୋଇ ଷ୍ଟ୍ରେଟ ଅଫ ହର୍ମୁଜକୁ ଖୋଲିବା ପାଇଁ ରାଜି ହୋଇଛନ୍ତି। ସେ ବୁଝାମଣାରେ ରାଜି ହେବ ବୋଲି ଟ୍ରମ୍ପ ବିଶ୍ୱାସ ରଖିଥିବା କହିଥିଲେ।

## ମମତାଙ୍କ ବିଜ୍ଞାପନ ଦୁର୍ନୀତି: ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ



**କୋଲକାତା:** ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଜଡ଼ିତ ଏକ ବିଜ୍ଞାପନ ସଂସ୍ଥାରେ ବଡ଼ ଧରଣର ଦୁର୍ନୀତି ଅଭିଯୋଗର ଆଜି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ। ଅଭିଯୋଗ ଅନୁଯାୟୀ ମମତାଙ୍କ ସହ ଜଡ଼ିତ ଉକ୍ତ ବିଜ୍ଞାପନ ସଂସ୍ଥା ଗତ କିଛି ଦିନ ମଧ୍ୟରେ ୬୩୫ କୋଟି ଟଙ୍କା ଗ୍ରହଣ କରିଛି। ଏହି ସଂସ୍ଥା ସହ ଜଡ଼ିତ ୩ଟି ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଛି। କର୍ତ୍ତୃପକ୍ଷମାନେ ମୋଟ୍ ୨୦ଟି କାରବାରର ତଦନ୍ତ କରୁଛନ୍ତି ଯେଉଁଥିରେ ୬୩୫ କୋଟି ଟଙ୍କା ଗ୍ରହଣ କରାଯାଇଛି। ଶୁଭେନ୍ଦୁ ଅଧିକାରୀ ଦାବି କରିଛନ୍ତି ଯେ ପୂର୍ବ ସରକାର ସର୍ବସାଧାରଣ ଟଙ୍କାର ଲୁଟ୍ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସହ ଜଡ଼ିତ ଏକ ବିଜ୍ଞାପନ ସଂସ୍ଥା ଗତ କିଛି ବର୍ଷ ମଧ୍ୟରେ ୬୩୫କୋଟିରୁ ଅଧିକ ଟଙ୍କା ଗ୍ରହଣ କରିଛି। ଏକ ସନ୍ଦିଗ୍ଧ ମନି ଲଣ୍ଡରିଂ ମାମଲା ପାଇଁ ଉକ୍ତ ମାମଲାର ତଦନ୍ତ ଭାର ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ)କୁ ହସ୍ତାନ୍ତର କରାଯିବ ବୋଲି ଶୁଭେନ୍ଦୁ କହିଛନ୍ତି। ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ଦସ୍ତାବିଜ ଅନୁଯାୟୀ - ସମସ୍ତ ଟଙ୍କା ବିଜ୍ଞାପନ ସଂସ୍ଥାର ୩ଟି ଆକାଉଣ୍ଟକୁ ପଠାଯାଇଛି। ଅତି କମ୍ରେ ୨୦ଟି କାରବାରର ତଦନ୍ତ କରାଯାଉଛି ବୋଲି ଶୁଭେନ୍ଦୁ କହିଛନ୍ତି। ଏହି ବିଜ୍ଞାପନ ସଂସ୍ଥାକୁ 'ଜେନେସିସ୍ ଆଡଭାର୍ଟାଇଜିଙ୍ଗ ପ୍ରାଇଭେଟ୍ ଲିମିଟେଡ୍' ଭାବେ ଚିହ୍ନଟ କରାଯାଇଛି ଏବଂ କୋଲକାତା ଠିକଣାରେ ଏହା ପଞ୍ଜିକରଣ କରାଯାଇଛି।

## ଏଲନ ମସ୍କ ବନିଲେ ବିଶ୍ୱର ପ୍ରଥମ ଟ୍ରିଲିୟନେୟାର

ୱାଶିଂଟନ: ପୂର୍ବରୁ ବିଶ୍ୱ ଧନୀ ତାଲିକାରେ ଯାହା ଘଟି ନଥିଲା, ଏବେ ସେମିତି କିଛି ଘଟିଛି। ବିଶ୍ୱର କୌଣସି ଧନୀ ଯେଉଁ ସଫଳତା ପାଇ ନଥିଲେ, ଏବେ ଟେସଲା ଓ ସ୍ପେସଏକ୍ସ ମୁଖ୍ୟ ଏଲନ ମସ୍କ ତାହା ହାସଲ କରିଛନ୍ତି। ମସ୍କ ବନି ଯାଇଛନ୍ତି ବିଶ୍ୱର ପ୍ରଥମ ଟ୍ରିଲିୟନେୟାର। ସ୍ପେସଏକ୍ସର ଆଇପିଓ ପରେ ତାଙ୍କ ବ୍ୟବସାୟିକ ସାମ୍ରାଜ୍ୟର ମୂଲ୍ୟ ବୃଦ୍ଧି ପାଇଛି। ଏବେ ତାଙ୍କ ମୋଟ ସମ୍ପତ୍ତିର ପରିମାଣ ୧.୧ ଟ୍ରିଲିୟନ ଡଲାର ଅତିକ୍ରମ କରି କରି ଯାଇଛି। କମ୍ପାନୀ ଦାଖଲ କରିଥିବା ତଥ୍ୟ ଓ ଫୋର୍ବସର ଆକଳନ କହିଛି ଯେ ସ୍ପେସଏକ୍ସ ଶେୟାର ବଜାରରେ ଟ୍ରେଣ୍ଡିଂ କରିବା କ୍ଷଣି ମସ୍କଙ୍କ ମୋଟ ସମ୍ପତ୍ତି ପ୍ରାୟ ୧.୧ ଟ୍ରିଲିୟନ ଡଲାରରେ ପହଞ୍ଚି ଯାଇଛି। ରକେଟ୍, ସ୍ୟାଟେଲାଇଟ୍ ଓ କୃତ୍ରିମ ବୁଦ୍ଧିମତା ବା ଏଆଇ କ୍ଷେତ୍ରରେ କାର୍ଯ୍ୟରତ ସ୍ପେସଏକ୍ସ ମସ୍କଙ୍କ ସମ୍ପତ୍ତିକୁ ବୃଦ୍ଧି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ସ୍ପେସଏକ୍ସ ଆଇପିଓ ପୂର୍ବରୁ ମସ୍କଙ୍କ ସମ୍ପତ୍ତିର ମୂଲ୍ୟ ପ୍ରାୟ ୯୭୧ ବିଲିୟନ ଡଲାର ଥିଲା। ଏହି ସମୟରେ ଧନୀ ତାଲିକାର ଦ୍ୱିତୀୟ ସ୍ଥାନରେ ଥିବା ଆଲଫାବେଟର ସହ ପ୍ରତିଷ୍ଠାତା ଲାରୀ ପେଜଙ୍କ ପାଖରେ ପ୍ରାୟ ୩୦୪ ବିଲିୟନ ଡଲାର ରହିଥିଲା। ଅର୍ଥାତ୍ ମସ୍କ ପୂର୍ବରୁ ହିଁ ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତିଠାରୁ ତିନିଗୁଣରୁ ଅଧିକ ସମ୍ପତ୍ତିର ମାଲିକ ହୋଇ ରହିଥିଲେ।

## ୧୧.୮୨ କୋଟିର ଗଞ୍ଜେଇ ସହ ଧରାପଡ଼ିଲେ ମଡେଲ

**ମୁମ୍ବାଇ:** ବିମାନରୁ ମୁମ୍ବାଇ ଏୟାରପୋର୍ଟରେ ଓହ୍ଲାଇଥିବା ଜଣେ ୨୮ ବର୍ଷୀୟ ମଡେଲ ସିଧା ଜେଲ ଯାଇଛନ୍ତି। କାରଣ ଏହି ମେଡଲ ଜଣଙ୍କ ବିଦେଶରୁ ଆଣିଥିଲେ ୧୧ କେଜି ଓଜନର ଉଚ୍ଚ ଗୁଣବତ୍ତାର ହାଇଡ୍ରୋପୋନିକ ମାରିଜୁଆନା ବା ଅତ୍ୟନ୍ତ ନିଶା କରାଉଥିବା ଗଞ୍ଜେଇ। ଏୟାରପୋର୍ଟରେ ହିଁ ମଡେଲଙ୍କୁ ଅଧିକାରୀମାନେ ରଙ୍ଗେ ହାତ ଧରିଥିଲେ। ଏହାପରେ ସେ ବିଚାର ବିଭାଗୀୟ ହାଜତରେ ରହିଛନ୍ତି। ଗଞ୍ଜେଇ ସହ ଧରାପଡ଼ିଥିବା ମଡେଲ ଜଣଙ୍କ ହେଲେ ହର୍ଶା ସନ୍ନୀ। ସେ ବ୍ୟାଙ୍କକରୁ ସିଧା ମୁମ୍ବାଇ ଏୟାରପୋର୍ଟକୁ ଆସିଥିଲେ। କିନ୍ତୁ ଏୟାରପୋର୍ଟରେ ନିୟମିତ ସର୍ଭେଲାନ୍ସ ସମୟରେ ତାଙ୍କ ବ୍ୟବହାର ସନ୍ଦେହ ସୃଷ୍ଟି କରିଥିଲା। ଅଧିକ ଯାଞ୍ଚ କରାଯିବାରୁ ବିପୁଳ ପରିମାଣର ଗଞ୍ଜେଇ ତାଙ୍କ ଠାରୁ ମିଳିଛି।

### ଭାରତରେ ପ୍ରଥମ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ ହାଲିଅନ

**ଭୋପାଳ:** ମଧ୍ୟପ୍ରଦେଶସ୍ଥିତ ପିତମପୁରଠାରେ କଞ୍ଜ୍ୟୁମର କମ୍ପାନୀ ହାଲିଅନ ପ୍ରଥମ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବା ସମ୍ପର୍କରେ ଘୋଷଣା କରିଛି ।ଏହି ଷ୍ଟେଟ-ଅଫ୍-ଦି-ଆର୍ଟ ଗ୍ରିନଫିଲ୍ଡ ସାଇଟ ସ୍ଥାନୀୟ ସ୍ମାର୍ଟ ଇଣ୍ଡଷ୍ଟ୍ରିଆଲ ପାର୍କରେ ୪୦ ଏକର ଜମିରେ ପରିବ୍ୟାପ୍ତ ରହିବ । ଏହି ଉତ୍ପାଦନ କେନ୍ଦ୍ର ପାଇଁ କମ୍ପାନୀ ମୋଟ ୨୦୦୦ କୋଟି ଟଙ୍କା ନିବେଶ କରିବ ।ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡଃ ମୋହନ ଯାଦବ, ହାଲିଅନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବ୍ରିୟାନ ମ୍ୟାକ୍ନାମାରା, ହାଲିଅନର ଭାରତ ସିଇଓ ଓ ଭାରତ ଉପମହାଦେଶ ଅଧ୍ୟକ୍ଷ କେଦାର ଲେଲେ ଏବଂ ହାଲିଅନର ମୁଖ୍ୟ ଯୋଗାଣ ଶୃଙ୍ଖଳା ଅଧିକାରୀ ନମ୍ରତା ପଟେଲଙ୍କ ଉପସ୍ଥିତିରେ ଏହି ଘୋଷଣା କରାଯାଇଛି । ଏହି କାରଖାନାକୁ ହାଲିଅନର ନୂତନ ଗ୍ଲୋବାଲ ଆଡ୍ୱାନ୍ସ ବ୍ଲୁପ୍ରିଂଟ ଉପରେ ଡିଜାଇନ କରାଯାଇଛି ଏବଂ ଏଠାରେ ଭବିଷ୍ୟତ-ପ୍ରସ୍ତୁତ ଅଟୋମେଟେଡ ମାନୁଫ୍ୟାକଚରିଂ କ୍ଷମତା ରହିବ । ଏହା ୨୦୨୯-୩୦ ଆର୍ଥିକ ବର୍ଷ ସୁଦ୍ଧା କାର୍ଯ୍ୟକ୍ଷମ ହେବାର ସମ୍ଭାବନା ରହିଛି । ଏହି ଉତ୍ପାଦନ କାରଖାନା ପ୍ରାୟ ୫୦୦ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି । ଏହି ନିବେଶ ହାଲିଅନର ୨୦୩୦ ସୁଦ୍ଧା ୧୦୦ କୋଟିରୁ ଅଧିକ ଉପଭୋକ୍ତାଙ୍କ ନିକଟରେ ପହଂଚିବା ଲକ୍ଷ୍ୟରେ ସହଯୋଗ କରିବ । ଏହି ଅବସରରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ କହିଛନ୍ତି, ପିତମପୁରରେ ନିଜର ପ୍ରଥମ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବା ପାଇଁ ହାଲିଅନର ନିଷ୍ପତ୍ତି ରାଜ୍ୟର ଅଭିବୃଦ୍ଧି କ୍ଷମତା ଓ ବ୍ୟବସାୟ ଇକୋସିଷ୍ଟମରେ ଅଗ୍ରଣୀ ଆନ୍ତର୍ଜାତୀୟ କମ୍ପାନୀଗୁଡିକର ବଢୁଥିବା ବିଶ୍ୱାସକୁ ପ୍ରତିଫଳନ କରୁଛି ।

# ରାଜ୍ୟସଭା ନିର୍ବାଚନ ଫଳାଫଳ ପରେ ଅଗ୍ରଣୀ ହାସଲ କରିଛି ଏନଡିଏ



**ନୂଆଦିଲ୍ଲୀ:** ରାଜ୍ୟସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପୂର୍ବରୁ ଏନଡିଏ ଜବରଦସ୍ତ ଅଗ୍ରଣୀ ହାସଲ କରିଛି। ମିଳିତ ମଞ୍ଚର ୧୫ରୁ ଅଧିକ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ମଧ୍ୟପ୍ରଦେଶର ତିନୋଟି ଆସନରେ ମଧ୍ୟ ବିଜେପି ବିଜୟୀ ହୋଇଛି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ସମେତ ଅନେକ ବିରୋଧୀ ନେତା ମଧ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଅନ୍ୟ ଆସନ ପାଇଁ ମତଦାନ ଜୁନ୍ ୧୮ ରେ ଅନୁଷ୍ଠିତ ହେବ। ଝାଡ଼ଖଣ୍ଡର ଦୁଇଟି ଆସନ ଏବଂ ମିଜୋରାମର ଗୋଟିଏ ଆସନ ପାଇଁ ଜୁନ୍ ୧୮ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ୧୦ଟି ରାଜ୍ୟର ୨୪ ରାଜ୍ୟସଭା ଆସନ ତଥା ମହାରାଷ୍ଟ୍ର, ଓଡ଼ିଶା ଓ ତାମିଲନାଡୁର ଗୋଟିଏ ଲେଖାଏଁ ଆସନ ପାଇଁ ନାମାଙ୍କନପତ୍ର ଯାଞ୍ଚ କରାଯାଇଛି। ଝାଡ଼ଖଣ୍ଡରୁ ଦୁଇଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବ, ଯେଉଁଠାରେ ତିନିଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମିଜୋରାମର ଏକମାତ୍ର ରାଜ୍ୟସଭା ଆସନ ନିର୍ବାଚନ ପାଇଁ ଶାସକ ଜୋରାମ ପିପୁଲ୍ସ ମୁଭ୍ମେଣ୍ଟ (ଜେପିଏମ୍) ମୁଖପାତ୍ର କେ ଲାଲତାଲୁଆଙ୍ଗକିମା ଓ ମୁଖ୍ୟ ବିରୋଧୀ ଦଳ ମିଜୋ ନ୍ୟାସନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍)ର ଜୋଥାନସାଙ୍ଗି ହାମାର ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମଧ୍ୟପ୍ରଦେଶରେ ତିନି ବିଜେପି ପ୍ରାର୍ଥୀ ତରୁଣ ଚୁଗ, ରଜନୀଶ ଅଗ୍ରୱାଲ ଓ ମହେଶ କେବଟଙ୍କୁ ନିର୍ବାଚନ ଅଧିକାରୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଘୋଷଣା କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ଖଡ଼ଗେଙ୍କ ସମେତ ଚାରିଜଣ ପ୍ରାର୍ଥୀ କର୍ଣ୍ଣାଟକରୁ ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ବିଜେପି ପ୍ରାର୍ଥୀ ଅଛନ୍ତି। ଖଡ଼ଗେଙ୍କ ବ୍ୟତୀତ କଂଗ୍ରେସ ସଚିବ ମନସୁର ଅଲ୍ଲୀ ଖାନ, ଖେଡ଼ା ଓ ବିଜେପିର ଏମ୍ ନାଗରାଜ ମଧ୍ୟ ଏହି ତାଲିକାରେ ଅଛନ୍ତି। ଶାସକ ବିଜେପିର ସମସ୍ତ ଚାରିଜଣ ପ୍ରାର୍ଥୀ ଗୁଜରାଟରୁ ଚାରୋଟି ଆସନ ପାଇଁ ନିର୍ବାଚିତ ହୋଇଥିବା ଘୋଷଣା କରାଯାଇଥିଲା। ଏମାନଙ୍କ ମଧ୍ୟରେ ଅଛନ୍ତି ରାଜୁଭାଇ ଶୁକ୍ଲା, ମାନସିଂହ ପରମାର, ମୁକେଶଭାଇ ରଠୱା ଓ ଜିତେନ୍ଦ୍ର କଞ୍ଜରିଆ। ଆନ୍ଧ୍ରପ୍ରଦେଶର ସମସ୍ତ ଚାରିଜଣ ଏନ୍ଡିଏ ପ୍ରାର୍ଥୀ ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ନିର୍ବାଚିତ ପ୍ରାର୍ଥୀଙ୍କ ମଧ୍ୟରେ ତିନି ଜଣ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ଏବଂ ଜଣେ ଜନସେନାର ପ୍ରାର୍ଥୀ ଅଛନ୍ତି। ରାଜସ୍ଥାନରେ ଦୁଇ ଜଣ ବିଜେପି ଓ ଜଣେ କଂଗ୍ରେସ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବିଜେପିର ସତୀଶ ପୁନିଆ ଓ ଅଲକା ଗୁର୍ଜାର ଏବଂ କଂଗ୍ରେସର ନୀରଜ ଡାଙ୍ଗୀ ଉଚ୍ଚ ସଦନକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଘୋଷଣା କରାଯାଇଛି। ନ୍ୟାସନାଲ ପିପୁଲ୍ସ ପାର୍ଟି (ଏନ୍ପିପି) ରାଷ୍ଟ୍ରୀୟ ଉପସଭାପତି ଜେମ୍ସ କେ ସାଙ୍ଗମା ମେଘାଳୟର ଏକମାତ୍ର ରାଜ୍ୟସଭା ଆସନ ପାଇଁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ କନରାଡ ସାଙ୍ଗମାଙ୍କ ଭାଇ ଜେମ୍ସ କେ ସାଙ୍ଗମା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ମଣିପୁରରେ ବିଜେପି ରାଜ୍ୟ ସଭାପତି ଅଧିକାରୀମାୟୁମ୍ ଶାରଦା ଦେବୀ ରାଜ୍ୟରୁ ଏକମାତ୍ର ରାଜ୍ୟସଭା ଆସନ ପାଇଁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ବିଜେପି ନେତା ତାଇ ଟାଗାକ୍ ଅରୁଣାଚଳ ପ୍ରଦେଶରୁ ଏକମାତ୍ର ରାଜ୍ୟସଭା ଆସନ ପାଇଁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ମହାରାଷ୍ଟ୍ର ଆସନରୁ ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍ସିପି)ର ରାଜେନ୍ଦ୍ର ଜୈନ। ଓଡ଼ିଶାରେ ବିଜେପି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ତାମିଲନାଡୁର କଂଗ୍ରେସ ପ୍ରାର୍ଥୀ ପ୍ରବୀଣ ଚକ୍ରବର୍ତ୍ତୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

ଫିଫା ବିଶ୍ୱକପ

# ମେକ୍ସିକୋ, ଦ.କୋରିଆର ବିଜୟ ଅଭିଯାନ

## ପ୍ରଥମ ଦିନ ୩ ରେଡ କାର୍ଡ






ନ୍ୟୁୟର୍କ,୧୨।୬(ଏଜେନ୍ସି): ଫିଫା ବିଶ୍ୱକପ ଆରମ୍ଭ ହୋଇଛି। ୪୮ ଦେଶକୁ ନେଇ ୩ ରାଷ୍ଟ୍ର, ଆମେରିକା, କାନାଡା ଓ ମେକ୍ସିକୋରେ ବିଶ୍ୱକପ ଖେଳାଯାଉଛି। ଫିଫା ବିଶ୍ୱକପ ଇତିହାସର ଏହା ସବୁଠାରୁ ଲମ୍ବା ସଂସ୍କରଣ ହେବାକୁଯାଉଛି। ପ୍ରଥମ ଦିନ ଅନୁଷ୍ଠିତ ଗ୍ରୁପ୍ ଏ'ର ଦୁଇଟି ମ୍ୟାଚରେ ମେକ୍ସିକୋ ଏବଂ ଦ.କୋରିଆ ଜମାଣିଆ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। କେବଳ ବିଜୟ ନୁହେଁ, ଫିଫା ବିଶ୍ୱକପର ଆରମ୍ଭ ବେଶ ନାଟକୀୟ ଢ଼ଙ୍ଗରେ ହୋଇଛି। ପ୍ରଥମ ଦିନ ପ୍ରଥମ ମ୍ୟାଚରେ ୩ଟି ରେଡ କାର୍ଡ ଦେଖିବାକୁ ମିଳିଥିଲା। ଶେଷରେ ମେକ୍ସିକୋ ୨-୦ ଗୋଲରେ ଦ.ଆଫ୍ରିକାକୁ ହରାଇଥିଲା। ଆୟୋଜକ ମେକ୍ସିକୋର ଗୋଲସ୍କୋରରର ମ୍ୟାଚ ପରେ ଆଦୌ ଚର୍ଚ୍ଚାକୁ ଆସିନାହାନ୍ତି। ବରଂ ମ୍ୟାଚରେ ବ୍ରାଜିଲ ରେଫରୀ ୱିଲଟନ ସାମପାୟୋ ସମସ୍ତଙ୍କ ନଜରରେ ରହିଥିଲେ। ସୋସିଆଲ ମିଡ଼ିଆରେ ୱିଲଟନ ହିଁ ଟ୍ରେଣ୍ଡ କରୁଛନ୍ତି। କାରଣ ମ୍ୟାଚ ବେଳେ ସେ ୩ଟି ରେଡ କାର୍ଡ ଉଭୟ ଦଳକୁ ଦେଇଛନ୍ତି। ଦ.ଆଫ୍ରିକାର ଦୁଇ ଜଣ ଏବଂ ମେକ୍ସିକୋର ଜଣେ ଖେଳାଳି ରେଡ କାର୍ଡ ପାଇ ଅଧାରୁ ପଡ଼ିଆ ଛାଡିବା ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି ମ୍ୟାଚ ଭାରତୀୟ ସମୟ ୧୨.୩୦ରେ ଆରମ୍ଭ ହୋଇଥିଲା। ଦ୍ୱିତୀୟ ମ୍ୟାଚ ସକାଳ ୬.୩୦ରେ ଖେଳାଯାଇଥିଲା। ୨ୟ ମ୍ୟାଚରେ ଦ.କୋରିଆ ୨-୧ ଗୋଲରେ ଚେକ ଗଣରାଜ୍ୟକୁ ପରାସ୍ତ କରି ବିଶ୍ୱକପ ଅଭିଯାନ ଆରମ୍ଭ କରିଛି।

### ମେକ୍ସିକୋ-ଦ.ଆଫ୍ରିକା

ବିଶ୍ୱକପର ସହ ଆୟୋଜକ ମେକ୍ସିକୋ ଉଦ୍‌ଘାଟନୀ ମ୍ୟାଚରେ ୨-୦ ଗୋଲରେ ଦ.ଆଫ୍ରିକାକୁ ହରାଇଥିଲା। କିନ୍ତୁ ଏହି ମ୍ୟାଚରେ ବିଶୃଙ୍ଖଳିତ ଆଚରଣ ଶୀର୍ଷରେ ବନିଛି। ଏଥିପାଇଁ ୩ ଖେଳାଳିଙ୍କୁ ରେଫରୀ ରେଡ କାର୍ଡ ଦେଖାଇଥିଲେ। ମ୍ୟାଚର ନବମ ମିନିଟରେ ଜୁଲିଆନ କ୍ୱିନୋସେସ୍ ଦ.ଆଫ୍ରିକା ଗୋଲକିପର ରୋନୱେନ ୱିଲିୟମସନଙ୍କୁ ମାତ ଦେଇ ଚଳିତ ବିଶ୍ୱକପରେ ପ୍ରଥମ ଗୋଲ କରିଥିଲେ। ଏହାପରେ ଦଳର ଅଭିଜ୍ଞ ଖେଳାଳି ରାଉଲ ହିମେନେଜ ହେଡର ଦ୍ୱିତୀୟ ଗୋଲ କରି ମେକ୍ସିକୋ ବିଜୟକୁ ନିଶ୍ଚିତ କରିଥିଲେ । କିନ୍ତୁ ବିଶୃଙ୍ଖଳିତ ଆଚରଣ ପାଇଁ ଦ.ଆଫ୍ରିକାର ସିଥୋଲେ ଓ ଥେମ୍ବା ଜୋନେଙ୍କ ସହ ମେକ୍ସିକୋର ସେଜାର ମୋଣ୍ଟେସଙ୍କୁ ରେଫରୀ ରେଡ କାର୍ଡ ଦେଖାଇ ମ୍ୟାଚ ଅଧାରୁ ବିଦା କରିଥିଲେ। ଦ.ଆଫ୍ରିକା ପ୍ରଥମାର୍ଦ୍ଧ ବିରତିର କିଛି ସମୟ ପରେ ୯ ଜଣ ଖେଳାଳିଙ୍କୁ ନେଇ ଖେଳିବାକୁ ବାଧ୍ୟ ହୋଇଥିଲା।

### ୨-୧ରେ କୋରିଆ ବିଜୟୀ

ମେକ୍ସିକୋର ଅନ୍ୟତମ ସହର ଗ୍ୱାଡାଲାହାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ୨-୧ ଗୋଲରେ ଚେକଗଣାରାଜ୍ୟକୁ ପରାଜିତ କରାଯାଇଛି। ମ୍ୟାଚର ପ୍ରଥମାର୍ଦ୍ଧରେ ଉଭୟ ଦଳ ଗୋଲଦେବାକୁ ସକ୍ଷମ ହୋଇନଥିଲେ। କିନ୍ତୁ ଦ୍ୱିତୀୟାର୍ଦ୍ଧରେ ୩ଟି ଗୋଲ ହୋଇଥିଲା। ମ୍ୟାଚର ୫୯ତମ ମିନିଟରେ ଲାଡିଭାସ ଗୋଲ କରି ଦଳକୁ ଆଗୁଆ କରିଥିଲେ। ୬୬ତମ ମିନିଟରେ ଦ.କୋରିଆର ହ୍ୱାଙ୍ଗ ଇନ୍ ବିଓମ୍ ଗୋଲ କରିଥିଲେ। ପରେ ୮୦ତମ ମିନିଟରେ ହ୍ୱାଙ୍ଗ ଡାହାଣପାର୍ଶ୍ୱକୁ ଦେଇଥିବା ସଠିକ ପାସକୁ ହ୍ୟୋନ ଗ୍ୟୁ ଗୋଲରେ ପରିଣତ କରି ଦଳକୁ ବିଜୟୀ ଭେଟି ଦେଇଥିଲେ। ବିଓମଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା।

# ଆଖି ବୁଜିଲେ ଯଶପାଲ



ନୂଆଦିଲ୍ଲୀ,୧୨।୬(ଏଜେନ୍ସି): ଭାରତର ଅନ୍ୟତମ ପ୍ରସିଦ୍ଧ ସୁଟର ତଥା କୋଚ ଭାବେ ଜଣାଶୁଣା ଯଶପାଲ ରାଣାଙ୍କ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୪୯ ବର୍ଷ ହୋଇଥିଲା। ଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମେ ୨୪ରୁ ୩୧ ଯାଏ ଜର୍ମାନୀର ମ୍ୟୁନିକରେ ଆଇଏସଏସଏଫ ବିଶ୍ୱକପ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ସେଠାରେ ଥିବା ଯଶପାଲ ରାଣା ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। କିନ୍ତୁ ସେ ଏହାକୁ ଗୁରୁତ୍ୱ ଦେଇନଥିଲେ ଏସିଡିଟି ହୋଇଥିବା ଭାବି ଡାକ୍ତରଙ୍କ ପରାମର୍ଶ ନେଇନଥିଲେ। ଭାରତ ଫେରିବା ବେଳେ ସେ ବିମାନରେ ପୁଣି ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତେଣୁ ବିମାନ ଦିଲ୍ଲୀରେ ପହଞ୍ଚିବା ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଯାଞ୍ଚ କରାଯିବା ପରେ ହାର୍ଟରେ ବ୍ଲକେଜ କରାଯିବା ଜଣାପଡିଥିଲା। ତେଣୁ ଗୋଟିଏ ଷ୍ଟେନ ଲଗାଯାଇଥିଲା। ଆଉ କିଛି ଦିନ ପରେ ଆଉ ଏକ ଷ୍ଟେନ ଲଗାଇଥାନ୍ତେ ଡାକ୍ତର। ସୂଚନା ଅନୁଯାୟୀ ଗୋଟିଏ ଷ୍ଟେନ ଲାଗିବା ପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିଲା। ପୂର୍ବାଅପେକ୍ଷା ସେ ଭଲ ଅନୁଭବ କରିଥିଲେ। ଗୁରୁବାର ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡି ଯାଇଥିଲା। ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ପ୍ୟାରିସ ଅଲିମ୍ପିକ୍ସର ସୁଟିଂରେ ଦୁଇଟି ପଦକ ଜିତିଥିବା ମନୁ ଭକରଙ୍କ ସଫଳତା ପଛରେ ବଡ଼ ଯୋଗଦାନ ଥିଲା ଯଶପାଲ ରାଣାଙ୍କର। ସେ ଥିଲେ ମନୁ ଭକରଙ୍କ କୋଚ। ତାଙ୍କ ମାର୍ଗଦର୍ଶନରେ ମନୁ ପ୍ୟାରିସ ଅଲିମ୍ପିକ୍ସରେ ଡବଲ ପଦକ ସଫଳତା ପାଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡା ଇତିହାସରେ ଯଶପାଲ ରାଣାଙ୍କୁ ସବୁଠୁ ଅଧିକ ସଫଳ ଭାରତୀୟ ଆଥଲେଟ୍ ବୋଲି କୁହାଯାଏ। ସେ ୪ଟି ରାଜ୍ୟ ଗୋଷ୍ଠୀ କ୍ରୀଡା ଯଥା ୧୯୯୪, ୧୯୯୮, ୨୦୦୨ ଓ ୨୦୦୬ରେ ଭାଗ ନେଇ ୧୫ଟି ପଦକ ଜିତିଥିଲେ। ଏଥିରେ ୯ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ଦୁଇଟି ବ୍ରୋଞ୍ଜ ପଦକ ରହିଛି। ୨୦୦୬ ଦୋହା ଏସିଆନ ଗେମ୍ସରେ ୩ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ୧୯୯୪ରେ ଯଶପାଲ ରାଣାଙ୍କୁ ଅର୍ଜୁନ ପୁରସ୍କାର ମିଳିଥିଲା। ୧୯୯୭ରେ ପଦ୍ମଶ୍ରୀ ପୁରସ୍କାର ଏବଂ ୨୦୨୦ରେ ତାଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା।

## ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୋକ



ଯଶପାଲ ରାଣାଙ୍କ ପରଲୋକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଟ୍ୱିଟର ଜରିଆରେ ଶୋକବ୍ୟକ୍ତ କରି ନବୀନ ଲେଖିଛନ୍ତି ଏସୀୟ କ୍ରୀଡାର ସ୍ୱର୍ଣ୍ଣ ବିଜୟୀ ତଥା ଜଣେ ସୁନ୍ଦର ମଣିଷଙ୍କୁ ଆମେ ହରାଇଲୁ। ତାଙ୍କ ସଫଳତା ଓ ପ୍ରଶିକ୍ଷଣ ଯୋଗୁଁ ସୁଟିଂ କ୍ରୀଡାରେ ଭାରତ ଅଜସ୍ର ସଫଳତା ସାଉଁଠି ଥିଲା। ଏଭଳି ଜଣେ ଗୁରୁଙ୍କ ନିଧନ ଭାରତୀୟ କ୍ରୀଡାରେ ଅପୂରଣୀୟ ସୃଷ୍ଟି କରିଛି। ଯଶପାଲଙ୍କ ନିଧନରେ ତାଙ୍କ ପରିବାର, ବନ୍ଧୁ ଓ ଆତ୍ମୀୟ ସମସ୍ତଙ୍କୁ ଭଗବାନ ଅସୀମ ଧୈର୍ଯ୍ୟ ପ୍ରଦାନ କରନ୍ତୁ ବୋଲି ନବୀନ ପଟ୍ଟନାୟକ ଶୋକ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି।

# ଅକ୍ଟୋବର ୪ରୁ ଦିନିକିଆ ବିଶ୍ୱକପ

ନୂଆଦିଲ୍ଲୀ,୧୨।୬(ଏଜେନ୍ସି): ଆଇସିସି ୨୦୨୭ ଦିନିକିଆ ବିଶ୍ୱକପ ପାଇଁ ତାରିଖ ଘୋଷଣା ହୋଇଛି। ଏହା ଦ.ଆଫ୍ରିକା, ଜିମ୍ବାୱେ ଏବଂ ନାମ୍ବିଆରେ ଖେଳାଯିବ। ୨୦୨୭ ଅକ୍ଟୋବର ୪ରେ ବିଶ୍ୱକପ ଆରମ୍ଭ ହେବ। ବିଶ୍ୱ ମହାକୁମ୍ଭର ଫାଇନାଲ ମୁକାବିଲା ନଭେମ୍ବର ୨୧ରେ ଖେଳାଯିବ। ୨୦୨୬ ଆଇପିଏଲ ଫାଇନାଲ ବେଳେ ଆହମ୍ମଦାବାଦରେ ଆଇସିସିର ବ୍ୟବସ୍ଥା ହୋଇଥିଲା। ଏଥିରେ ବିଶ୍ୱକପ ତାରିଖ ବାବଦରେ ଆଲୋଚନା ହୋଇଥିଲା। ଆଗାମୀ ବିଶ୍ୱକପରେ ମୋଟ ୫୪ଟି ମ୍ୟାଚ ଦ.ଆଫ୍ରିକାରେ ଖେଳାଯିବ। ଜିମ୍ବାୱେରେ ୮ଟି ଓ ନାମ୍ବିଆରେ ୩ଟି ମ୍ୟାଚ ଖେଳାଯିବ। ୨୦୦୩ ପରଠାରୁ ଦ.ଆଫ୍ରିକା କୌଣସି ବିଶ୍ୱକପ ଆୟୋଜନ କରିନାହିଁ। କିନ୍ତୁ ୨୦୦୭ ଟି-୨୦ ବିଶ୍ୱକପ ଓ ୨୦୦୯ ଚାମ୍ପିଅନ ଟ୍ରଫି ଦ.ଆଫ୍ରିକାରେ ଆୟୋଜନ ହୋଇଥିଲା। ବିଶ୍ୱକପ ତାରିଖ ଓ ଘୋଷଣା ଖବର ସହ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କୁ ନେଇ ଚର୍ଚ୍ଚା ବଢ଼ିଛି। କାରଣ ଉଭୟ ଖେଳାଳିଙ୍କ ହାତରେ ଆଉ ମାତ୍ର ୧୫ ମାସର ସମୟ ରହିଛି। ଏହାପରେ ଦୁଇ ଭେଟେରାନ ସବୁ ଦିନ ପାଇଁ କ୍ରିକେଟ ଛାଡି ପାରନ୍ତି। ରୋହିତଙ୍କୁ ୩୯ ବର୍ଷ ହୋଇଥିବା ବେଳେ ବିରାଟଙ୍କୁ ୩୭ ବର୍ଷ ହେଲାଣି। ଦୁହେଁ ଟେଷ୍ଟ ଓ ଟି-୨୦ରୁ ଅବସର ନେଇ ସାରିଛନ୍ତି। କେବଳ ଦିନିକିଆ ଉପରେ ଫୋକସ କରୁଛନ୍ତି। ବିରାଟ ଆଇପିଏଲ ଏବଂ ଦିନିକିଆରେ ଜବରଦସ୍ତ ପ୍ରଦର୍ଶନ କରୁଛନ୍ତି। ତାଙ୍କ ବ୍ୟାଟରୁ ଶତକୀୟ ଇନିଂସ ଦେଖିବାକୁ ମିଳୁଛି। ଅନ୍ୟ ଦିଗରେ ରୋହିତ ନିଜକୁ ଫିଟ ରଖିବାକୁ ଖୁବ ଉଦ୍ୟମ କରୁଛନ୍ତି। ଯାହା ଦୁଇ ଭେଟେରାନଙ୍କୁ ବିଶ୍ୱକପର ପ୍ରମୁଖ ଦାବିଦାର ଭାବେ ସୁଯୋଗ ଦେବ।

# ସିଦ୍ଧାନ୍ତ ମେମୋରିଆଲ ପାରାମାଉଣ୍ଟ କପ୍: ଏମସିସି ବିଜୟୀ

ଭୁବନେଶ୍ୱର,୧୨।୬(ସବ୍ୟୁ): ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଆୟୋଜିତ ସିଦ୍ଧାନ୍ତ ପଟ୍ଟନାୟକ ମେମୋରିଆଲ ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଷଷ୍ଠ ପ୍ରି-କ୍ୱାର୍ଟରଫାଇନାଲରେ ଏମସିସି ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି ଏମସିସି ୩୦ ଓଭରରେ ୯ ୱିକେଟ୍ ହରାଇ ୧୭୮ ରନ୍ କରିଥିଲା। ଏମସିସିର ଶୁଭମ ଶର୍ମା ୬୪ ରନ୍ ଏବଂ ସାଇ ଶଙ୍କର ସେଠୀ ୪୨ ରନ୍ ସଂଗ୍ରହ କରିଥିଲେ। ପ୍ରଗତୀ ସ୍ପୋର୍ଟିଂ ପକ୍ଷରୁ ସୋମନାଥ ରାଜପୁତ ୩ ୱିକେଟ୍, ଆଶୀର୍ବାଦ ସାମଲ ଦୁଇଟି ଓ ଶୁଭ୍ରାଂଶୁ ଭୋଇ ଦୁଇଟି ୱିକେଟ୍ ଅକ୍ତିଆର କରିଥିଲେ। ୧୭୮ ରନର ବିଜୟଲକ୍ଷ୍ୟକୁ ପିଛା କରି ୨୫.୩ ଓଭରରେ ସମସ୍ତ ୱିକେଟ ହରାଇ ୧୩୮ ରନ୍ କରିବାକୁ ସକ୍ଷମ ହୋଇଥିଲା। ଏମସିସି ଏହି ମ୍ୟାଚକୁ ୪୦ ରନରେ ଜିତି ନେଇଥିଲେ। ପ୍ରଗତୀ ସ୍ପୋର୍ଟିଂ ତରଫରୁ ଶୁଭ୍ରାଂଶୁ ଶେଖର ଭୋଇ ୫୮ ଏବଂ ଶ୍ରୀଜିତ ଭୂୟାଁ ଯୋଗଦାନ ଦେଇଥିଲେ। ମୁକ୍ତେଶ୍ୱର କ୍ରିକେଟ ତରଫରୁ ଶୁଭମ ମିଶ୍ର ୪ ୱିକେଟ୍ ଅକ୍ତିଆର କରିଥିଲେ ଶୁଭମଙ୍କୁ ପାରାମାଉଣ୍ଟ ବରିଷ୍ଠ ସଦସ୍ୟ ତଥା ପୂର୍ବତନ ଖେଳାଳି ବିବେକାନନ୍ଦ ଦାସ ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

## ରାଜ୍ୟ ଜୁନିଅର, ସବଜୁନିଅର ପେଞ୍ଚାକ ସିଲଟ ଚାମ୍ପିଅନସିପ ଆରମ୍ଭ

ଭୁବନେଶ୍ୱର,୧୨।୬(ସବ୍ୟୁ):ପେଞ୍ଚାକ୍ ସିଲାଟ ଆସୋସିଏସନ୍ ଖୋର୍ଦ୍ଧା ତରଫରୁ ୩ ଦିନିଆ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଖୋର୍ଦ୍ଧା ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଆରମ୍ଭ ହୋଇଛି। ୧୩ ତାରିଖରେ ଶେଷ ହେବ। ଏହି ପ୍ରତିଯୋଗିତାକୁ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ,ଜିଲ୍ଲା କ୍ରୀଡା ଅଧିକାରୀ ଗୀତାଞ୍ଜଳି ପଣ୍ଡା , ଖୋର୍ଦ୍ଧା ଭାରତୀୟ ଜନତା ପାର୍ଟିର ସଦସ୍ୟ ବସନ୍ତ କୁମାର ସାହୁ, ଓଡ଼ିଶା ପେଞ୍ଚାକ ସିଲାଟ ସଭପତି ତାପସ କୁମାର ରାୟଚୌଧୁରୀ, ସଂପାଦକ ପ୍ରେମ ସିଂ ଥାପା, ପେଞ୍ଚାକ ସିଲଟ ଆସୋସିଏସନ୍ ଖୋର୍ଦ୍ଧାର ଚେୟାରମେନ ସଚିନ ମହାପାତ୍ର, ଉପସଭାପତି ନାରାୟଣ ପାତ୍ର,ନବ କିଶୋର ପାଇକରାୟ,ସଂପାଦକ ଜୀତେନ୍ଦ୍ର କୁମାର ରାଉତ, ସହ ସଂପାଦକ ପ୍ରକାଶ ବେହେରା, ରଞ୍ଜିତ୍ ନାୟକ ଯୋଗଦେଇ ଉଦଘାଟନ କରିଥିଲେ। ୧୮ ଟି ଜିଲ୍ଲା ରୁ ୫୦୦ ପ୍ରତିଯୋଗୀ ଓ ୧୦୦ ଅଫିସିଆଲ୍, କୋଚ ଭାଗ ନେଇଛନ୍ତି।

## ଅନୁଗୁଳ ଜିଲ୍ଲା ସନ୍ତରଣ ପ୍ରତିଯୋଗିତା ଉଦ୍‌ଯାପିତ

ଅନୁଗୋଳ,୧୨।୬(ସବ୍ୟୁ): ଅନୁଗୋଳ ଜିଲ୍ଲା ସନ୍ତରଣ ପ୍ରତିଯୋଗିତା ସଫଳତାର ସହିତ ଆୟୋଜିତ ହୋଇଥିଲା, ଯେଉଁଥିରେ ବିଭିନ୍ନ ବୟସ ବର୍ଗର ୯୦ରୁ ଅଧିକ ସନ୍ତରଣକାରୀ ଅଂଶଗ୍ରହଣ କରି ନିଜର କ୍ରୀଡ଼ା ଦକ୍ଷତା ଏବଂ ପ୍ରତିଯୋଗିତାମୂଳକମନୋଭାବର ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୁଳ ଉପଜିଲ୍ଲାପାଳ ଶ୍ରୀ ମୟାଧର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସିଠା, ଓଡ଼ିଶା ସନ୍ତରଣ କାର୍ଯ୍ୟକ୍ରମର ହେଡ୍ ଅଫ୍ ଅପରେସନ୍ସ ଶ୍ରୀ ସଚିକାନ୍ତ କୁମାର ଏବଂ ଓଡ଼ିଶା ସ୍ୱିମିଂର ମ୍ୟାନେଜର ଶ୍ରୀ ପ୍ରକିତ ମହାନ୍ତି ଉପସ୍ଥିତ ଥିଲେ। ପ୍ରତିଯୋଗିତାକୁ ବରିଷ୍ଠ ପ୍ରଶିକ୍ଷକ ଅଞ୍ଜୁ ପରିଡ଼ା ଓ ରବି ନାରାୟଣ ବେହେରା, କନିଷ୍ଠ ପ୍ରଶିକ୍ଷକ ଶିବ ମହାର, ଜ୍ୟୋତ୍ସ୍ନା ବେହେରା ଏବଂ ସୁଭଦ୍ରା ମୁଖୀ, ସହାୟକ ଫ୍ୟାସିଲିଟି ମ୍ୟାନେଜର ଓମ ପ୍ରକାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସୁଚାରୁ ଭାବେ ପରିଚାଳନା କରାଯାଇଥିଲା। ଏଥିସହିତ ରାଜେଶ, ଲିପୁ, ସନୋଜ, ସନ୍ଦୀପ, ଚିନ୍ମୟ ଏବଂ ସୁଶାନ୍ତଙ୍କ ସହଯୋଗ ଏହି ପ୍ରତିଯୋଗିତାକୁ ସଫଳ କରିବାରେ ବିଶେଷ ଭୂମିକା ନିଭାଇଥିଲା। ଏହି ପ୍ରତିଯୋଗିତା ଅନୁଗୁଳ ଜିଲ୍ଲାରେ ସନ୍ତରଣ କ୍ରୀଡ଼ାର ବିକାଶ ଓ ପ୍ରଚାର ପ୍ରସାରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି।

## ପୁରୁଷୋତ୍ତମ କ୍ରିକେଟ କ୍ଲବ ଚାମ୍ପିଅନ

ଫୁଲନଖରା,୧୨।୬(ସବ୍ୟୁ): ଗ୍ରାମାଞ୍ଚଳରେ କ୍ରୀଡ଼ା ପ୍ରତିଭାର ବିକାଶ ଏବଂ ଯୁବସମାଜଙ୍କ ମଧ୍ୟରେ କ୍ରୀଡ଼ାପ୍ରେମକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମା ଜାଗୁଳାଇ କ୍ରିକେଟ କ୍ଲବର ଆନୁକୂଲ୍ୟରେ ଏକ ଦିବସୀୟ ଅହୋରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୨୪ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଦିନରୁ ରାତି ପର୍ଯ୍ୟନ୍ତ ଚାଲିଥିବା ରୋମାଞ୍ଚକର ମ୍ୟାଚଗୁଡ଼ିକ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇଥିଲା । ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ବେଶ ଉତ୍ସାହପୂର୍ଣ୍ଣ ହୋଇଥିବା ବେଳେ ପୁରୁଷୋତ୍ତମ କ୍ରିକେଟ କ୍ଲବ ଚମତ୍କାର ପ୍ରଦର୍ଶନ କରି ଚାମ୍ପିୟନ ମୁକୁଟ ହାସଲ କରିଥିଲା । ବିଜେତା ଦଳକୁ ନଗଦ ପୁରସ୍କାର ସହ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯାଇଥିଲା । ସେହିପରି ନଛିପୁର କ୍ରିକେଟ କ୍ଲବ ରନର୍ସ-ଅପ ସ୍ଥାନ ଅଧିକାର କରି ନଗଦ ରାଶି ସହ ଟ୍ରଫି ଗ୍ରହଣ କରିଥିଲା । ଉଦଯାପନୀ ଉତ୍ସବରେ ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ମନୋଭାବ ଓ ଶୃଙ୍ଖଳାର ମହ%୦ ସମ୍ପର୍କରେ ଯୁବ ଖେଳାଳିମାନଙ୍କୁ ପ୍ରେରଣାଦାୟକ ବାର୍ତ୍ତା ଦେଇଥିଲେ । ସେ କହିଥିଲେ ଯେ, କ୍ରିକେଟ ପରି ଖେଳ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ଏହା ଯୁବପିଢ଼ିଙ୍କ ମଧ୍ୟରେ ନେତୃତ୍ୱ, ଶୃଙ୍ଖଳା, ଏକତା ଓ ଭ୍ରାତୃତ୍ୱର ଭାବନା ସୃଷ୍ଟି କରିଥାଏ । ସମ୍ମାନିତ ଅତିଥି ଭାବେ ନଗରୀ ଗ୍ରାମ ପଞ୍ଚାୟତର ବିଜୁ ଜନତା ଦଳ ସଭାପତି ତଥା ବରିଷ୍ଠ ସଂଗଠକ ନଳିନୀକାନ୍ତ ପଟ୍ଟନାୟକ, ଆଡଭୋକେଟ ତଥା ଯୁବ ସମାଜସେବୀ ବିକାଶ ପାତ୍ର, ୩୩ ନମ୍ବର ଜୋନର ଯୁବ ସଂଗଠକ ଶୋଭନ ମହାପାତ୍ର ଏବଂ ତାଙ୍କ ସହ ପ୍ରଜିତ ମହାନ୍ତି, ବୁଲୁ ପାତ୍ର ଓ ପ୍ରଣବ କୁମାର ମହାନ୍ତି ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

# ଅବସର ନେଲେ ୱିଲିୟମସନ




ନୂଆଦିଲ୍ଲୀ,୧୨।୬(ଏଜେନ୍ସି): ବିଶ୍ୱ କ୍ରିକେଟର ଅନ୍ୟତମ ଶ୍ରେଷ୍ଠ କ୍ରିକେଟର କେନ ୱିଲିୟମସନ ଅଚାନକ ଅବସର ଘୋଷଣା କରିଛନ୍ତି। ବେଶ ଅପ୍ରତ୍ୟାଶିତ ଢ଼ଙ୍ଗରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଛନ୍ତି। ନ୍ୟୁଜିଲାଣ୍ଡ ଓ ବିଶ୍ୱ କ୍ରିକେଟରେ ଶ୍ରେଷ୍ଠ ବ୍ୟାଟର ୱିଲିୟମସନ ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳା ଅଧାରେ କାହିଁକି ଏପରି ନିଷ୍ପତ୍ତି ନେଇଛନ୍ତି ତାଙ୍କୁ ନେଇ ବଡ଼ ପ୍ରଶ୍ନ ଉଠିଛି। ଇଂଲଣ୍ଡ ବିପକ୍ଷ ସେ ଲର୍ଡ୍ସ ଟେଷ୍ଟରେ ଖେଳିଥିଲେ। ୧୭ ତାରିଖରୁ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବ। କିନ୍ତୁ ୱିଲିୟମସନ ଆଉ ଅନ୍ତର୍ଜାତୀୟ କ୍ରିକେଟ ଖେଳୁ ନାହିଁ। ତାଙ୍କ ଅବସର ନିଷ୍ପତ୍ତି ତତ୍କାଳ ଭାବେ ଲାଗୁ କରିବାକୁ ସେ ଚାହୁଁଥିବା କହି ସାରା ବିଶ୍ୱକୁ ସ୍ତବ୍ଧ କରିଛନ୍ତି। ୩୫ ବର୍ଷୀୟ ୱିଲିୟମସନ ଦୀର୍ଘ ୧୬ ଧରି ଅନ୍ତର୍ଜାତୀୟ କ୍ରିକେଟରେ ଯୋଡି ହୋଇରହିଥିଲେ। ସେ ନ୍ୟୁଜିଲାଣ୍ଡ ପାଇଁ ୩ଟି ଯାକ ଫର୍ମାଟରେ ୩୭୮ ମ୍ୟାଚ ଖେଳିଛନ୍ତି। ୪୮ଟି ଶତକ ଓ ୬ଟି ଦ୍ୱି-ଶତକ ସହ ନ୍ୟୁଜିଲାଣ୍ଡ ପାଇଁ ୧୯,୩୪୬ ରନ୍ କରିଛନ୍ତି। ୨୦୧୦ରେ ନ୍ୟୁଜିଲାଣ୍ଡ ପାଇଁ ସେ ଡେବ୍ୟୁ କରିଥିଲେ। ଗତବର୍ଷ ନଭେମ୍ବରରେ ସେ ଟି-୨୦ କ୍ରିକେଟରୁ ଅବସର ନେଇଥିଲେ।

ମୁଁ ବେଶ କିଛି ସମୟ ଧରି ଅବସର ସମ୍ପର୍କରେ ଭାବୁଥିଲି। କିନ୍ତୁ ଏବେ ବୁଝି ପାରିଛି ଯେ, ଏବେ ହିଁ ଉପଯୁକ୍ତ ସମୟ। ଅନ୍ତର୍ଜାତୀୟ କ୍ରିକେଟ ପାଇଁ ସବୁ ବେଳେ ଆଗ୍ରହ ରହିଥିଲା। ମୁଁ ନ୍ୟୁଜିଲାଣ୍ଡ ପାଇଁ ଖେଳିଥିବା ପ୍ରତିଟି ମ୍ୟାଚରେ ମୋର ଶ୍ରେଷ୍ଠତା ଦେଇଛି, ଏହା ମୋ ପାଇଁ ଗର୍ବର ବିଷୟ। ଦଳକୁ ବହୁତ ଭଲପାଏ। ଦଳ ସହ ଦୀର୍ଘ ବର୍ଷ ଯୋଡି ହୋଇରହିବା ଅତ୍ୟନ୍ତ ସୌଭାଗ୍ୟର ବିଷୟ। ମୋ ହୃଦୟରେ ଅନ୍ତର୍ଜାତୀୟ କ୍ରିକେଟ ଯାତ୍ରା ସ୍ୱତନ୍ତ୍ର ହୋଇରହିବ। ବ୍ୟାଟିଂ ସଫଳତା ବ୍ୟତୀତ ୱିଲିୟମସନ ନ୍ୟୁଜିଲାଣ୍ଡର ଅଧିନାୟକ ଭାବେ ୩ଟି ଯାକ ଫର୍ମାଟରେ ଅନେକ ସଫଳତା ହାସଲ କରିଛନ୍ତି। ସେ ୪୦ଟି ଟେଷ୍ଟରେ ନ୍ୟୁଜିଲାଣ୍ଡର ନେତୃତ୍ୱ ନେଇଥିବା ବେଳେ ୨୨ଟି ଜିତିଛନ୍ତି, ୧୦ଟି ହାରିଛନ୍ତି ଓ ୮ଟି ଡ୍ର' ରହିଛି। ଏହି ସଫଳତା ଷ୍ଟିଫେନ ଫ୍ଲେମିଂ ପରେ ୱିଲିୟମସନଙ୍କୁ ମିଳିଛି। ଫ୍ଲେମିଂଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡ ୨୮ଟି ଟେଷ୍ଟ ଜିତିଥିଲା। ଏତଦ ବ୍ୟତୀତ ୱିଲିୟମସନ ୯୧ଟି ଦିନିକିଆରେ ଦଳର ନେତୃତ୍ୱ ନେଇଥିଲେ। ତାଙ୍କ ଅଧିନାୟକତ୍ୱରେ ଦଳ ୪୬ଟି ଦିନିକିଆ ମ୍ୟାଚ ଜିତିଥିଲା। ସେହିଭଳି ୭୫ଟି ଟି-୨୦ ଦଳରୁ ନ୍ୟୁଜିଲାଣ୍ଡ ୪୬ଟି ଜିତିଛି। ୨୦୧୬ରେ ସେ ଦଳକୁ ଟି-୨୦ ବିଶ୍ୱକପ ସେମିଫାଇନାଲକୁ ନେଇଥିଲେ। ୨୦୧୯ ଦିନିକିଆ ବିଶ୍ୱକପ ଫାଇନାଲରେ ଦଳ ୱିଲିୟମସନଙ୍କ ନେତୃତ୍ୱରେ ହିଁ ଖେଳିଥିଲା। ୨୦୨୧ ଆଇସିସି ଚାମ୍ପିଅନସିପ ଫାଇନାଲରେ ୱିଲିୟମସନଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡ ବିଜୟୀ ହୋଇଥିଲା। ୨୦୨୧ ଟି-୨୦ ବିଶ୍ୱକପ ଫାଇନାଲ, ୨୦୨୨ ଟି-୨୦ ବିଶ୍ୱକପ ସେମିଫାଇନାଲ ଓ ୨୦୨୩ ବିଶ୍ୱକପ ସେମିଫାଇନାଲ ୱିଲିୟସନଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡ ଖେଳିଥିଲା। ୱିଲିୟମସନ ଜଣେ ଦକ୍ଷ ଖେଳାଳି ଭାବେ ପରିଚିତ। ୨୦୧୯ ଆଇସିସି ପୁରୁଷ ଦିନିକିଆ ବିଶ୍ୱକପରେ ଶ୍ରେଷ୍ଠ ଖେଳାଳି ଓ ସମାନ ବର୍ଷ ଆଇସିସି ପ୍ଲେୟାର ଅଫ୍ ଦ ଇଅର ସମ୍ମାନ ପାଇଥିଲେ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି